# ଉତ୍କଳ ଗୌରବ

# Utkal Gauraba

## 2021

Oriya Cultural & Welfare Association. New Delhi

www.ocwa.in



# **Putsil**-A Hidden Heaven at Koraput



**Oriya Cultural & Welfare Association (OCWA)** is a voluntary organization incepted in the year 1992, formally incorporated on 31st October 2005 under The Societies Registration Act, 1860, dedicated to the pursuit of excellence in the promotion and propagation of Odia culture and language in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

## Our Mission:

To preserve, perpetuate and promote the Odia culture and communities with a mission statement- Eka mana, Eka Prana, Eka Pranta, Eka Chinha, which means getting Odias together.

## Our Vision:

To promote, team spirit, transparency and building trust among our fellow Odias. With the stated mission and vision, we have been successful in reaching out to our youth and several of them have come forward to become active members of the OCWA society.

# ଉତ୍କଳ ଗୌରବ
# Utkal Gauraba

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ତେବେ ନିଜ ମାତୃଭାଷା "

(ସ୍ୱଭାବ କବି ଗଙ୍ଗାଧର ମେହର)

**Language:**
Odia

**Editorial Board:**
Bijay Mohanty
Prakash Chandra Prusty
Sandipta Rout

**Our Special Thanks to :**
Shri Biswanath Dash
( Sanskrit Teacher, Shivananda Nodal High School, Bamakoyi, Ganjam)

**Cover art by:**
Shri Judhisthir Mohanty
(Hindi Teacher, A.J.O.
Govt. High School, Phulbani)

**Published by:**
Oriya Cultural & Welfare Associaiton
Regd No.S-54118 of 2005
BD-11, Janakpuri, New Delhi-110 058.

**E-mail:**
info@ocwa.in, ocwa.regd@gmail.com

**Website:**
www.ocwa.in

# ସୂଚୀପତ୍ର


ସମ୍ପାଦକୀୟ ୩
Members ୪
Photographs of events:
Ganesh Puja 2020 ୩୯
Ganesh Puja 2021 ୪୦

## ରମ୍ୟ ରଚନା/ଗଳ୍ପ/ପ୍ରବନ୍ଧ

ଉଲ୍ଲଙ୍ଘିତ ସୀମା ୫
ପ୍ରହରୀ ୯
ସୌନ୍ଦର୍ଯ୍ୟ ଭରା ଡ଼ିଉ ୧୫
ମହାମେଘବାହନ ଐର ଖାରବେଳ ୧୭
ଘୁମୁସର ବିଦ୍ରୋହ ଓ ଆଦିବାସୀ ନେତୃତ୍ୱ ୧୯
ଜେଜେ ୨୫
ଭାରତ ଜ୍ଞାନରୁ ବିଦେଶୀ ବିଜ୍ଞାନ ୨୭
ପରପୁରୁଷ ୩୦
ମୋ' ଗପଟି ସଇଲା ୩୪
ଜୀବନର ଆଚ୍ଛୁଆଳେ ୩୮

## ବ୍ୟଙ୍ଗ କବିତା/କବିତା

ମାଆ ଡାକୁଛି ୪୩
ଆଉ କିଛି ଭାବ ବୋଧ ଉର୍ଦ୍ଧ୍ୱରେ ୪୪
ସେବା – ବାସେ ୪୪
ଚିଲିକା ୪୫
ଆସ ଈଶ୍ୱର ଙ୍କୁ ଭେଟିବା ୪୭
ସୈତାନ ୪୮
ଅପା'ର ଚିଠି ୫୦
ଫୁଟାଥାଳି ୫୧
ସ୍ୱାଭିମାନୀ ମଧୁ ବାବୁ ୫୨
ସବୁଦିନ ଛୁଟି ହେଉ ୫୨
ବାପୁ ୫୩
ବାଣୀ ୫୪
ଅଲେଖା ସ୍ମୃତି ୫୫
କବିତାର ଜନ୍ମ ୫୫
ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ୫୬
ସମ୍ବଲପୁରରୁ ଶେଷ ଶ୍ୱାସ ଯାଏ ୫୭
ପ୍ରେୟସୀ ଗୋ ତୁମେ ୫୭
ବଡ ଘରର କୁକୁର ୫୮
ଯନ୍ତ୍ରଣା ମୋ ନିହାତି ନିଜର ୫୮
ବାଣୀ

# ସମ୍ପାଦକୀୟ

କୋଭିଡ ମହାମାରୀ ଯୋଗୁ "ଉତ୍କଳ ଗୌରବ" ର ପଞ୍ଚଦଶ ସଂସ୍କରଣ ଛପାଇବାରେ ବିଳମ୍ବ ହେତୁ ଆମେ ଦୁଃଖିତ । ଅନବରତ ପ୍ରୟାସ ଫଳରେ ବିଳମ୍ବରେ ହେଉ ପଛେ ଆଜି ପତ୍ରିକାଟି ଆମ୍ ପ୍ରକାଶ ଲଭିଛି । ଏହା ଆମ ପାଇଁ ଏକ ଗର୍ବ ଓ ଗୌରବର ବିଷୟ । ସମସ୍ତ ଲେଖକ ଲେଖିକା ମାନଙ୍କର ସହଯୋଗ ପାଇଁ ହାର୍ଦ୍ଦିକ ଧନ୍ୟବାଦ ଓ କୃତଜ୍ଞତା ଜଣାଉ ଅଛୁ । ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ, ଆମର ପ୍ରୟାସ ଗୁଂଡୁଚି ମୂଷାର ରାମ ସେତୁ ନିର୍ମାଣରେ ଯୋଗଦାନ ସଦୃଶ ।

ଆମେ ସବୁ ଓଡିଶା ମାଟିରେ ବଢିଛେ, ଓଡିଶା ପ୍ରତି ଆମର କର୍ତ୍ତବ୍ୟ ତଥା ମାଟି ମା'ର ଋଣ କେମିତି ପରିଶୋଧ କରିବା – ଏକ ଆହ୍ୱାନ ଅଛି ।

ଆମ ଓଡିଶା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳରେ ପରିପୂର୍ଣ୍ଣ । ଆମର ୱେବ୍ସାଇଟରେ (https://ocwa.in/about-odisha/) ପ୍ରାୟ ସବୁ ପର୍ଯ୍ୟଟନ ସ୍ଥଳର ସଂକ୍ଷିପ୍ତ ବିବରଣୀ ଉପଲବ୍ଧ ଅଛି । ଆମର ପର୍ଯ୍ୟଟନ ସ୍ଥଳ ଅନ୍ୟ କୌଣସି ରାଜ୍ୟର ପର୍ଯ୍ୟଟନ ସ୍ଥଳ ଠାରୁ କମ ନୁହେଁ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଅଗୋଚର ଯୋଗୁ ବଣ ମଲ୍ଲି ବଣରେ ଫୁଟି ରହି ଯାଉଛି । ଯଦି ସବୁ ଜାଗାକୁ ଗମନା ଗମନର ସୁବିଧା କରାଯାଇ ରହିବାର ବ୍ୟବସ୍ଥା କରା ଯାଇ ପାରନ୍ତା ତେବେ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ବି ଏକ ଉତ୍ତମ ସାଧନ ହୋଇ ପାରନ୍ତା । ଆମେ ଯଦି ଓଡିଶା ବାହାରେ ଓଡିଶାର ଅଜଣା ପର୍ଯ୍ୟଟନ ସ୍ଥଳ ବିଷୟରେ ଅଣ ଓଡ଼ିଆ ବନ୍ଧୁ ମାନଙ୍କୁ ଅବଗତ କରାଇ ପାରିବା, ତେବେ ତାହା ଆମ ଜନ୍ମ ଭୂମି ପାଇଁ ଶ୍ରଦ୍ଧା,ସମ୍ମାନ ଓ ଗୌରବର ଉତ୍ତମ ପ୍ରୟାସ ଟିଏ ହେବ ।

ଓଡିଶା ସରକାର ଏହି ଦିଗରେ ଏକ ଉତ୍ତମ ପଦକ୍ଷେପ ନେଇଛନ୍ତି । Eco retreat ନାମରେ ବର୍ତମାନ ସାତଟି ଜାଗାରେ ପର୍ଯ୍ୟଟକ ମାନଙ୍କ ପାଇଁ ବ୍ୟବସ୍ଥା କରାଯାଇ ଅଛି , ସେ ଜାଗା ଗୁଡିକ ହେଲା ରାମଚଣ୍ଡୀ ( କୋଣାର୍କ ), ସାତକୋଶିଆ, ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ, ପାତି ସୋନାପୁର ( ଚିକିଟି ବ୍ଲକ) , ପୁଟସିଲ (କୋରାପୁଟ) । ଅତି ଉଚ୍ଚ ମାନର ବିଚାର ଓ ସୁବିଧା ସହ ପର୍ଯ୍ୟଟକ ମାନଙ୍କର ରହିବା ପାଇଁ ବ୍ୟବସ୍ଥା କରା ଯାଇଅଛି । ବହୁତ ପର୍ଯ୍ୟଟକ ଆସୁଛନ୍ତି ମଧ୍ୟ । ହେଲେ ବିଜ୍ଞାପନ ମାଧ୍ୟମରେ ଆହୁରି ଓଡିଶା ବାହାର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପଡିବ ।



ଆସନ୍ତୁ, ଓଡ଼ିଶାର କଳା ଓ ସ୍ଥାପତ୍ୟକୁ ବିଶ୍ୱରେ ତାର ସ୍ୱତନ୍ତ୍ର ପରିଚୟ ପାଇଁ ଯଥା ସମ୍ଭବ ଚେଷ୍ଟା କରିବା । ଓଡିଶାରେ ଉତ୍ପାଦିତ, ସମ୍ବଲପୁରୀ ବସ୍ତ୍ର ହେଉ କି ଖୋର୍ଦ୍ଧା ର ନାଲି ଗାମୁଛା ହେଉ କି ବରହମପୁରୀ ପାଟ ହେଉ ବ୍ୟବହାର କରିବା । ଉପହାର ତ ଆମେ କେତେ କଣ ଦେଉଛେ, ତେବେ ଅଣ ଓଡ଼ିଆ ବନ୍ଧୁ ମାନଙ୍କୁ ଉପହାର ଦେବା ସମୟରେ କଟକର ତାରକସି କାମର ଜିନିଷ ଟିଏ ବା ପିପିଲିର ଚାନ୍ଦୁଆ ଭଳି ଆମର ଜିନିଷ ଟିଏ ଦେଲେ କେମିତି ହୁଅନ୍ତା ? ଆସନ୍ତୁ ଆଦର କରିବା ଆମ ମାଟି ମାଆର ପ୍ରତିଟି ବିଶେଷତାକୁ ସନ୍ତାନର କର୍ତ୍ତବ୍ୟରେ, ଶ୍ରଦ୍ଧା ଓ ସମ୍ମାନର ସହ ।

ବନ୍ଦେ ଉତ୍କଳ ଜନନୀ

ଜୟ ଜଗନ୍ନାଥ
ବିଜୟ ମହାନ୍ତି
ପ୍ରତିଷ୍ଠାତା ସଭାପତି

# LIFE MEMBERS-2021

Ajay Mohanty (Mitu)
Animesh Roul
Anup Samal
Ashok Das
Babuli Nayak
Banoj Kumar Pradhan
Basant Kr. Sahoo
Bibekanand Pattanaik
Bijay Pradhan
Bimalendu Sahu
Debashis K. Mohanty
Dr. Anil K. Goel
Dr. Sananta Sahoo.
Jagdish Patra
Jiten Mohanlal
Jitendra Kumar Sahoo
Kaushik Triphathy
Litu Ch. Swain
Madhusudan Pothal
Nayan Kishor Das
Prakash Chandra Prusty
Priya Sahoo
Puspita Jena
Rakesh Prusti
Ram Ranjan Mohapatra
Ranjan Biswal
Ravi Lal Thapa
Samish Mohanty
Sanjay Bal
Sanjay Mohanty
Sanjit Das
Santosh Kumar Sarangi
Santosh Biswal
Saroj Das
Shibashis Mohanty
Sisir Rout
Sobhan Kr. IRS
Soubhagya Bhol
Subrat Kr. Das
Sushant Kr. Das
Suvendu Das
Yashwanta Sharma

# MEMBERS-2021

Ajay Mohanty
Ajit Kumar Barek
Alok Das
Anam Sahoo
Arabinda Das
Aswinee Samantray
B K Rath
Bijay K. Mohanty
Bimal Prasad Samal
Debasis Goswami
Dhirendra Kr. Sahoo
Dinesh Kumar Sahu
Gajendra P. Samanta
Girija Sankar Das
Hemanta Rout
Hrudaya Ranjan Bhuyan
Litton Mukherjee
Major Umesh C. Nayak
Piyush Mohapatra
Prabhat Kishor Bhuyan
Prabhat Kumar Mohanty
Prabin Panda
Pradeep K. Sahoo
Pradeep Rout
Pradeepta Bhuyan
Pradip Parija
Parnab Biswal
Prasanta Kr. Das
Prashant Nayak
Rabindra Nath Mishra
Ramnath Sahoo
Ranjan Kr. Sahoo
Sagar Pradhan
Sandipta Rout
Sanjay Mohanty
Sanjay Subudhi
Sanjit Mohanty
Santanu Khuntia
Sasmita Mohanty
Sitakanta Das
Smurti Ranjan Sahoo
Subhransu Das
Sujata Das
Sunil Mohapatra
Surajeet Patnaik
Surender Baxi
Suresh Ch. Behera
Suresh Swain
Suvendu Sahu
Tanka Dhara Dass



# ଉଲ୍ଲଙ୍ଘିତ ସୀମା

କମଳା ଶତପଥୀ

ପୁଣି ଆଜି ଚାଲି ଯାଇଥିଲା ବୋହୂଟା ନଖାଇ ନପିଇ । କେତେ ଶ୍ରଦ୍ଧାରେ ତାରି ପାଇଁ ତରବରରେ ପୂଜା ସାରିଥିଲେ, ହେଲେ ଜରୁରୀ ମିଟିଙ୍ଗ୍ ର ବାହାନା କରି ଟେବୁଲ୍ ଆଡକୁ ଥରେ ନଚାହିଁକି ଚାଲିଗଲା । ମନଟା ବ୍ୟସ୍ତ ହେଇଉଠିଲା ରେଣୁକାଙ୍କର । କେମିତି ଏକ ନିସ୍ବତା ଭରିଗଲା ହୃଦୟରେ ! ଆଜି ଏତେ ବଡ ଦିନଟାରେ ଠାକୁରଙ୍କୁ ମୁଣ୍ଡିଆଟିଏ ମାରିବା ତ ଦୂରର କଥା, ଅଗାଧୁଆ, ଅଖିଆ ଅପିଆ ହୋଇ ଘରୁ ବାହାରିଗଲା । କହିଲା କ'ଣ ନା – ଏସବୁ ତାଙ୍କରି କାମ, ନିଶ୍ଚିନ୍ତରେ ଦିନସାରା ବସି କରୁଥାନ୍ତୁ ! ସନ୍ଧ୍ୟାରେ ଫେରିଲା ପରେ ମୁଣ୍ଡିଆ ମାରିଦେବ ଠାକୁରଙ୍କୁ । ସତେ ଯେମିତି ଠାକୁର ତା' ମୁଣ୍ଡିଆ ପାଇଲେ କୃତାର୍ଥ ହେଇଯିବେ ! ମନଟା କହୁଥିଲା ରାଗିକି ଦି' ପଦ ଶୁଣେଇ ଦିଅନ୍ତେ, ମାତ୍ର କେମିତି ? ପାଠ ପଢୁଆ ବୋହୂ ତାଙ୍କର, ତା' ସହିତ ବଡ ଚାକିରିଆ, ଆଜିପର୍ଯ୍ୟନ୍ତ ଜଗିରଖି କଥା କହିଛନ୍ତି ! ଆଜି ହଠାତ୍ କରି ପଦେ ଶୁଣେଇ ଦେଲେ କଥାଟା ଅନ୍ୟଥା ହେଇଯିବନି ? ଚୁପ୍ ରହିବାଟା ବେଶି ଉଚିତ୍ ହେବ ଭାବି ଦାଣ୍ଡଦୁଆର ବନ୍ଦକରି ପୁଣି ପୂଜାଘରକୁ ଫେରି ଆସିଲେ ।

ମନର ତିକ୍ତତାକୁ ଭୁଲିବାକୁ ନିଜ କାମରେ ମନ ନିବେଶ କଲେ । ତରବରରେ ସାରି ଦେଇଥିବା ପୂଜାକୁ ଆଉ ଥରେ ଆରମ୍ଭ କଲେ । ତୁଳସୀ ଚଉରାକୁ ପୁଣି ଥରେ ସଫାକରି ମୁରୁଜର ନୂଆ ଡିଜାଇନ୍ କରି ରଙ୍ଗ ଭରିଲେ । ସାମାନ୍ୟ ଖୁସି ଲାଗିଲା ନିଜ ସଉକିକୁ ପୂରଣ କରି । ମାର୍ଗଶୀର ମାସରେ ଗାଁସାରା ଘର ଘର ବୁଲି ସେ ଝୋଟି ପକାନ୍ତି । କେତେ ପ୍ରଶଂସା ଶୁଣିଛନ୍ତି ସେସବୁ ପାଇଁ, ତା'ର ହିସାବ ନାହିଁ । ସେ ବଙ୍କାଟେଢା ଝୋଟି ବି ବୋଉ ଜେଜେମା'ଙ୍କୁ ଖୁସି କରିଦଉଥିଲା । ଅଥଚ ଆଜି ଏତେ ସୁନ୍ଦର ପକେଇଥିବା ଝୋଟିକୁ ଦେଖିବାକୁ ବି କାହା ପାଖରେ ସମୟ ନାହିଁ । ଓଲଟି ବୋହୂକୁ ତାଙ୍କର ଏସବୁ ଭାରି ନାପସନ୍ଦ । ଘରଦ୍ୱାର ଅପରିଷ୍କାର ହେବା ସଙ୍ଗେ ସଙ୍ଗେ ମୁରୁଜ ଲାଗି ତା' ପାଦ ଖରାପ ହେଇଯାଉଛି ବୋଲି ନାକ ଟେକେ । ତାଙ୍କର ଶତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି, ପିନ୍ଧିଥିବା ଚପଲଟାକୁ ଝୋଟି ଉପରେ ଘୋସାରି ଦେଇ ଚାଲିଯାଏ । ସେତେବେଳେ ନିଜ ଛାତି ଉପରେ ରେଣୁକା ଅନୁଭବ କରନ୍ତି ବୋହୂର ଚପଲ ଘୋସରା ଜନିତ କ୍ଷତ !

ମୁରୁଜ ପକେଇବାର ସବୁ ଆଗ୍ରହ ମରିଗଲା ସେଇ ମୁହୂର୍ତ୍ତରେ । ବାହାରି ଆସିଲେ ଠାକୁରଘରୁ । ଟିଭିଟାକୁ ଲଗେଇଦେଇ ଖବରକାଗଜ ଓଲଟେଇବାକୁ ଲାଗିଲେ । କ'ଣ ଆଉ ତାଙ୍କର କାମ ? ଏଇ ହାତଗଣତି ଦୁଇ ତିନିଟି କାମ ଛାଡିଦେଲେ ନିତିଦିନ ତାଙ୍କର ସମୟ କଟେ କେବଳ ସମସ୍ତଙ୍କ ପ୍ରତିକ୍ଷାରେ । ଆଉ ଯଦି ସେଇ ବିଷୟରେ କଦବା କ୍ୱଚିତ୍ କାହାକୁ କିଛି କହିବସନ୍ତି, ଠୋ ଠୋ କରି ହସିଉଠନ୍ତି ସମସ୍ତେ । ପ୍ରଥମେ ତ ଅମରେନ୍ଦ୍ରଙ୍କ ଆଖିରେ ଭାସିଯାଏ ତାଙ୍କ ନିରବ ଯନ୍ତ୍ରଣା ପ୍ରତି ଖୁବ୍ ଗୋଟାଏ ଅବଜ୍ଞା ଭାବ ! କିଛି ନକହିଲେ ବି ସେ ଆଖିରୁ ରେଣୁକା ଠିକ୍ ପଢିପାରନ୍ତି ତାଙ୍କ ପ୍ରତି ଲୁଚି ରହିଥିବା ଆକ୍ଷେପ । ସେହି କଥାକୁହା ଆଖିର ସାମନା ବେଶି ସମୟ କରିପାରନ୍ତିନି । ଭୟ ହୁଏ, ସତେ ଯେପରି ଏଇଲେ ସେ କହିଉଠିବେ – ଏବେ ମୁଣ୍ଡ ବାଡେଇଲେ କ'ଣ ହେବ ? ଚାକିରିଆ ବୋହୂର ଶାଶୁ ହେବାର ଆଗ୍ରହ ତ ତୁମର ଥିଲା ! ଆଉ ଏଇଲେ ଚାକିରିଆ ବୋହୂର କାର୍ଯ୍ୟକଳାପ ତୁମକୁ ଦୁଃଖ ଦେଲେ କିଏ କ' ଣ କରିପାରିବ !

ହଁ, ଏଇ ପଦକ ଶୁଣିବେ ନାହିଁ ବୋଲି ଅନେକ ଚେଷ୍ଟା କରିଆସିଛନ୍ତି ରେଣୁକା ! କେତେ ଗରଳକୁ ହସି ହସି ପିଇସାରିଛନ୍ତି ନିଜେ ବି ହିସାବ ରଖିନାହାନ୍ତି ! ଆଉ ଆଜି ସେଇ ଚେଷ୍ଟାକୁ କିପରି ବା ଅସାର କରିଦେବେ ସେ ! ପୁଅ ସରୋଜକୁ କେବେ ଯଦି କିଛି କହିବାକୁ ଚାହାନ୍ତି, ମଳିନ ହସ ହସି ସେଠାରୁ ସେ ଅବିଳମ୍ବେ ଚାଲିଯାଏ । ବ୍ୟଥିତ ହୋଇଉଠନ୍ତି ରେଣୁକା । ସେ ମାନୁଛନ୍ତି ସୋମାକୁ ସିଏ ପସନ୍ଦ କରିଥିଲେ, କିନ୍ତୁ ତା' ବୋଲି କ'ଣ ସବୁ କଥାରେ ସିଏ ହିଁ ଦୋଷୀ ହେଉଥିବେ ! ତାକୁ

ଆକଟ କରି କେହି କ'ଣ ପଦେ କହିବାର ଦାୟିତ୍ୱ ଉଠେଇବା କଥା ନୁହେଁ ! ତାକୁ ପସନ୍ଦ କରିବା ମୂଳରେ ଲୁଚି ରହିଥିବା ତା'ର ବଡ ଚାକିରି, ଅନିନ୍ଦ୍ୟ ସୌନ୍ଦର୍ଯ୍ୟ ଆଉ ତା'ର ଅତ୍ୟାଧୁନିକ ଚାଲିଚଳନ କ'ଣ କେବଳ ତାଙ୍କ ନିଜ ପାଇଁ ଥିଲା ? ପରିବାର ପାଇଁ ନୁହେଁ .. ସମସ୍ତଙ୍କ ମାନସମ୍ମାନ ପାଇଁ ନୁହେଁ ?

ମାତ୍ର ସେହି ସବୁ ଆଜି ଏମିତି ଭାବରେ ତାଙ୍କ ହୃଦୟକୁ କ୍ଷତାକ୍ତ କରିପକେଇବ ବୋଲି ସିଏ କ'ଣ କେବେ ଚିନ୍ତା କରିଥିଲେ ! ଶତ ବାରଣ କରିଥିଲେ ଅମରେନ୍ଦ୍ର – 'ଆମ ଭଳି ପରମ୍ପରାଗତ ଚଳଣି ଭିତରେ ସୋମା ଭଳି ଝିଅ ଚଳି ପାରିବନି । ଆମକୁ ଅଡୁଆ ଲାଗିବ, ତା' ନିଜକୁ ବି ଅସୁବିଧା ହେବ । ଆମ କଥା ଛାଡ, ରେଣୁକା ନିଜେ ହିଁ ତା' ସଙ୍ଗେ ନିଜକୁ ଚଳେଇ ପାରିବେନି ।'

ମାତ୍ର ଏସବୁ କଥା ତାଙ୍କୁ କିଛି ଶୁଭିନଥିଲା । ମନରେ କେବଳ ଗୋଟିଏ ଲାଳସା ଥିଲା ଯେ ସୋମା ଭଳି ସର୍ବଗୁଣସମ୍ପନ୍ନ ଝିଅଟିଏ ସମାଜରେ ନିଶ୍ଚୟ ତାଙ୍କର ମାନସମ୍ମାନ ବୃଦ୍ଧି କରିବ ! ତାଙ୍କ ଭାଇବନ୍ଧୁ କୁଟୁମ୍ବରେ ଆଜି ପର୍ଯ୍ୟନ୍ତ କାହାରି ଝିଅବୋହୂ ବେଶି ପାଠ ସୁଦ୍ଧା ପଢିନାହାନ୍ତି, ଚାକିରି କଥା ତ ବହୁ ଦୂରକୁ ରହିବ !

ପ୍ରଥମରୁ ହିଁ ସେ ନିଜକୁ ସମସ୍ତଙ୍କ ଠାରୁ ବିଶିଷ୍ଟ ଭାବି ଆସିଛନ୍ତି । କେହି ସ୍ୱୀକାର କରୁ କି ନକରୁ, ନିଜର ବୁଦ୍ଧି ବିବେକ, ଘରସଂସାର, ସ୍ୱାମୀପୁତ୍ର, ଅନ୍ୟ ସମସ୍ତଙ୍କ ଠାରୁ ଯେ ଯଥେଷ୍ଟ ଉଚ୍ଚସ୍ଥାନୀୟ, ସେକଥାକୁ ସବୁବେଳେ ସେ ପ୍ରଦର୍ଶୀତ କରିଆସିଛନ୍ତି । ସେଇ ଧାରଣାକୁ ଅଧିକ ଦୃଢତାର ସହ ପ୍ରମାଣିତ କରିବାକୁ ସୋମାକୁ ସେ ପସନ୍ଦ କରିଥିଲେ । ତାଙ୍କ ସାନଭଉଣୀ ରାଧିକାର ପୁଅ ବାହାଘର ବି ଠିକ୍ ସେତିକିବେଳେ ହେଇଥିଲା । କିନ୍ତୁ ତା' ବୋହୂ ସୋମା ଠାରୁ ବହୁ ଗୁଣରେ ଅନେକ ହାତ ପଛରେ । ସବୁଠାରୁ ବଡ କଥା ହେଲା ସୋମା ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ । ବିରାଟ ବଡ ସରକାରୀ ବଙ୍ଗଳା, ଚାକରବାକରରେ ପରିପୂର୍ଣ୍ଣ ତା' ଘରେ ସେ ବଡ ଆରାମରେ ରହୁଛନ୍ତି । ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରୁଛନ୍ତି । ଏପରି ସୁଖ ବୋହୂ ପାଖରୁ ପାଇବାର ସୌଭାଗ୍ୟ ତାଙ୍କ କୁଟୁମ୍ବରେ ଭଲା ଆଉ କାହାର ଅଛି ! ସେଥିପାଇଁ ତ ଆଜି ସମସ୍ତେ ତାଙ୍କ ଭାଗ୍ୟକୁ ଦେଖି ଈର୍ଷାରେ ଜଳିପୋଡି ଯାଉଛନ୍ତି । ଏସବୁ ବଦଳରେ ଯଦି ତାଙ୍କୁ ଅଳ୍ପ କିଛି ତ୍ୟାଗ କରିବାକୁ ପଡୁଛି, ସେଥିରେ ମନ ଖରାପ କରିବା କ'ଣ ଉଚିତ ହେବ ? ମୋଟେ ନୁହେଁ !

ସକାଳର ଦୁଶ୍ଚିନ୍ତା ସବୁକୁ ମନରୁ ଝଟକେଇ ବାହାର କରିଦେଲା ପରେ ଚା ଜଳଖିଆ ପାଇଁ ଟେବୁଲ୍ ପାଖକୁ ଚାଲିଆସିଲେ । ପୂଝାରୀ ରଘୁ ଆଣି ବଳେଇ ବଳେଇ ସବୁ ଦେଇଗଲା । ଆଜି ଶାମ୍ବଦଶମୀ ବୋଲି ସକାଳୁ ସକାଳୁ କେତେ ଶ୍ରଦ୍ଧାରେ ସେ ନିଜେ ପିଠା, ତରକାରୀ, ଖିରି, ଖେଚେଡି ସବୁ କରିଥିଲେ । ସରୋଜ ଦୁଇ ଦିନରୁ ଟୁର୍ ରେ ଯାଇଛି, ଆଜି ଆସିପାରେ । ସେ ଭଲପାଏ ବୋଲି ପିଠାପଣା କରିବାକୁ ରେଣୁକାଙ୍କର ଆଗ୍ରହ ହୁଏ । ନହେଲେ ଅମରେନ୍ଦ୍ର ତ ବହୁମୂତ୍ର ରୋଗୀ, ଏସବୁର ଧାର୍ ଧାରନ୍ତିନି । କାଳେ ବୋହୂ ଖାଇବାକୁ ମନକରିବ ଭାବି ଶୀଘ୍ର ପୂଜା ସାରି ଟେବୁଲ୍ ଉପରେ ରଖି ଦେଇଥିଲେ । କହିଥିଲେ ବି ଟିକିଏ ଚାଖିବାକୁ । ମାତ୍ର ଆଡ ଆଖିରେ ନଚାହିଁ ସିଏ ବାହାରିଗଲା । ହଉ, ନଖାଆନ୍ତୁ କେହି ! ସେ କାହିଁକି କାହା ଲାଗି ଏତେ ମନଦୁଃଖ କରିବାକୁ ଯିବେ ! ନିଜେ ବସି ବସି ମନ ପୂରେଇ ଖାଉଥିଲେ ବି ମନଟା ରହି ରହି ତାଙ୍କୁ କହୁଥିଲା କେହି ଘରେ ଥାଆନ୍ତା କି, ତାଙ୍କୁ ବଳେଇ ବଳେଇ ଖାଇବାକୁ ଟିକେ ଦିଅନ୍ତା ! ରଘୁ ଅବଶ୍ୟ ଦିଏ, କିନ୍ତୁ ସେଥିରେ କ'ଣ ଆତ୍ମୀୟତା ଥାଏ, ଯୋଉଥିପାଇଁ ତାଙ୍କ ମନଟା ଆଜିକାଲି ବେଶି ଛଟପଟ ହେଉଛି ! କେବଳ ନିଜର କର୍ତ୍ତବ୍ୟ ସାରିବାକୁ ଥରେ ଦୁଇ ଥର ପଚାରିଦେଇ ରଘୁ ନିଜ କାମରେ ଚାଲିଯାଏ । ସେ ଖାଇଲେ ବା ନଖାଇଲେ, ତା'ର ବା କ'ଣ ଯିବ ?

ଦୁନିଆ ଆଖିରେ ରେଣୁକାଙ୍କ ଠାରୁ ସୁଖୀ ଏ ସଂସାରରେ ଆଉ କେହି ନାହାନ୍ତି । ବିରାଟ ବଙ୍ଗଳାରେ ରହୁଛନ୍ତି .. ଗାଡି ମଟରରେ ବୁଲୁଛନ୍ତି ..ଦି'ଅଣ୍ଡା ଚାକର ପୂଝାରୀଙ୍କ ଉପରେ ଶାସନ କରୁଛନ୍ତି । ଧନସମ୍ପତ୍ତି, ବୁଲାବୁଲି, କିଣାବିକା, କୋଉଥିରେ କିଛି ଅଭାବ ନାହିଁ । ବାସ୍ତବରେ ସେସବୁଥିରେ

ରେଣୁକାଙ୍କ ଜୀବନ ଆଜି ପରିପୂର୍ଣ୍ଣ । ସାରା ଜୀବନର ସବୁ କଷ୍ଟ ଭୁଲି ସାରିଲେଣି ଏଇ କିଛି ବର୍ଷର ସୁଖ ପାଇବାରେ । ତଥାପି କାହିଁକି ମନଟା ତାଙ୍କର ବେଳେ ବେଳେ କେମିତି ଏକ ଅଭାବବୋଧରେ ଛଟପଟ କରିଉଠେ । ଯେତେ ସବୁ ଅବାସ୍ତବ ଆଶା ମନକୁ ଚହଲେଇ ଦେଇଯାଏ । ଯାହା କେବେ ସମ୍ଭବ ନୁହେଁ, ସେହି ସବୁର ଆଶା ମନକୁ ମାଡିଆସେ । ଅବଶ୍ୟ ଏସବୁ କେବଳ ଆଜିକାର କଥା ନୁହେଁ । ସବୁବେଳେ ସେ ଏମିତି । ତାଙ୍କ ଆଶା ଆକାଂକ୍ଷାକୁ କେବେ କୌଣସି ବନ୍ଧ ଦ୍ୱାରା ଆୟତାଧିନ କରିବା ସମ୍ଭବ ହେଇନାହିଁ । ଅନେକ ଥର ଅମରେନ୍ଦ୍ର ତାଙ୍କୁ କହିଛନ୍ତି, "ରେଣୁକା, ଚାଦର ଅନୁସାରେ ଗୋଡକୁ ନିୟନ୍ତ୍ରିତ କରି ରଖିବା ଶିଖ । ନହେଲେ ତୁମେ ନିଜେ ହିଁ ହଇରାଣ ହେବ, ଯାହାର ଫଳାଫଳ ପୂରା ପରିବାରକୁ ଭୋଗ କରିବାକୁ ପଡିବ ।" କିନ୍ତୁ ପାରିନାହାନ୍ତି ରେଣୁକା । କେବେ ଚେଷ୍ଟା କରିନାହାନ୍ତି ବା ସେକଥାକୁ ମହତ୍ତ୍ୱ ଦେଇନାହାନ୍ତି ବୋଲି କହିବାଟା ବେଶି ଠିକ୍ ହେବ ।

ଆଜି ବି ସେମିତି କିଛି ଅସମ୍ଭବ କଥା ତାଙ୍କ ମନକୁ ବିଷାଦର ଘେରରେ ବନ୍ଦୀକରି ରଖିଛି । ସେ ଜାଣିଛନ୍ତି, ଯାହା ସେ କଳ୍ପନାରେ ଦେଖୁଛନ୍ତି, ତାହା ବାସ୍ତବରେ ସଂପୂର୍ଣ୍ଣ ଅସମ୍ଭବ, ତଥାପି କଳ୍ପନାର ସେଇ ବେଲଗାମ ଘୋଡାକୁ ସେ କଷି ପାରୁନାହାନ୍ତି । ରହି ରହି କେବଳ ଗୋଟିଏ ଛବି ଆଖି ସାମନାକୁ ବାରମ୍ବାର ଚାଲିଆସୁଛି । ଆଉ ସେ ଛବିଟା ଥିଲା ରାଧିକାର ବୋହୂର ଛବି । ଦୃଶ୍ୟଟା ଯଦିଓ ଖୁବ୍ ମାମୁଲି, କିନ୍ତୁ ଆଜିକା ଦିନରେ ରେଣୁକାଙ୍କର ଦରଦୀ ହୃଦୟକୁ ସେହି ଦୃଶ୍ୟ ବାରମ୍ବାର ବିନ୍ଧିଯାଉଛି । ଯେତେ ଚେଷ୍ଟା କଲେ ବି ସେଇ ମାମୁଲି ଦୃଶ୍ୟକୁ ନିଜ ମାନସପଟରୁ ସେ ଦୂରେଇ ପାରୁନାହାନ୍ତି !

ଯେତେବେଳେ ରାଧିକା ନିଜ ପୁଅ ବାହାଘରର ଖବର ତାଙ୍କୁ ପଠେଇଥିଲା, ତାଚ୍ଛଲ୍ୟରେ ସେ ହସି ଉଠିଥିଲେ । ସୋମାକୁ ନିଜ ପୁଅ ପାଇଁ ପସନ୍ଦ କରିସାରିଲା ପରେ ଆଉ କାହାର ଝିଅବୋହୂ ତାଙ୍କ ମନକୁ ଯାଉନଥିଲା । ରାଧିକାର ବୋହୂ ସହିତ ନିଜ ଭାବୀବୋହୂର ତୁଳନା କରି ଖୁବ୍ ଆତ୍ମସନ୍ତୁଷ୍ଟି ପାଇଥିଲେ ଯେ ସୋମାର ରୂପଗୁଣ, ବିଦ୍ୟାବୁଦ୍ଧି, ଖାନଦାନ୍ କାହା ସହିତ ସେ ତୁଳନୀୟ ନୁହେଁ । ରାଧିକା ଯେ ନିଶ୍ଚୟ ଈର୍ଷାଳୁ ହୋଇଉଠୁଥିବ, ସେକଥା ତାଙ୍କୁ ଜଣାଥିଲା । ଆଉ ତାହା ହିଁ ତାଙ୍କୁ ପ୍ରଦାନ କରିଥିଲା ବିଜୟର ଏକ ଉଷୁମ ସନ୍ତୁଷ୍ଟି ! ନିହାତି ସାଧାରଣ ଭାବେ ରାଧିକାର ସମୁଦି ଝିଅ ବିଭାକାର୍ଯ୍ୟ ସଂପନ୍ନ କରିଥିଲେ । ରାଧିକାର ମନ ଭାଙ୍ଗି ପଡୁଥିଲେ ବି କିଛି ପ୍ରକାଶ କରି ପାରୁନଥିଲା । ରେଣୁକା ଜାଣିଥିଲେ ନିଜ ଆବେଗକୁ ପ୍ରକାଶ କରି ରାଧିକା ତାଙ୍କ ଆଗରେ ଛୋଟ ହେବାକୁ ଚାହିଁବନି ।

ଅଳ୍ପ ଦିନ ଭିତରେ ସରୋଜ ବାହାଘରର ଭବ୍ୟ ସମାରୋହ ଦେଖି ତାଙ୍କ ଜ୍ଞାତିକୁଟୁମ୍ବଙ୍କ ଆଖି ଖୋସି ହେଇଯାଇଥିଲା । ସେମାନଙ୍କ ମୁହଁର ସେ ଆଶ୍ଚର୍ଯ୍ୟ ଆଉ ବିହ୍ୱଳ ଭାବକୁ ଦେଖି ରେଣୁକାଙ୍କ ଦଗ୍ଧ ହୃଦୟ ଶାନ୍ତ ହୋଇଯାଉଥିଲା । ଏତିକି ଦେଖିବେ ବୋଲି ତ ଅମରେନ୍ଦ୍ରଙ୍କ କୌଣସି କଥାକୁ ମାନିନଥିଲେ । ସରୋଜର ପସନ୍ଦ ଅପସନ୍ଦକୁ ମହତ୍ତ୍ୱ ଦେଇନଥିଲେ । ନିଜର ସୀମା ଉଲଙ୍ଘନ କରି ବଢି ଯାଇଥିଲେ ଆଗକୁ ଆଗକୁ.. ବହୁତ ବେଶି ଆଗକୁ ।

ଏବେ ସବୁକିଛି ତାଙ୍କ ହାତମୁଠାରୁ ଚାଲିଗଲା ପରେ ନିହାତି ଛୋଟ ଛୋଟ କଥା ପାଇଁ ତାଙ୍କ ଭିତରେ ଦେଖା ଦେଉଥିବା ବ୍ୟାକୁଳତା ସବୁ ତାଙ୍କୁ ଯେତେ କଷ୍ଟ ଦେଲେ ବି କାହା ଆଗରେ ପ୍ରକାଶ କରିବାକୁ ସେ ସାହସ କରିପାରନ୍ତିନି । ରହି ରହି ମନେ ପଡିଯାଏ ନିଜ ଆଖିରେ ଦେଖିଥିବା ରାଧିକାର ସୁଖୀ ସଂସାରର ରୂପରେଖ ! ରାଧିକା ପରି ସେ ବି ଶାଶୁ ହେଇଛନ୍ତି, କିନ୍ତୁ କେବଳ ବାହାର ଦୁନିଆକୁ ଦେଖେଇବା ପାଇଁ । ରାଧିକା ପରି ଶାଶୁର ମର୍ଯ୍ୟାଦା ସେ କେବେ ପାଇ ପାରିନାହାନ୍ତି । ତା'ର ଅଧା ପାଠୋଇ ଶ୍ୟାମଳବର୍ଣ୍ଣୀ ବୋହୂ ତାକୁ କେତେ ମାନସମ୍ମାନ ଦେଉଛି, ନିଜ ଆଖିରେ ଦେଖିନଥିଲେ ସେ କେବେ ବିଶ୍ୱାସ କରିନଥାନ୍ତେ । ସାରା ଘରର ଯାବତୀୟ କାମ କରି ଶାଶୁର ଗାଳିମନ୍ଦ ଖାଇ ମଧ ଯେତେବେଳେ ସେ ହସି ହସି ତାଙ୍କ ଆଗରେ ଚାଲିଯାଉଥିଲା, ରେଣୁକାଙ୍କର ଇଚ୍ଛା ହେଉଥିଲା ମନଭରି କାନ୍ଦିପକାନ୍ତେ । କିନ୍ତୁ ସୁଖୀ ପରିବାରର ପିନ୍ଧିଥିବା ଖୋଳପାକୁ କାଢିଦେଇ ଲୁହ ବାହାର କରିଦେବାର ଧୃଷ୍ଟତା ସେ କେମିତି ବା କରିପାରିଥାନ୍ତେ !

ବାହାଘର ବର୍ଷେ ପୁରୁ ନପୁରୁଣୁ ରାଧିକା ନାତିର ମୁଖ ଦେଖିବାର ସୌଭାଗ୍ୟ ଲାଭ କରିପକେଇଲା । ନିଜ ଗୋଡରେ ନାତିକୁ ଶୁଆଇ ତେଲହଳଦୀ ଲଗେଇ ଦେଉଥିଲା ବେଳେ ଖୁସିରେ ଚକମକ କରୁଥିବା ତା' ମୁହଁଟା ରେଣୁକା ଆଦୌ ସହ୍ୟ କରି ପାରୁନଥିଲେ । ମନର ପୀଡାକୁ ଲୁଚେଇ ପକେଇବାକୁ ଯଥାଶୀଘ୍ର ସେଠୁ ବାହାରି ଆସିଥିଲେ । ଆଜି ଏତେ ବର୍ଷ ପରେ ମଧ ସେଇ ସୌଭାଗ୍ୟରୁ ସେ ବଞ୍ଚିତ । କେହି ଥରେ ହେଲେ ତାଙ୍କ ସୁପ୍ତ ଆଶାକୁ ବୁଝିବାକୁ ଚେଷ୍ଟା କରିନି । ଏକାକୀ ପଣକୁ ଦୂର କରିବାକୁ ସିଏ ଯେ କିଛି ଚାହୁଁଥିବେ, କେହି କେବେ ସେ ବିଷୟରେ ଆଲୋଚନା କରିନାହିଁ । ପୁଅବୋହୂଙ୍କ ଆଗରେ ଅପ୍ରତକ୍ଷ୍ୟ ରୂପରେ ଯେତେବେଳେ କଥାଟାକୁ ଉଠେଇବାକୁ ଚେଷ୍ଟା କରନ୍ତି, ମୁହଁ ବିକୃତ କରି ପକାଏ ସୋମା । ଏସବୁ ଝିନଝଟ୍ ସେ ଚାହେଁନି ବୋଲି ସିଧାସଳଖ ତାଙ୍କୁ ଶୁଣେଇ ଦିଏ । ତା'ପରେ ଆଉ ତାଙ୍କର ସାହସ ହୁଏନା ନିଜ ପୁଅର ଇଛା ଅନିଛାକୁ ପଚାରି ବୁଝିବାକୁ । ଭୟ ହୁଏ କାଳେ ସେ କହି ପକେଇବ – ଜନ୍ମକରି ତୁ ନିଜେ ଯେତେବେଳେ ମୋ ଇଛା ଅନିଛାକୁ ପ୍ରାଧାନ୍ୟ ଦେଲୁନାହିଁ, ଅନ୍ୟଠାରୁ କାହିଁକି ମୁଁ ଆଶା କରିବାକୁ ଯିବି !

ନୀରବରେ କେବଳ ନିଜ ଭାଗ୍ୟକୁ ଏଥର ଦୋଷ ଦେଇ ଚାଲନ୍ତି ରେଣୁକା । ସୋମା ଯେ ନିହାତି ଖରାପ ଝିଅ, ସେକଥା ନୁହେଁ, ମାତ୍ର ଆବଶ୍ୟକତା ଠାରୁ ଟିକେ ଅଧିକ ସ୍ୱାଧିନଚେତା । ଆଜିକାଲି ଯେଉଁ ନାରୀ ସ୍ୱତନ୍ତ୍ରତାର ରୋଗ ସମସ୍ତଙ୍କ ମୁଣ୍ଡରେ ପଶିଛି, ସେଥିରେ ସେ ଟିକିଏ ଅଧିକ ଆକ୍ରାନ୍ତ ! ନାରୀର ପରମ୍ପରାଗତ ରୂପକୁ ଆଦୌ ସ୍ୱୀକାର କରେନା । ଶାଶୁଘର ହିସାବରେ ନିଜେ ଚଳିବା ଅପେକ୍ଷା, ଶାଶୁଘର ଲୋକଙ୍କୁ ନଜ ହିସାବରେ ଚଳେଇବା କଥାଟାକୁ ଅଧିକ ପସନ୍ଦ କରେ । ଉପରକୁ ଯେତେ ଆଧୁନିକା ବୋଲି ଦର୍ଶେଇଲେ ବି ତାଙ୍କ ପରମ୍ପରାବାଦୀ ମନସ୍ତତ୍ତ୍ୱ, ସୋମାର ଏହି ଚାଲିଚଳନକୁ ଜମାରୁ ସମ୍ମତି ଜଣେଇ ପାରେନା । ଶାଶୁବୋହୂର ସଂପର୍କକୁ ଯେତେ ମା'ଝିଅର ସଂପର୍କର ରୂପ ଦେବାକୁ ଚାହିଁଲେ ବି ସୋମାକୁ ଝିଅ ରୂପରେ ସେ ଆଦୌ ଗ୍ରହଣ କରିପାରନ୍ତିନି । ନିଜକୁ ମା' ଅପେକ୍ଷା ଶାଶୁ ରୂପରେ ଦେଖିବାକୁ ବେଶି ଇଛା କରନ୍ତି । ଆଉ ମନରେ ଆଶା ରଖନ୍ତି ସୋମାକୁ ଆଦର୍ଶ ବୋହୂ ରୂପେ ଦେଖିବାକୁ, ଯେଉଁ ରୂପରେ ଦେଖିଥିଲେ ସେ ରାଧିକାର ସେହି ଅପୋଠାଇ ବୋହୂକୁ .. ! ଆଉ ଚେଷ୍ଟା କରି ବି ଭୁଲି ପାରୁନଥିଲେ ରାଧିକାର ଦର୍ପୀତ ଶାଶୁ ରୂପ ସହିତ ବାତ୍ସଲ୍ୟରେ ଉବୁଟୁବୁ ହେଉଥିବା ଜେଜେମା' ରୂପକୁ !

****

ନେରୁଲ୍, ନବୀ ମୁମ୍ବଇ

# ପ୍ରହରୀ



## ସଦାନନ୍ଦ ତ୍ରିପାଠୀ

ପୌଷ ମାସ । କୃଷ୍ଣ ପକ୍ଷ । ଅଷ୍ଟମୀ ତିଥିର ରାତି । ଯେ ଯାହାର ଶୋଇବାକୁ ଚାଲିଯିବା ପରେ ରାତି ପ୍ରାୟ ସାଢେ ଏଗାରଟା ବେଳକୁ ସେ ଯାଇ ବସିଲେ ଟେବୁଲ ପାଖରେ । ଖଣି ମାଫିଆଙ୍କର କେଳେଙ୍କାରୀ ଓ ଉପଦ୍ରବ, ନେତା, ମନ୍ତ୍ରୀ , ଅଧିକାରୀ ମାନଙ୍କର ଦୁର୍ନୀତିର ପର୍ଦ୍ଦାଫାଶ ହୋଇ ପାରିବା ଭଳି ଏକ ଅନୁସନ୍ଧାନ ମୂଳକ ରଚନା ଲେଖିବାର ସଂକଳ୍ପ ଥିଲା ତାଙ୍କର ଏକ ସ୍ତମ୍ଭ ରୂପେ ତାହା ପ୍ରକାଶ ପାଇବ ରାଜ୍ୟର ବହୁଳ ପ୍ରକାଶିତ ଖବର କାଗଜରେ । ସମ୍ପାଦକଙ୍କ ତରଫରୁ ସେଥିପାଇଁ ଅନୁରୋଧ ସୂଚକ ପ୍ରସ୍ତାବ ସେ ପାଇଥିଲେ ।

"ହାଲଚାଲ" ଖବର କାଗଜର ଜିଲ୍ଲା ପ୍ରତିନିଧି ପ୍ରୟାସ । ଯେଉଁ ଜିଲ୍ଲାରେ ସେ ଅଛନ୍ତି , ଏଥି ପୂର୍ବରୁ ସେଠାରେ ସେ 'ବାର୍ତ୍ତା' ସମ୍ବାଦପତ୍ରର ପ୍ରତିନିଧି ରୂପେ ରହିଥିଲେ । ଖଣିଜ ସମ୍ପଦରେ ଭରପୁର ସେହି ଜିଲ୍ଲା । ଖଣିର ମାଲିକ ବା ଲିଜଧାରୀମାନେ ହୁଏତ ସ୍ଥାନୀୟ ଲୋକ ବା ବ୍ୟବସାୟ ପାଇଁ ସଦର ମହକୁମାରେ କାର୍ଯ୍ୟାଳୟ ଖୋଲି ଡେରା ପକାଇଥିବା ଅନ୍ୟ ମୁଲକର ଅତି ପ୍ରଭାବଶାଳୀ ମଣିଷ ।

"ବାର୍ତ୍ତା" ପାଇଁ କାମ କରୁଥିବା ବେଳେ, 'ଖଣି ଦୁର୍ନୀତି ଓ ମାଫିଆ' ଶୀର୍ଷକ ଏକ ବିସ୍ତୃତ ବିବରଣୀ ସେ ପଠାଇଥିଲେ ସମ୍ପାଦକଙ୍କ ପାଖକୁ । ସେହି ଲେଖାଟି ପାଇଁ ତାଙ୍କୁ ଚାକିରୀଟି ହରାଇବାକୁ ପଡିଥିଲା । ସମ୍ପାଦକଙ୍କର ଭାଇ, ବନ୍ଧୁ କୁଟୁମ୍ବ ଯଦି ସେହି ପ୍ରକ୍ରିୟାରେ ଜଡିତ, ତେବେ ସମ୍ବାଦଟିକୁ ସେ ବରଂ ତାଙ୍କ କାଗଜରେ ଛପାଇ ନ ଥା'ନ୍ତେ; କିନ୍ତୁ ଚାକିରିରୁ କାଢ଼ିଦେବା କି ପ୍ରକାର ବିବେକର ପରିଚୟ ? ପ୍ରୟାସ ଅବଶ୍ୟ ଆହତ ଓ ପ୍ରତିକ୍ରିୟାଶୀଳ ହେଲେ , ଅଥଚ ହତାଶ କି ବିଚଳିତ ବୋଧ କଲେ ନାହିଁ । ଓଡ଼ିଆ ଭାଷା ସାହିତ୍ୟରେ କୃତିତ୍ୱର ସହିତ ଏମ. ଏ. ପାସ କରିବା ପରେ ସେ ଅଧ୍ୟାପକ ହେବା ପାଇଁ ଆଗ୍ରହୀ ନ ହୋଇ ସାମ୍ବାଦିକତା ଓ ଗଣ ଯୋଗାଯୋଗରେ ଡ଼ିଗ୍ରୀ ହାସଲ କରିଥିଲେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ସହିତ ଜଡିତ ହେବାର ଅଭିପ୍ରାୟରେ । ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ ହୋଇ ଥିବାରୁ ସାଙ୍ଗେ ସାଙ୍ଗେ 'ବାର୍ତ୍ତା' ସଂସ୍ଥାରେ ତାଙ୍କୁ ସସମ୍ମାନେ ନିଯୁକ୍ତି ମିଳିଥିଲା ।

ଚାକିରୀ ହରାଇବା ପରେ ପ୍ରୟାସ ତାଙ୍କ ମାଆ ଓ ପତ୍ନୀଙ୍କୁ ବୁଝାଇଥିଲେ - ସାମ୍ବାଦିକ ହେଉଛି ସମାଜର ଜାଗ୍ରତ ପ୍ରହରୀ । ସମାଜ ସୁଧାର ପାଇଁ ଯାବତୀୟ ଯଥେଚ୍ଛାଚାର କଲମ ଚାଳନା କରିବା ଦିଗରେ ଯତ୍ନବାନ ହେବା ତା'ର ନୈତିକତା ଓ ଧର୍ମ । ରାଜ୍ୟ ତଥା ରାଜ୍ୟବାସୀଙ୍କର ଅମଙ୍ଗଳ ଓ ପ୍ରକୃତିର ବିନାଶ କରିବା ଭଳି ହୀନ କାର୍ଯ୍ୟରେ ଲିପ୍ତ ମୁନାଫାଖୋରମାନଙ୍କ ମୁଖ ଖୋଲିଦେବା କଣ ଏକ ଅପରାଧ ? ଖଣିଖିଆଙ୍କର ଗୁମର ଖୋଲିବାରୁ ଏମାନେ ମୋର ଚାକିରୀ ଖାଇଦେଲେ ଯଦି ଖାଆନ୍ତୁ । ମୁଁ ବି ଦେଖିବି, କୁଆଡ଼ର ପାଣି କୁଆଡେ ଯାଉଛି ।

ସାହସର ସହିତ ରିସ୍କ ନେବାକୁ ସର୍ବଦା ପ୍ରସ୍ତୁତ ଯୋଗ୍ୟ ଲୋକ ପାଇଁ କୌଣସି ଗୋଟିଏ ଦ୍ୱାର ବନ୍ଦ ହୋଇଗଲେ ଅନ୍ୟ ଚାରୋଟି କବାଟ ଖୋଲିଯାଏ । "ବାର୍ତ୍ତା" ରୁ ବିତାଡିତ ହେବାର ବାସ୍ତରୀ ଘଣ୍ଟା ବିତିବା ପୂର୍ବରୁ ସେ ଯୋଗ ଦେଲେ "ହାଲଚାଲ" ର ଜିଲ୍ଲା ପ୍ରତିନିଧି ଭାବରେ । ତାଙ୍କୁ ସେହି ଜିଲ୍ଲାରେ ହିଁ ଅବସ୍ଥାପିତ କରାଗଲା , ଯେଉଁଠି ସେ ଥିଲେ । ପ୍ରୟାସ ଅନୁଭବ କଲେଯେ ନିଜ ନିଜ ଉଦ୍ଦେଶ୍ୟ ଓ ଆଦର୍ଶକୁ ଦୃଷ୍ଟିରେ ରଖି , ବିଭିନ୍ନ ରୂପରେ, ବହୁ ପରସ୍ପର ବିରୋଧୀ ଶକ୍ତି ସଂସାରରେ କାମ କରୁଛନ୍ତି । ଯିଏ ତୁମର ଶତ୍ରୁ , ତାର ଏକ ମିତ୍ର ଥାଇ ପାରନ୍ତି ଓ ଅଗଣିତ ପ୍ରତିପକ୍ଷ ବି । ସମର୍ଥକ ନଥିଲେ ଜଣେ ତିଷ୍ଠିବ କେମିତି ଏବଂ ବିରୋଧୀ ବିହୁନେ କାହା ନିପାତ ବି କେମିତି ବା ସମ୍ଭବ ? ବେଶୀ ହେଲେ ପଚାଶ ଜଣ ଯଦି ତା' ଅନୁଗାମୀ, ଅବଶିଷ୍ଟ ଅର୍ଦ୍ଧେକ ହୁଏତ ବିପରୀତ ହୋଇ ଥାଇ ପାରନ୍ତି । କୌଣସି ଗଣମାଧ୍ୟମ ନିରପେକ୍ଷ ନୁହନ୍ତି । ତେଣୁ, ନିରୋଳା ଖବରଟିଏ, ସବୁଠାରେ ସମସ୍ତଙ୍କ ଦ୍ୱାରା , ଅବିକଳ ବିତରିତ ହୁଏନା । ସମ୍ପୂର୍ଣ ଠିକ ସମ୍ବାଦ ହୋଇଥିଲେ ସୁଦ୍ଧା, ଛପାଇବା ପାଇଁ ଯେ କୌଣସି ଖବର କାଗଜ଼ ଆଗଭର ହେବ ବୋଲି ଆଶା ଏବଂ ବିଶ୍ୱାସ ରଖିବା ସବୁ ନିର୍ବୋଧତା କେବଳ । ଅତଏବ

ପ୍ରୟାସ ତାଙ୍କର ନୂଆ ମାଲିକ ସହିତ ସର୍ତ୍ତ ରଖିଲେ ଯେ ସମୟ ସମୟରେ ବିଭିନ୍ନ ଅନୁସନ୍ଧାନ ମୂଳକ ସ୍ତମ୍ଭ ରଚନା ସେ ଅନ୍ୟାନ୍ୟ ପତ୍ର ପତ୍ରିକାରେ ମଧ୍ୟ ଛପାଇବାର ସ୍ୱାଧୀନତା ଚାହାନ୍ତି ।

ତାଙ୍କୁ ସେପରି ଅନୁମତି ମିଳିଥିଲା " ହାଲଚାଲ" ମିଡ଼ିଆ ତରଫରୁ ।

" ହାଲଚାଲ" ଯୋଗ ଦେବା ପରେ ଜିଲ୍ଲାର ଖଣି ମାଫିଆଙ୍କ ଉପରେ କ୍ରମାଗତ ଭାବେ ଚାରୋଟି ଖବର ଛପାଇ ସାରିଥିଲେ ପ୍ରୟାସ । ସେତିକିରେ ଝଡ ଉଠି ସାରିଥିଲା ବିଧାନ ସଭାରେ । ଅନ୍ୟାନ୍ୟ ଭାଷାରେ ଓ ସର୍ବ ଭାରତୀୟ ସ୍ତରର ସମ୍ବାଦପତ୍ରରେ ସେହି ଖବର ପ୍ରକାଶ ପାଇବା ପରେ ସ୍ତମ୍ଭୀଭୂତ ହୋଇଥିଲେ ପାଠକ । ଜାତୀୟ ସ୍ତରରେ ମଧ୍ୟ ବିତର୍କର ସୂତ୍ରପାତ ହୋଇ ସାରିଥିଲା ।

ସେହି ପ୍ରସଙ୍ଗରେ ଏକ ବିସ୍ତୃତ ଆଲେଖ୍ୟ ପ୍ରସ୍ତୁତ କରିବାକୁ ପ୍ରାୟାସ ଙ୍କୁ ପ୍ରସ୍ତାବ ଦେଇଥିଲେ ରାଜ୍ୟର ଏକ ବହୁଳ ପ୍ରସାରିତ ସମ୍ବାଦ ପତ୍ରର ସମ୍ପାଦକ ।

ପ୍ରୟାସ ମନେ ମନେ ସ୍ଥିର କରିନେଲେ ଯେ ରଚନାଟିର ଶୀର୍ଷକ ରଖିବେ 'ଖଣି ଖାଦନ' । ସେଦିନ ପରିବା ବଜାର ଭିତରେ ଅଧାପକ ବନ୍ଧୁ ସଞ୍ଜୟ ସହିତ ଭେଟ ହେବାରୁ ସେ ତାଙ୍କର ମନକଥା ଜଣାଇ ପଚାରି ଥିଲେ - ଶୀର୍ଷକଟା ଦର୍ପଣର କାମ କରିବ ନା ?

-କେମିତି ! ସଞ୍ଜୟ ବିସ୍ମୟ ପ୍ରକାଶ କରି ଉପହାସ କଲେ - ଆରେ, ଖାଦନ କଣ ? ଖଣି ଖାଦାନ ସିନା ! ଶିରୋନାମାରେ ତ ତୁମେ ଗୁରୁ ଚଣ୍ଡାଳ ତ୍ରୁଟି କଲଣି ।

-ଖାଦାନ ଆମ ଭାଷାର ଶବ୍ଦ ନୁହେଁ । ପୁଣି ମୁଁ ଯେଉଁ "ଖାଦନ" କଥା କହୁଛି, ତା'ର ଅର୍ଥ "ଖାଦାନ" ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଖାଦନ ବୋଇଲେ ଭୋଜନ ବା ଖୁଆଇବା ଅର୍ଥାତ ଖାଇବା ଓ ଖୁଆଇବା । ପ୍ରୟାସ ଦେଲେ ବିନମ୍ର ସ୍ପଷ୍ଟୀକରଣ ।

-ହେଇଥିବ କିନ୍ତୁ ଖଣି ସହିତ ଭୋଜନ କରିବା କି ଖୁଆଇବାର ସମ୍ପର୍କ ବା କଣ ? ମଣିଷ କଦାପି ଖଣିଜ ସମ୍ପଦ କି ପଦାର୍ଥ ଖାଇ ବଞ୍ଚେ ? ବିଭିନ୍ନ ପ୍ରଶ୍ନ ପଚାରି ପ୍ରୟାସଙ୍କୁ ଥଟ୍ଟା କଲେ ସଞ୍ଜୟ । ପ୍ରୟାସ ଶାନ୍ତ ସ୍ୱରରେ ଉତ୍ତର ଦେଲେ - ମୋର ଏହି ପ୍ରସ୍ତାବିତ ରଚନାଟିର ପାତ୍ର ପାତ୍ରୀଗଣ ତୁମ ଆମ ଭଳି, ସାଧାରଣ ଭାବେ, କେବଳ ବଞ୍ଚି ରହିବାକୁ, ଖାଉଥିବା ବା ଆତିଥ୍ୟ ଦେଖାଇ କାହାକୁ ଖୁଆଉ ଥିବା ମଣିଷ ନୁହନ୍ତି । ସେମାନେ ଯାହାକିଛି ବି ଖାଇବାକୁ ବଞ୍ଚିରହି ପାରିବେ । ଯେମିତି, କିଏ କେଉଁଠି ଖାଇଯାଏ ଗୋଖାଦ୍ୟ, ଷ୍ଟାମ୍ପ ପେପର, ଜମି ଜଙ୍ଗଲ, ଗୁଳି ଗୋଳା, କମାଣ ସବୁ କିଛି ଖାଇ ଶେଷ କରି ଦେବାକୁ, ଅମର ବର ପାଇଥିବା ପରି, ସେମାନେ ବଞ୍ଚି ରହିଥାଆନ୍ତି ।

ସୂର୍ଯ୍ୟାସ୍ତ ହୋଇଆସିଲା ବେଳକୁ କୋହଳ ପବନରେ ଥରିଗଲା ପ୍ରୟାସଙ୍କର ଦେହ, ଯଦିବା ସେ ପିନ୍ଧିଥିଲେ ପର୍ଯ୍ୟାପ୍ତ ଶୀତ ପୋଷାକ । ସଞ୍ଜୟଙ୍କ ଠାରୁ ବିଦାୟ ମାଗି ଫେରିଲେ ଘରକୁ । ଦି'ଚକିଆ ଯାନ । ମୁଣ୍ଡରେ ହେଲମେଟ । ବାଇକର ଗତି ଅନୁଯାୟୀ କମ ବେଶୀ ହେଉଥିଲା ପବନର ପ୍ରକୋପ । ଯେତେ଼ ଧୀରେ ଚଲାଇଲେ ସୁଦ୍ଧା ହେଲମେଟର ଫାଙ୍କ ଦେଇ ବାଜୁଥିବା ହେମାଳ ବାୟୁରେ ବିନ୍ଧୁଥିଲା କାନ ଏବଂ ଥର ଥର ହେଉଥିଲା ଓଠ ।

ଅଳ୍ପ କିଛି ଦିନ ହେଲା ଜବର ଶୀତ ପଡିଛି । ଇଏ ପୁଣି ପାହାଡ଼ିଆ, ଜଙ୍ଗଲିଆ ଇଲାକାର ଶୀତ । ସନ୍ଧ୍ୟା ନଇଁ ଆସିବା ମାତ୍ରକେ, ବାହାରେ ଥିବା ଲୋକଙ୍କୁ ଖେଦି ଆଣେ ଶୀତର ଲହରି । ଚାହୁଁ ଚାହୁଁ ଫାଙ୍କା ହୁଏ ସହରର ରାସ୍ତା ଘାଟ, ଦୋକାନ ବଜ଼ାର ।

ଫେରିବା ବାଟରେ ପ୍ରୟାସ ଦେଖିଲେ, ସେଇ ମୁହଁସଞ୍ଜ ବେଳେ, କେନ୍ଦରା ପାଗଳ କାଠିକୁଟା ଗଦା କରି ନିଆଁ ଜାଳି ଦେହ ହାତ ସେକୁଛି । ତା' ବାସସ୍ଥଳୀ କଲଭଟ ପାଖରେ । ମୁହୂର୍ତ୍ତେ ସେଠାରେ ଗାଡି ଅଟକାଇ ତା' ଆଡକୁ ପ୍ରଶ୍ନଟିଏ

ଫିଙ୍ଗିଲେ ପ୍ରୟାସ- ଭଲ ଅଛ କେନ୍ଦ୍ରା ମହାଶୟ ?

କେନ୍ଦରା ପାଗଳ ତା'ର ଦୁଇ ଧାଡି ଦାନ୍ତ ଦେଖାଇଲା । ସିଏ ପାଟି ମେଲା କଲେ ଲାଳ ଗଡି ଯାଏ । ଗଡିଥିଲେ ପଡ଼ିଥିବ ତା' ଛାତି ଉପରେ କିମ୍ବା ଜଳୁଥିବା କାଠିକୁଟା ଉପରେ ।

'ମଞ୍ଜ ଥରା ଶୀତ ଓ କେନ୍ଦରା ପାଗଳ ' ଶୀର୍ଷକ ଏକ ରଚନା ପ୍ରସ୍ତୁତ କରିବା ପାଇଁ ଅକସ୍ମାତ ଅଦ୍ୟମ ପ୍ରେରଣା ଅନୁଭବ କଲେ ପ୍ରୟାସ । ପୁରୁଖା ଲୋକ କହନ୍ତି -ଜଙ୍ଗଲ ଓ ପରିବେଶ ଆଖିବୁଜା ନଷ୍ଟ କରାଯାଉଥିବା ହେତୁ, ଗ୍ରୀଷ୍ମତାପ ମାତ୍ରାଧିକ ବଢୁଛି କେବଳ ସିନା, ବର୍ଷା ଏବଂ ଶୀତ କ୍ରମେ ଉଭାନ ହେଲାଣି । ତଥାପି ଏବର୍ଷ ଏତେ ଶୀତ ପୁଣି ପଡିଲା କେମିତି ? ନାହିଁ ନଥିବା ଅଣ୍ଡାରେ ତିଷ୍ଠି ରହି ପାରିବେତ ଗରିବ ଗୁରୁବା ଲୋକ, ବାରବୁଲା ପାଗଳ, ବର୍ଷସାରା ଗଛତଳେ ଯେଉଁ ମାନେ ନିଅନ୍ତି ଆଶ୍ରୟ । ସହରର ଉତ୍ତର ଦିଗରେ ହୁଏ ଜାଳି ବସିଛି କେନ୍ଦରା । ସତେକି ସେ ଜାଗ୍ରତ ପ୍ରହରୀ ! ହେମାଳ ପବନ ଯେଉଁ ଦିଗରୁ ଆସୁଛି, ସେପଟେ ସେ ଧୁନି ଜାଳି ଶୀତକୁ ଛେକିଛି ।

ଶୀତ ଓ କେନ୍ଦରା କଥା ପରେ ଲେଖାଯିବ, ଲେଖିବେ ସେ ନିଶ୍ଚୟ , ଖଣିଖିଆଙ୍କ ଉପରେ ଯଥାଶୀଘ୍ର ଲେଖିବା ଜରୁରୀ ଥିଲା । ଧାର୍ଯ୍ୟ ତାରିଖ ମଧ୍ୟରେ ପଠାଇଦେବେ ବୋଲି ସେ ପ୍ରତିଶୃତି ଦେଇ ସାରିଥିଲେ । ରଚନାଟି ଶେଷ କରି ପଠାଇବାର ତାରିଖ ଉପଗତ ପ୍ରାୟ । ଆଜି ହିଁ ରାତିରେ ସେହି ଲେଖାଟିକୁ ସାରିବାକୁ ପଡିବ ।

ଯେ ଯାହାର ଶୋଇବାକୁ ଚାଲିଯିବା ପରେ, ସବୁଦିନ ପରି ରାତି ଏଗାରଟା ବେଳେ , ପ୍ରୟାସ ଯାଇ ବସିଲେ ଟେବୁଲ ପାଖରେ । କବାଟ ଝରକା ସବୁ ଚୁଣ୍ଟା ଚୁଣ୍ଟି ବନ୍ଦ ହୋଇ ରହିଛି । ତଥାପି ଘର ଭିତରେ ହିଂସାଳୁ ହେମାଳ । ଶାଲ ଭିତରୁ ହାତ ବାହାରକୁ କାଢ଼ିବାକୁ ସାହସ ହେଉ ନଥାଏ । ସେ ଲେଖା ଆରମ୍ଭ କରିବା ପୂର୍ବରୁ ଡ଼ାଇରୀର ସେହି ପୃଷ୍ଠା ଉପରେ ଆଖି ବୁଲାଇଲେ ଯେଉଁଠି ଲେଖିଥିଲେ ରଚନାଟି ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ସୂଚନା ଓ ବିଚାର ।

ହଜାର ହଜାର କୋଟି ଟଙ୍କାର ଖଣି ଦୁର୍ନୀତି । କମ୍ପି ଉଠିଲା ତାଙ୍କର ସମଗ୍ର ଶରୀର । ପର ମୁହୂର୍ତ୍ତରେ ତାଙ୍କର ଅନୁଭବ ହେଲା, ଶୀତର ପ୍ରକୋପ ଅବା ପୂର୍ବ ରାତି ତୁଳନାରେ ଦଶଗୁଣ ବଢିଛି ।

ଅକସ୍ମାତ ଭୁକି ଉଠିଲା କୁକୁରଟିଏ, ଅଦୂରରେ, ହୁଏତ ଘର ସାମ୍ନାର ରାସ୍ତା ନିକଟରେ । ପରିବେଶ ଥିଲା ଭାରି ନିରବ, ନିସ୍ତବ୍ଧ । ପ୍ରୟାସଙ୍କର ଏକାଗ୍ରତା ଜମି ଆସୁଥିଲା, କୁକୁର ଭୁକିବା ପରେ ନଷ୍ଟ ଭ୍ରଷ୍ଟ ହେଲା ।

ନିରଧୁମ ଜାଡୁଆ ରାତି । ନିଶୂନ ରାତିରେ , ପୁଣି ଛିନାଛିନା ରାସ୍ତାରେ, ଅଚିହ୍ନା ମଣିଷ କିମ୍ବା ଗାଈ କି ଘୁଷୁରୀଟାଏ ଦେଖିଲା କି କୁକୁର ? ନ ହେଲେ ବା ଭୁକନ୍ତା କାହିଁକି ? ପ୍ରୟାସଙ୍କ ମନରେ ଉଠିଲା ପ୍ରଶ୍ନ । ଦୁର୍ଗପତି ପରି ଯଦି କୁକୁରଟି ଜଗିଛି ଏ ଇଲାକାକୁ, ନିସୁପ୍ତ ରାତିରେ କିଛି ବ୍ୟତିକ୍ରମ ଲକ୍ଷ୍ୟ କଲେ ଜଣାନ୍ତାନି ଅନ୍ତତଃ ତା' ଜାତି ଭାଇ ମାନଙ୍କୁ ? ତା ହେଲେ ସେ ଚେଇଁଛି କାହିଁକି ଜଣେ ଜାଗ୍ରତ ପ୍ରହରୀ ପରି ! ମଣିଷଙ୍କ ବିଚାର ଅଲଗା । ନିଦ ହୋଇ ନଥିଲେ ବି ପଡ଼ିଥିବେ ଘୋଡ଼ି ଘାଡି ହୋଇ, ଭାବୁଥିବେ ଏପରି ଯେ ଚୋରକୁ ଜଗିବା କାମ ବୁଲା କୁକୁରର । ବିଷାଦରେ ବୁଡ଼ିଲେ ପ୍ରୟାସ ।

ବହୁତ ସମୟ ଯାଏ କୁକୁରଟି ଭୁକି ଚାଲିଥିଲା । ସମ୍ପୂର୍ଣ୍ଣ ରୂପେ ଏକାକୀ । ଅନ୍ୟ କୌଣସି କୁକୁର ଆସି ମୋଟେ ତା ସହିତ ଯୋଗ ଦେଇ ନଥିଲେ । ଆଖ ପାଖରେ ରହୁଥିବା କେହି ଜଣେ ବି ଲୋକ, ଶାନ୍ତି ଭଙ୍ଗ କରୁଥିବା କୁକୁରକୁ ତୁନି କରିବା ନିମନ୍ତେ ଘରୁ ମୋଟେ ବାହାରୁ ନଥିଲେ ।

କୁକୁରଟି ରଡି ଚାଲିଥିଲା ନିର୍ଦ୍ଦିଷ୍ଟ ଶୈଳୀରେ । ଭାରି ଥଣ୍ଡା ଲାଗୁଥିଲା ପ୍ରୟାସକୁ କୋଠରୀ ଭିତରେ । ବାହାରକୁ ଯାଇ ଥରେ ଦେଖିବାକୁ ଇଛା ହେଉଥିଲା ଅଥଚ ଶୀତ ଭୟରେ ପଦାକୁ ବାହାରିବାକୁ ମନୋବଳ ଉଣା ପଡୁଥିଲା । ପର ମୁହୂର୍ତ୍ତରେ ସେ ଅନୁଭବ କଲେ ଯେ କୁକୁରର ନିରବିଛିନ୍ନ ଭୁକଣାରେ ତାଙ୍କର ଏକାଗ୍ରତା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି ।

ଆଉ ଧାଡ଼ିଏ କିଛି ଲେଖିବା ସୁଦ୍ଧା ସମ୍ଭବ ହେବନି ।

ତା ପର ଦିନ ରାତିରେ ବି ଘଟିଲା ସମାନ ଘଟଣା । ଘୋର ନୈରାଶ୍ୟରେ ଉଠିଯାଇ ଶୋଇବାକୁ ଚେଷ୍ଟାକଲେ ପ୍ରୟାସ । ରାତି ଗୋଟାଏ ବେଳକୁ ନିଦ ଭାଙ୍ଗି ଯିବାରୁ ସେ ଜାଣି ପାରିଲେ ଯେ କୁକୁରଟି ତଥାପି ଭୁକୁଛି । ବେଶ କିଛି ସମୟ ପର୍ଯ୍ୟନ୍ତ ତାଙ୍କ ଆଖିକୁ ଆଉ ନିଦ ଆସିଲାନି ।

କେତେବେଳେ କୁକୁରଟିର ଉଚ୍ଚ ଚିତ୍କାର ବନ୍ଦ ହୋଇଗଲା ଓ ପ୍ରୟାସ ଙ୍କୁ ନିଦ ଲାଗିଗଲା । ସକାଳ ହେବା ପରେ ବି ବିଳମ୍ବରେ ବିଛଣା ଛାଡିଲେ । ଚା' ପିଉଥିବା ବେଳେ ମନେ ମନେ ନିଷ୍ପତି ନେଲେ ଯେ ରାତିରେ ଶୀଘ୍ର ଚାଲିଯିବେ ଶୋଇବାକୁ, କୁକୁରଟି ଭୁକିବା ପୂର୍ବରୁ ଏବଂ ପାହାନ୍ତା ପ୍ରହରରେ ଉଠି ବରଂ ଲେଖାଟିର ଶ୍ରୀଗଣେଶ କରିବେ । ଶେଷ କରିବାକୁ ଦୁଇ କି ତିନି ଘଣ୍ଟା ସମୟ ତ ଲାଗିବ ।

ଟିପା ଖାତାରେ ସବୁ ତଥ୍ୟ ଓ ପ୍ରମାଣ ଲିପିବଦ୍ଧ ହୋଇ ରହିଛି । ରୋଚକ ଶୈଳୀରେ ସଜାଇ ଲେଖିବାକୁ ଯାହା କିଛି ସମୟ ଲାଗିବ । ପାହାଡ ଫଟାଇ, ଖୋଳି, ପଥର କୋଇଲା ସବୁ ହରିଲୁଟ କରୁଛନ୍ତି ମାଫିଆ । ତାଙ୍କ ସହ ନେତା, ମନ୍ତ୍ରୀ, ଅଫିସର ଏବଂ ଅନ୍ୟ ସାଧାରଣ ସରକାରୀ କର୍ମଚାରୀଙ୍କର ହାତ ମଧ୍ୟ ଚିକ୍କଣ ହେଉଛି । ଡିନାମାଇଟ ଶବ୍ଦରେ ଧରାମତ ଦହସତ ସାଧାରଣ ଜନତା । ଦିନରାତି ଉପୁଜୁଛି ଭୂମିକମ୍ପ ଭୟ । ବେଶୀ ଓଳିଡୋଳି ଆଉ ଦହଗଞ୍ଜ ହେଉଛନ୍ତି ବନବାସୀ ଆଦିବାସୀ କୁଳ । ଘନ ଘନ ବାସସ୍ଥାନ ବଦଳାଇବା ତାଙ୍କର ନିୟତି ପାଲଟିଲାଣି । ଗୋଟିଏ ପର୍ବତ ଛାଡି ଯିବାକୁ ହେଉଛି ଅନ୍ୟ ପର୍ବତର ଅପରପାର୍ଶ୍ୱକୁ । ଦରିପାଲ ଟାଣି ପୁଣି ସେମାନେ ବନାଉଛନ୍ତି ଅସ୍ଥାୟୀ କୁଡ଼ିଆ । ଜଙ୍ଗଲ ଭିତରେ, ସେହି ପାହାଡ କୋଳରେ , କେମିତି ବିତାଉଥିବେ ଦିନ ରାତି ? ସେମାନଙ୍କ ଗହଣରେ ବୁଢା ବୁଢ଼ୀ ଥିବେ, ଛୋଟ ଛୋଟ ଶିଶୁ ଏବଂ ଗର୍ଭବତୀ ମହିଳା ବି ଥିବେ । କାଠଗଣ୍ଡି ଜଳାଇ ବିଚରା ମାନେ ସାରା ରାତି ନିଆଁ ପୋଉଁଥିବେ କି ? ଧୁନିର ଚାରି ପଟରେ, ନିଦରେ କି ଶୋଇ ଯାଉଥିବେ ?

ଶୀଘ୍ର ଶେଜକୁ ଚାଲି ଯାଇଥିଲେ ପ୍ରୟାସ ଓ ବିଭିନ୍ନ ବିଷୟ ଭାବୁ ଭାବୁ ନିଦ ହୋଇ ଯାଇଥିଲା । ଠିକ ରାତି ତିନିଟା ବେଳକୁ କୁକୁରର ଚିତ୍କାରରେ ନିଦ ଭାଙ୍ଗିଗଲା । ତା'ର ସେ ଭୁକିବା ରୀତି ପ୍ରୟାସଙ୍କୁ ଶୁଭିଥିଲା ଅଜବ ଲହରାୟିତ କରୁଣ ସଂଗୀତ ପରି, ଦିନକୁ ଦିନ କ୍ରମଶଃ ବଢୁଥିବା ଶୀତ ଠାରୁ ଅଧିକ ଗହନ । ତା' ଧ୍ୱନିରେ ଫୁଟି ଉଠୁଥିବା ଆର୍ତ୍ତିରୁ ପ୍ରୟାସ ଅନୁମାନ କଲେ, ସେ ଅବା ଜଣାଉଛି କାହାକୁ ଅତି ଆକୁଳ ପ୍ରାର୍ଥନା । କୁକୁର ନିଶ୍ଚୟ କିଛି ଦାରୁଣ ପୀଡା ଭୋଗୁଛି ଏବଂ ତା'ର ଦୁଃଖର କାରଣ ଜାଣିବାକୁ ନିବେଦନ କରୁଛି କାହାକୁ । ବିଦ୍ରୋହ କି ପ୍ରତିବାଦ ଏବକୁ ତା ସ୍ୱରରୁ ଉଭାନ ।

ଖଣିଜ ପଥର ଥିବା ପାହାଡ ଆଖପାଖରେ ପୁରୁଷ ପୁରୁଷ ଧରି ବସବାସ କରୁଥିବା ଲୋକଙ୍କର ପ୍ରତିବାଦ ଓ ବିଦ୍ରୋହ ବ୍ୟର୍ଥ ଗଲା ନାହିଁ କି ? ଏବେ ତାଙ୍କ ଦଇନି ବି ଶୁଣୁଛି ବା କିଏ ? ସର୍ବଗିଳାଙ୍କ ସାମ୍ନାରେ ନିରୀହ ଓ ନପାରିଲା ଲୋକମାନେ ଅକିଞ୍ଚନ, ଗୌଣ ନୁହନ୍ତି କି ? ଯେମିତିକି ପୋକ ମାଛି, ଅସାର ଓ ଅଲୋଡ଼ା !

ଅଟୁଜଟୁ ଭାବନାରେ, ପ୍ରବଳ ଚାପରେ ଥିଲେ ପତ୍ରକାର ପ୍ରୟାସ । ସାମ୍ବାଦିକ ହୋଇଥିବା ହେତୁ ସର୍ବଦା ତାଙ୍କ ମନରେ ସେପରି ଭାବନା ସବୁ ବସା ବାନ୍ଧିଥିଲା ଯେ ସମାଜର ସେ ଜଣେ ସଚେତନ ପ୍ରହରୀ । ଯେତେ ଯିଏ ପ୍ରତିହତ କରିବାକୁ ଉଦ୍ୟମ କଲେ ବି ନିଜ ଲକ୍ଷ୍ୟ ପଥରୁ ସେ ବିଚ୍ୟୁତ ହେବେନି ।

ଅଥଚ ଦେଖୁ ଦେଖୁ ସାତ ରାତି ବିତିଗଲା, ଧାଡ଼ିଏ ସୁଦ୍ଧା ଲେଖି ପାରିଲେନି ପ୍ରୟାସ । ରାତିରେ ନିସ୍ତବ୍ଧ ପ୍ରହର ତାଙ୍କର ଲେଖାଲେଖି କରିବାର ସମୟ । କିନ୍ତୁ, କି ବିଡମ୍ବନା ! ତାଙ୍କୁ ଅତି ଅସ୍ଥିର ଓ ଆଲୋଡିତ କରି ରଖିଛି ଗୋଟେ କୁକୁରର ବିକଳ ଚିତ୍କାର । ସାତଟି ଯାକ ରାତିରେ ସେଇ ଗୋଟିଏ ନା ଅଲଗା ଅଲଗା ଶ୍ୱାନ ସେପରି ବୋବାଳି ଛାଡିଥିଲେ ସେ ବାବଦରେ କୌଣସି ଗ୍ରହଣଯୋଗ୍ୟ ସିଦ୍ଧାନ୍ତରେ ଉପନୀତ ହୋଇ ପାରୁ ନଥିଲେ ପ୍ରୟାସ । ନିଜ ଅନୁମାନ ଉପରେ ଆସ୍ଥା ସ୍ଥାପନ କରିପାରିବା ପରି କୁକୁର-ସ୍ୱର-ବିଶାରଦ ସେ ନଥିଲେ । ପ୍ରତି ରାତିରେ ଦୀର୍ଘ

ସମୟ ଯାଏ ସେଇ ଗୋଟିଏ ହିଁ କୁକୁର ଭୁକୁ ଥାଇ ପାରେ ନା ରାତି ଗୋଟାଏ ବା ଦୁଇଟା ବେଳେ ଯିଏ ତୁନି ପଡେ, ରାତି ତିନିଟା ବେଳକୁ ରଡୁଥିବା ଶ୍ୱାନଟି ତା' ଠାରୁ ଅଲଗା ? କେବଳ ଯାହା ଶ୍ୱାନର ସେହି ତୀବ୍ର କାତର ଧ୍ୱନିର ଧାରା ପ୍ରୟାସଙ୍କୁ ଏକାପରି ବୋଧ ହୋଇ ଥିଲା । ବସ୍ତୁତଃ ସେ ଧରି ନେଇଥିଲେ ଯେ ତାଙ୍କ ଘରର ପାଖାପାଖି ରହୁଥିବା ବୁଲା କୁକୁରଟିଏ ହୁଏତ ଦାରୁଣ ଦୁଃଖରେ ପଡିଛି ।

ସହରର ପୂର୍ବ ଦିଗରୁ ପଶ୍ଚିମକୁ ଲମ୍ବି ଥିବା ପ୍ରଶସ୍ତ ମୁଖ୍ୟ ରାସ୍ତାରେ, ପ୍ରାୟ ମଝା ମଝି ପଡେ ପ୍ରୟାସଙ୍କ ଭଡା ଘର, ବାମପଟେ, ଦକ୍ଷିଣର ଭୂୟାଁ ସାହି ମୁହଁରେ । ତା ସାମ୍ନାରେ , ରାସ୍ତାର ଅନ୍ୟ ପାର୍ଶ୍ୱରେ , ଉତ୍ତରରେ ପଟ୍ଟନାୟକ ପଡା । ସେ ପଡ଼ାରେ ରାସ୍ତାର ନିକଟବର୍ତ୍ତୀ ଦୁଇଟି ପ୍ରସାଦ ତୁଲ୍ୟ ଭବ୍ୟ ଅଟ୍ଟାଳିକାର ମାଲିକ ଦୁଇ ଜଣ ଖଣି-ଠିକାଦାର । ସେମାନେ ଅଚଳାଚଳ ସମ୍ପତ୍ତିର ଅଧିପତି; ନେତା ମନ୍ତ୍ରୀ ଅଧିକାରୀ ତାଙ୍କ ପକେଟରେ । ଖାତର ନାହିଁ କାହାକୁ; ଇନ୍ଦ୍ର ଚନ୍ଦ୍ର ମାନନ୍ତିନି ସେ ଦୁହେଁ । ତାଙ୍କରି ଘର ଆଗରେ, ରାସ୍ତାର ଏପଟେ ଥାଇ ସୁଦ୍ଧା ବେପରୁଆ ପ୍ରୟାସ ଲେଖୁଛନ୍ତି ତାଙ୍କ ବିରୁଦ୍ଧରେ । ସେହି ଦୁଇଜଣ ଠିକାଦାରଙ୍କ ପ୍ରରୋଚନାରେ, ଏକ ମାସ ପୂର୍ବେ, ଭୂୟାଁ ସାହିକୁ କୁଣିଆ ରୂପେ ଆସିଥିବା ଦୁଇ ଜଣ ଆଦିବାସୀ ଯୁବକଙ୍କୁ ମାଓବାଦୀ ଆଖ୍ୟାଦେଇ ବାନ୍ଧି ନେଇ ଯାଇଥିଲା ପୋଲିସ । ପ୍ରୟାସ ଅବଶ୍ୟ ବୁଝିବାକୁ ଅକ୍ଷମ ସେ ରହସ୍ୟ ।

କ୍ରମାନ୍ୱୟରେ ସାତ ରାତି ବିତି ଯାଇଥିଲେ ସୁଦ୍ଧା " ଖଣି ଖାଦନ" ବିଷୟ ପ୍ରସଙ୍ଗରେ ଗୋଟିଏବି ବାକ୍ୟ ଲେଖିବାକୁ ସମର୍ଥ ହୋଇ ନଥିବା ପ୍ରୟାସ, ଅଷ୍ଟମ ରାତିରେ କୁକୁରର ଆକୁଳ ଚିତ୍କାର ଶୁଣି ପଦାକୁ ବାହାରିଲେ । ସେ ପିନ୍ଧିଥିବା ପାଇଜାମା, ପଂଜାବୀ ଓ ସ୍ୱେଟର ଉପରେ ଘୋଡାଇ ହୋଇଥିଲେ ଏକ ଓଜନିଆ କମ୍ବଳ । ମଫଲରଟିଏ ବି ଭିଡ଼ିଥିଲେ କାନ ଓ ମୁଣ୍ଡ ଉପରେ ।

ସେତେବେଳକୁ ସମୟ ରାତି ତିନିଟାରୁ ମଧ ଅଧିକ ହେଲାଣି । ବାହାରେ ପ୍ରବଳ ଶୀତ । ଧୂଆଁଳିଆ ଦିଶୁଥାଏ ଚତୁର୍ଦ୍ଦିଗ ଯେମିତିକି କୁଣ୍ଡାଝାଡ଼ିବା ପ୍ରକାରେ କାକର ବା ବରଫ ପଡୁଛି । ରାସ୍ତାର ବତି ଖୁଣ୍ଟରେ ଜଳୁଥିବା ବଲ୍ବ ସବୁ ବିନ୍ଦୁଏ ଲେଖାଁ ଆଲୋକ ପରିକା ଦିଶୁଛି ମାତ୍ର । ରାସ୍ତା ସେପାଖରେ କୁକୁରଟିଏ ଏକାକୀ ଏକ ଲୟରେ ପଟ୍ଟନାୟକ ପଡା ଆଡକୁ ଚାହିଁ ରହି ବିବାକ ଭୁକୁଛି, ଯେମିତିକି ଅନ୍ଧାରରେ ସେ ଏକ ବିଶାଳ ହାତୀ ପଲକୁ ଆବିଷ୍କାର କରିଛି ।

ପ୍ରୟାସଙ୍କୁ ଦେଖିପାରି କୁକୁରଟି କିଛି କ୍ଷଣ ନିରବ ରହିଲା । ତାଙ୍କୁ ସେ ଦେଖି ପାରିଥା'ନ୍ତାକି ନାଇଁ, ସିଏ ତ ତା'ର ଭୁକି ଚାଲିଥିଲା ପଟ୍ଟନାୟକଙ୍କ ଘର ଆଡକୁ ଚାହିଁ ରହି, ଯଦିବା କାଙ୍କୁରି ହୋଇ, ଲାଙ୍ଗୁଡ଼ ଜାକି ଠିଆ ହୋଇ ଥିବାରୁ ତା' ଠାଣି ବା ସ୍ୱରରେ ନ ଥିଲା ସାମାନ୍ୟତମ ଉଦ୍ଧାମତା; ହୁଏତ ସେଥିରେ ଥିଲା କିଛି ନିବେଦନ ଅଥବା ବିନମ୍ର ଜିଜ୍ଞାସା , ତେଣିକି ଉଠାଇଥିବା ପ୍ରଶ୍ନର ଉତ୍ତର ସିଏ କେବେ ପାଉ ବା ନ ପାଉ ! କିଏ ବା ଉତ୍ତର ଦେବ ? ଆପଣା ସମୃଦ୍ଧି ପାଇଁ କିଏ ବ୍ୟସ୍ତ ଖଣି ଖୋଳିବାରେ । ଆଉ କିଏ ଖୋଳି ଖୋଳି ଖାଇବାରେ ଲିପ୍ତ । ଖଟିଖିଆମାନେ ଲାଗି ପଡିଛନ୍ତି, ଦି ହାତ ଖୋଳିଲେ, ଦୁଇ ଓଳି ଦୁଇ ମୁଠା ଖାଇବାକୁ ପାଇବା ଆଶାରେ, ସେମାନଙ୍କ ମୁଣ୍ଡ ଝାଳ ତୁଣ୍ଡରେ ପଶୁଛି । ଖଟିଖିଆର ବିନତି ଖଣିଖିଆ ଲୋକ ବୁଝେ ନାହିଁ । କୁକୁର ତ ଇତର ପ୍ରଣୀଟେ ତା ସ୍ୱର ଶୁଣିବା ପାଇଁ କାହାର ବା ଗରଜ ପଡିଛି ? କୁକୁରଟି ତୁନି ପଡି ପଶିଗଲା ଗୋଟିଏ ଖାଲ ଭିତରେ । ଜାକି ଜୁକି ହୋଇ ଶୋଇଗଲା ।

କୁକୁରଟି ବିରାମ ନେଇ ବିଶ୍ରାମ କରିବାକୁ ଚାଲିଯିବା ଦେଖି ପ୍ରୟାସ ତାଙ୍କ ପାଦର ଗତି ମନ୍ଥର କଲେ । ତାଙ୍କର ଧାରଣା ହେଲା , ଡାକ ଶୁଣି ଜଣେ ମଣିଷ ଘଟଣା ସ୍ଥଳକୁ ଆସିବା ପରେ ସତେ ଅବା କୁକୁରର ଦାୟିତ୍ୱ ଶେଷ ହୋଇଛି !

ସେତିକି ବେଳେ ଅନ୍ୟ କେଉଁ ଏକ ଘରର କବାଟ ଖୋଲିବା ପରି ଶବ୍ଦଟିଏ ଶୁଭିଲା । ରାତିର ଚତୁର୍ଥ ପ୍ରହର । ଏମିତି ବହୁତ କିମ୍ବା ଅଳ୍ପ ଲୋକ ଏବେ ମଧ ଅଛନ୍ତି , ରାତି ପାହିବାର ବହୁ ସମୟ ପୂର୍ବରୁ ନିଶ୍ଚୟ ଯେଉଁମାନେ ଶେଯ ଛାଡି ଉଠିଯାଉଛନ୍ତି । ମନେ ମନେ ସେମାନଙ୍କୁ ଧନ୍ୟବାଦ ଜଣାଇଲେ ପ୍ରୟାସ ।

ଅକସ୍ମାତ ମନ ତାଙ୍କ ବିଚଳିତ ହେଲା, ତାଙ୍କୁ କିଏ ଦେଖି କାଳେ କିଏ ସନ୍ଦେହ କରିବ । ମୁଣ୍ଡରେ ଚେତା ପଶିଲା । ଘୋଡେଇ ହୋଇଛନ୍ତି ସେ ଗୋଟେ କଳା କମ୍ବଳ । ଚୋର କି ମାଓବାଦୀ ବୋଲି ଭାବି କିଏ ରଡି ଛାଡିବା ନିହାତି ଅସମ୍ଭବ ନୁହେଁ । ରାତି ତିନିଟା ବେଳକୁ, ପୁଣି ଏଡ଼େ ପ୍ରଚଣ୍ଡ ଶୀତରେ କେଉଁ ଭଦ୍ରଲୋକ ବୁଲେକି କେଉଁଠି ?

ସେ କୁକୁର ତା' ର ଯେତେ ଦୁଃଖରେ ଥିବ, ଥାଉ ଛାର କୁକୁରଟାଏ ତ ! କେତେ କେତେ ମଣିଷ ଯେ ଶୀତ ସମ୍ଭାଳି ନପାରି, ଆହୁରି ବି ଭୋକ ଉପାସରେ, ପାଚିଲା ପତ୍ର ପରିକା ଝଡି ଯାଉ ନାହାନ୍ତି ? କିଏ ଶୀତରେ ଥରୁ କି ଅନ୍ୟ କିଏ ଭୋକରେ ମରୁ " ଖଣି ଖାଦନ" ରଚନା ଲେଖିବାର ଉଦ୍ୟମ ଚାଲିଥିବା ବେଳେ ଏପରି ଛୋଟ ଛୋଟ ବ୍ୟାପାରରେ ଭାବପ୍ରବଣ ହେବା ବାଞ୍ଛନୀୟ ନୁହେଁ । ତାହା ବରଂ ସମୟର ଅପଚୟ କେବଳ । ବିବେଚନା କରିଥିଲେ ପ୍ରୟାସ ।  ସମୟ ବି ଭଲ ନାଇଁ  । ଆଉ ଆଗକୁ ବଢିବା ନିରାପଦ ନୁହେଁ  । ନୁହେଁ ମଧ୍ୟ ଆଦୌ ଯୁକ୍ତି ସଙ୍ଗତ ।

ସେ ଘରକୁ ଫେରିବା ପାଇଁ ପଛକୁ ବୁଲିବା ମାତ୍ରେ, ପଛରୁ ଡାକିବା ପରି ପୁଣି ଥରେ ଭୁକି ଉଠିଲା କୁକୁର । ଏଥର ତା' ଭୁକିବା ଶୈଳୀ ଓ ଶବ୍ଦ ଶୁଭୁଥିଲା ଅଧିକ କର୍କଶ ଏବଂ ପ୍ରଖର , ଯଦିବା ପ୍ରୟାସ ଙ୍କୁ ଲାଗିଲା , ସେ ଅବା ସାଙ୍ଘାତିକ ଭାବରେ ସମ୍ବୋଧନ କରୁଛି - ଭୋ ..ଭୋ ..ମହାଭାଗ ! ଭୋ ... ଭୋ...
ପଟ୍ଟନାୟକ ପଡାର କୌଣସି ଏକ ଘର ପାଖରୁ ଏପଟକୁ କିଏ ପଥର ଫୋପାଡ଼ିଲା । କୁକୁର ଓ ପ୍ରୟାସଙ୍କ ମଝା ମଝି ପଡିଲା ସେ ପଥର । ଗଡି ଗଡି ଚାଲିଗଲା ଦୁରକୁ । କୁକୁର ଚିତ୍କାର କଲା ଅଧିକ କ୍ଷୋଭରେ ।

କିଏ ସେ ଫିଙ୍ଗିଲା ଢେଲା, କାହିଁକି ଓ କାହା ଉଦ୍ଦେଶ୍ୟରେ ? ଅସଲରେ କିଏ ତାର ନିଶାଣ? କୁକୁର ନା ତା ପାଖରେ ଉପସ୍ଥିତ ମଣିଷ ?

ମୁଣ୍ଡରୁ ମଫଲର ଖୋଲି ପ୍ରୟାସ ଏକ ଲୟରେ ଚାହିଁ ରହିଲେ ସେହି ଆଡକୁ ଯେଉଁ ପଟୁ ପଥରଟି ଆସିଥିଲା । ଘଡିକେ ପହରକେ ନିଶ୍ଚୟ କୁକୁରଟିକୁ ଲକ୍ଷ୍ୟ କରି କିଏ ପଥର ମାଡ଼ କରୁଛି ପ୍ରତି ରାତିରେ । ବ୍ୟାପରଟା ତାଙ୍କୁ ଭାରି ରହସ୍ୟମୟ ଲାଗିଲା । ପ୍ରତି ରାତିରେ ଭୁକୁଛି କୁକୁର, ପୁଣି ବାରମ୍ବାର । କଣ ଚାହେଁ ସେ ? କଣ ତାର ଉଦ୍ଦେଶ୍ୟ?  ନିର୍ଦ୍ଦିଷ୍ଟ ଭାବେ କାହାକୁ ନଜରରେ ରଖି ସିଏ ଭୁକା ଭୁକି କରୁଥାଇ ପାରେକି, ଯେମିତି ନିଜେ ନିଶାଣରେ ରଖିଛନ୍ତି ଖଣି ମାଫିଆଙ୍କୁ !

ଠିକ ସେହି ମୁହୂର୍ତ୍ତରେ ଗୁଳିଟିଏ ଫୁଟିଲା, ଯେତେବେଳେ ପ୍ରୟାସ ବାମ ପଟକୁ ଦୁଇପାଦ ଘୁଞ୍ଚି ଯାଉଥିଲେ ।  କୁକୁର ବି ତାଙ୍କ ଠାରୁ ଚାରି ପାଦ ଦୂରରେ ହିଁ ଥିଲା ଏବଂ ଶବ୍ଦ ଶୁଣି ପଶ୍ଚିମକୁ ଦୌଡିଲା ।

କାହାକୁ ଶରବ୍ୟ କରି କିଏ ସିଏ ଗୁଳି ଫୁଟାଇଲା ? କୁକୁର ନା ପ୍ରୟାସ ତା ନିଶାଣ ? ଦୁରକୁ ଯାଇ କୁକୁର ବିଦ୍ରୋହର ଚିତ୍କାର ଛାଡିଲା ଏବଂ ଲମ୍ବା ଲମ୍ବା ପାଦ ପକାଇ ଦ୍ରୁତ ଗତିରେ ଘରକୁ ଫେରି ଆସିଲେ ପ୍ରୟାସ ।

ଦୂରରୁ କୁକୁରଟିର ଚିତ୍କାର ଶୁଭୁଥିଲା ଅଧିକରୁ ଅଧିକ ଭୟାନକ , ପୁଣି କେତେବେଳ ଅତ୍ୟନ୍ତ କରୁଣ ।

****

ଚୈତନ୍ୟ ବ୍ରାହ୍ମଣୀ ଭବନ
ପ୍ଲଟ ନ - ୨୪୦୮, ମଂଚେଶ୍ୱର ଗାଁ
ଭୁବନେଶ୍ୱର -୭୫୧୦୧୭
ମୋବ.: ୯୪୩୭୫୦୨୯୬୨



# ସୌନ୍ଦର୍ଯ୍ୟ ଭରା ଡ଼ିଉ

**ପୁଷ୍ପିତା ଜେନା**

" ସୁନ୍ଦରେ ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ" - କବି ରାଧାନାଥ ରାୟଙ୍କର ଏହି ପଂକ୍ତିଟି ପ୍ରକୃତରେ ସମସ୍ତଙ୍କ ପାଇଁ ଉପଯୁକ୍ତ ମନୁଷ୍ୟ ଜୀବନରେ ପ୍ରକୃତିର ଅନେକ ଲୀଳାଖେଳା ଦେଖେ, ଯଥା: ଉଚ୍ଚତମ ପର୍ବତର ମଖମଲ ବରଫର ଚାଦର, ସମୁଦ୍ରର ଉଚ୍ଚାଙ୍ଗ ଲହରୀ ମାଳା, ମରୁଭୂମିର ଧୂସର ବାଲିଶଯ୍ୟା , ଆଗ୍ନେୟଗିରିମାଳା ଇତ୍ୟାଦି ଅନେକ କିଛି ଭଗବାନଙ୍କର ରଚିତ ସୃଷ୍ଟିର ଅବଦାନ ଏ ମନୁଷ୍ୟ ଜାତି ନିମିତ୍ତ। ଏହି ସବୁର ଲୀଳା ଖେଳା ଦେଖି ଦେଖି ମନୁଷ୍ୟ ତାର ଜୀବନକୁ ଧନ୍ୟ ମନେ କରେ । ସେହିପରି ଆଣ୍ଡାମାନ, ଗୋଆ, ଦାମନ ପରି " ଡ଼ିଉ" ମଧ୍ୟ ଏକ ଦ୍ୱୀପପୁଞ୍ଜ (କେନ୍ଦ୍ରଶାସିତ ଅଂଚଳ ) । ଏହାର ସୌନ୍ଦର୍ଯ୍ୟ ମଧ୍ୟ ଅବର୍ଣ୍ଣନୀୟ।

ମୁଁ ମୋର ପରିବାର ସହିତ ଏ ବର୍ଷ ଗତ ଅକ୍ଟୋବର ୨୦ ତାରିଖରେ ଗୁଜୁରାଟ ଅଭିମୁଖେ ଯାତ୍ରା କରିଥିଲୁ । ଅହମ୍ମଦାବାଦର ସମସ୍ତ ସ୍ଥାନ ଯଥା ସାବରମତୀ ଆଶ୍ରମ ଓ ରାଜ ପ୍ରାସାଦର ଏକ ବଡ କୂଅ ( step well ), ହନୁମାନ ମନ୍ଦିର , Indian Institute of Management (IIM) ଇତ୍ୟାଦି ଦେଖି ଗାନ୍ଧୀ ନଗର ଅଭିମୁଖେ ଯାତ୍ରା କଲୁ। ଗାନ୍ଧୀ ନଗର city tour ( ନଗର ଭ୍ରମଣ), ଅକ୍ଷରଧାମ ମନ୍ଦିର, light and sound show ଦେଖି ହୋଟେଲ କୁ ଫେରିଲୁ। ତା ପରଦିନ ଦ୍ୱାରକା ଅଭିମୁଖେ ଯାତ୍ରା କରି ଭେଟ ଦ୍ୱାରକା, ରୁକ୍ମିଣୀ ମନ୍ଦିର, ନାଗେଶ୍ୱର ମନ୍ଦିର, ଦ୍ୱାରକାଧିଶ ମନ୍ଦିର ଇତ୍ୟାଦି ଦର୍ଶନ କଲୁ। ତୃତୀୟ ଦିବସରେ ସୋମନାଥ ମନ୍ଦିର ଦର୍ଶନ କରି , ପୋର ବନ୍ଦର( କୀର୍ତ୍ତି ମନ୍ଦିର), ମହାତ୍ମା ଗାନ୍ଧୀଙ୍କ ଜନ୍ମ ସ୍ଥାନ ଦର୍ଶନ କରି ଡ଼ିଉ ଯାତ୍ରା କଲୁ।

ଡ଼ିଉ ଦ୍ୱୀପପୁଞ୍ଜ ସୋମନାଥ ଠାରୁ ୮୯ କିଲୋମେଟର ଦୂର । ପ୍ରଥମେ ଡ଼ିଉ ପ୍ରବେଶ କରିବା ପୂର୍ବରୁ taxi driver ପୋଲିସ ଚେକପୋଷ୍ଟରେ ତା' ର କାଗଜ ପତ୍ର ଯାଞ୍ଚ କରାଇ ଆଦେଶନାମା ଆଣିଲା । ତାପରେ ଡ଼ିଉ " Welcomes U" ର ପ୍ରବେଶ ଦ୍ୱାରରେ ଆମର ଗାଡିଟି ପ୍ରବେଶ କଲା । ଖୁବ ସୁନ୍ଦର ଚକ ଚକ କଳା ରାସ୍ତା ଓ ଚାରିଆଡେ ସବୁଜ ବର୍ଣ୍ଣର ଗଛରେ ଭର୍ତ୍ତି । ପର୍ତ୍ତୁଗୀଜ ମାନଙ୍କର ଛୋଟ ଛୋଟ ଘର। କୌଣସି ସ୍ଥାନରେ ବେଶୀ ଭିଡ ଭାଡ ନଥିବାରୁ ବହୁତ ଶାନ୍ତିପ୍ରିୟ ବାତାବରଣ ଅନୁଭବ ହେଉଥିଲା । ଆମେ ପ୍ରଥମେ ସେଦିନ କାର୍ତ୍ତିକ ମାସ ସୋମବାର ଥିବାରୁ ଗଙ୍ଗେଶ୍ୱର ମହାଦେବଙ୍କୁ ଦର୍ଶନ କରିବୁ ବୋଲି ସ୍ଥିର କଲୁ। ସମୁଦ୍ର କୂଳରେ ଏ ଛୋଟ ମନ୍ଦିରଟି ଅବସ୍ଥିତ । ଏଥିରେ ପାଞ୍ଚଟା ଶିବଲିଙ୍ଗ । ଅଲଗା ଅଲଗା ହୋଇ ରହିଛି । ଉପରେ ଲକ୍ଷ୍ମୀଙ୍କର ଓ ଗଣେଶଙ୍କର ଛୋଟ ଛୋଟ ମୂର୍ତ୍ତି । ପାହାଚରୁ ଓହ୍ଲାଇବା କାଛରେ ଏକ ବଡ ସର୍ପ ର ମୂର୍ତ୍ତିର ମୁଣ୍ଡରେ ଫୁଲହାର ଟିଏ ପଡିଥିଲା । ମନ୍ଦିରରୁ ପ୍ରବେଶ କରିବା ପୂର୍ବରୁ ବୃଷବ ଟିକୁ ଦର୍ଶନ କଲୁ । ବାହାରେ ସବୁ ବେଲପତ୍ର, ଫୁଲ ଇତ୍ୟାଦି ସ୍ତ୍ରୀ ଲୋକମାନେ ବସି ବିକ୍ରି କରୁ ଥାଆନ୍ତି । ତାପରେ ଆମେ ମନ୍ଦିର ଭିତରକୁ ପ୍ରବେଶ କରି ସବୁ ଲିଙ୍ଗ ମାନଙ୍କୁ ଦର୍ଶନ କଲୁ । ସମୁଦ୍ରର ଲହଡି ମନ୍ଦିର ଭିତରକୁ ପଶିଆସି ଶିବ ଲିଙ୍ଗ ସବୁକୁ ଧୋଇ ଦେଇ ଚାଲି ଯାଉଥାଏ। ବହୁତ ସୁନ୍ଦର ଲାଗୁଥାଏ ଏ ଦୃଶ୍ୟଟି। ଆମର ପାଦକୁ ମଧ୍ୟ ଧୋଇ ଦେଇ ଚାଲି ଯାଉଥାଏ।

ସେଠାରୁ ଦର୍ଶନ ପରେ ଆମେ ତା ନିକଟରେ ଥିବା ସମୁଦ୍ର କୂଳକୁ ଗଲୁ ଓ ମୁଁ ସେଠାରୁ କିଛି ଶଙ୍ଖ , ଶାମୁକା, ଗୋମତି ଚକ୍ର ଇତ୍ୟାଦି ସଂଗ୍ରହ କଲି । ସେ ସମୁଦ୍ର କୂଳରେ ଏସବୁ କେତେଦୂର ବ୍ୟାପି ଭର୍ତ୍ତି ହୋଇ ଥାଏ । ଏଠାରୁ ଫେରି ଡ଼ିଉ ଦୁର୍ଗ ( Diu Fort ) ଯିବାକୁ ସ୍ଥିର କଲୁ। ସେଠାରେ ପହଂଚି ପର୍ଯ୍ୟଟକମାନଙ୍କର ଭିଡ ଦେଖି ଆଶ୍ଚର୍ଯ୍ୟ ହୋଇଗଲୁ । ଗାଡି parking କରିବାକୁ ମଧ୍ୟ ଜାଗା ନଥଏ । ସେଦିନ ବହୁତ ଗରମ ଥିବାରୁ ବୁଲିବା ମଧ୍ୟ କଷ୍ଟକର ଥାଏ । ତଥାପି Diu Fort କୁ ଦଳ ଦଳ ହୋଇ ପର୍ଯ୍ୟଟକଙ୍କ ସହିତ ଆମେ ମଧ୍ୟ ଆଗେଇ ଚାଲିଲୁ । ପ୍ରଥମେ ସେଠାରେ ମଧ୍ୟ ଏକ ଛୋଟ ଶିବ ମନ୍ଦିର ଦର୍ଶନ କଲୁ । ଖୁବ

ସୁନ୍ଦର । " ଡ଼ିଉ ଜେଲ " ଦର୍ଶନାର୍ଥୀଙ୍କୁ ପାଇଁ ବନ୍ଦ ଥିଲା । ବାହାରୁ ଦେଖି ଆଗକୁ ବଢ଼ିଲୁ । Light House ( ବତୀ ଘର ) ମଧ୍ଧ ଦେଖିଲୁ । କେହି କେହି ସିଢି (ପାହାଚ) ରେ ତା ଉପରକୁ ଯାଉଥିଲେ । ତା"ପରେ ସମୁଦ୍ର ଭିତରେ ଅବସ୍ଥିତ ଡ଼ିଉର " କଳାପାଣି" ଦିଆଯାଉଥିବା ଜେଲ ଟିକୁ ଦେଖିଲୁ । ଖୁବ ପ୍ରଶସ୍ତ । ଲୋକମାନେ ସମୁଦ୍ରରେ ବୋଟରେ ମଧ୍ଧ ତା ଭିତରକୁ ଦେଖିବାକୁ ଯାଉଥିଲେ । ବହୁତ ବଡ ଦୁର୍ଗ ଓ ଖୁବ ବଡ ବଡ ଗଛରେ ପରିପୂର୍ଣ ଥିଲା ଡ଼ିଉ ଦୁର୍ଗଟି । ଏମିତିରେ ସେଠାରୁ ସମସ୍ତ କିଛି ଦେଖି " ଡ଼ିଉ ସଂଗ୍ରହାଳୟ " ( Diu Museum ) ଗଲୁ ।

ଡ଼ିଉ ସଂଗ୍ରହାଳୟ ରେ ପ୍ରବେଶ କରି ପର୍ତ୍ତୁଗୀଜ ମାନଙ୍କର ରାଜୁତି ସମୟର ଅନେକ ଅନେକ ସୁନ୍ଦର ମୂର୍ତ୍ତି , ଫୋଟୋ ସେସମୟର ବ୍ୟବହୃତ ଜିନିଷ ଗୁଡିକ ଦେଖିଲୁ । St Paul ଚର୍ଚ୍ଚରେ ପ୍ରବେଶ କରି ଖୁବ ଭଲ ଲାଗିଲା । ଖୁବ ବଡ ଓ ସୁନ୍ଦର ଶୈଳୀରେ ତିଆରି ହୋଇ ଥିଲା । ତା' ଭିତରେ ବହୁତ ଥଣ୍ଡା ଲାଗୁଥାଏ ଯେପରି air conditioned ହେବା ପରି । ସବୁ କିଛି ବୁଲି ଫୋଟୋ ଉଠାଇ ଫେରିଲୁ । ଗରମ ପାଇଁ ବହୁତ କ୍ଲାନ୍ତ ଲାଗୁଥାଏ ଆଉ ବୁଲିବାକୁ ଇଛା ନଥାଏ ।

ତାପରେ ଆମେ ଏକ ଛୋଟ ଭୋଜନାଳୟରେ ପ୍ରବେଶ କଲୁ । ଛୋଟ ସହର ଓ ତଳ ମହଲାରେ ତିଆରି ହୋଇଥିବା ଅନ୍ନପୂର୍ଣ୍ଣା ଭୋଜନାଳୟରେ ପ୍ରବେଶ କଲୁ । ଏ ଘରର ତଳ ମହଲାରେ ତିଆରି ହୋଇଛି । ସେଠାରେ ଶାନ୍ତିରେ ବସି ଖାଇ ଆମେ ହୋଟେଲ କୁ ଯାତ୍ରା କଲୁ । ହୋଟେଲଟି ଏକ ଚାରି ତାରକା ଥିଲା ଓ ଖୁବ ସୁନ୍ଦର । କିଛି ସମୟ ବିଶ୍ରାମ ନେଇ ଚା' ପିଇ nagoa ବିଚକୁ ବାହାରିଲୁ । ପ୍ରଥମେ ସେଠାରେ ଥିବା Dinosaur ପାର୍କ କୁ ଯାଇ dinosaur ର ପ୍ରତିମୂର୍ତ୍ତି ପାଖରେ କିଛି ଫୋଟୋ ଉଠାଇ ସମୁଦ୍ର କୂଳକୁ ଗଲୁ । ପୁରା ସମୁଦ୍ର କୁଳ ଟିରେ ପ୍ରାଚୀର ( compound wall ) ବୁଲା ଯାଇଛି ଓ ଗୋଟିଏ ପ୍ରବେଶ ଦ୍ଵାର ଅଛି । କାରଣ ସମୁଦ୍ର କୂଳରୁ ଯାଇଥିବା ରାସ୍ତାର ବିପରୀତ ଦିଗରେ ଡ଼ିଉ ଏଇରପୋର୍ଟ ଟି ଅବସ୍ଥିତ ।

ବହୁତ ଲୋକ ପ୍ରାଚୀର କୁ ଡେଇଁ ସମୁଦ୍ର କୂଳକୁ ଯାଉ ଥାନ୍ତି । ସେଠାରେ ଦୁଇଟା parasailing ଓ ୨/୩ ଟି ସ୍ପିଡ଼ ବୋଟ ରେ ପର୍ଯ୍ୟଟକ ମାନେ ମନୋରଞ୍ଜନ କରୁ ଥାଆନ୍ତି । ପୁରା ସନ୍ଧ୍ୟା ୭ ଟାରେ ପୋଲିସ ଆସି ଏସବୁ ଗେମ କୁ ବନ୍ଦ କରିବା ପରେ ଆମେ ସେଠାରୁ ଫେରିଲୁ । ସେଠାରେ ମଧ୍ଧ ଅନେକ ଦୋକାନ ବଜ଼ାର ଥିଲା ।

ଡ଼ିଉ କ୍ଷୁଦ୍ର ସ୍ଥାନ ଟିଏ ହେଲେ ମଧ୍ଧ ଜିଲା କୋର୍ଟ ( District Court ), ଡାକ୍ତରଖାନା, ଡ଼ିଉ ବିଶ୍ଵବିଦ୍ୟାଳୟ, ଡ଼ିଉ ଡିପ୍ଲୋମା କଲେଜ, ପଶୁ ଚିକତ୍ସା ଳୟ, ଅଗ୍ନି ନିର୍ବାପକ କେନ୍ଦ୍ର, ସୁନ୍ଦର ଦୋକାନ ବଜ଼ାର ଓ Food Court ରେ ଭର୍ତ୍ତି । ଆମେ ଅଳ୍ପ କିଛି ଜିନିଷ କିଣିବା ପରେ ଆମେ ଏକ ହସ୍ତଶିଳ୍ପ ମେଳା କୁ ଗଲୁ । ସେଠାରୁ ବହୁତ କିଛି ହସ୍ତଶିଳ୍ପ ଜିନିଷ ଇତ୍ୟାଦି କିଣି ଆମେ ହୋଟେଲ ଅଭିମୁଖେ ଯାତ୍ରା କଲୁ । ହୋଟେଲରେ ରାତ୍ରି ଭୋଜନ ସମାପନ କରି ବିଶ୍ରାମ ନେଲୁ । ତା' ପରଦିନ ଅହମ୍ମଦାବାଦ ଅଭିମୁଖେ ଦିଲ୍ଲୀ ଫେରିବା ପାଇଁ ଯାତ୍ରା କଲୁ ।

ଏତେ ଛୋଟ ସହରରେ ଲୋକମାନେ ଖୁବ ଶାନ୍ତିପ୍ରିୟ ଜୀବନ ଯାପନ କରୁଛନ୍ତି ଦେଖି ଖୁସି ଲାଗିଲା । ସ୍ତ୍ରୀ ଠାରୁ ପୁରୁଷ ପର୍ଯ୍ୟନ୍ତ କିଛି ନା କିଛି କାମ କରୁଛନ୍ତି ଓ ଶାନ୍ତଶିଷ୍ଟ ଓ ଭଦ୍ର ସେମାନେ । ଏକ disciplined ଜୀବନ ଶୈଳୀରେ ଜୀବିକା ନିର୍ବାହ କରୁଛନ୍ତି । ପ୍ରତ୍ୟେକ ସ୍ତ୍ରୀ ଲୋକ active କିମ୍ଵା ସୋସାଇଟି ଚଳାଇ ନିଜର ବଜ଼ାର ଓ ଅନ୍ୟାନ୍ୟ କାମ କରିବା ସହିତ ଘର ଭିତରେ ଛୋଟ ଛୋଟ ଢ଼ାବା ବା ଭୋଜନାଳୟ କରି ନିଜେ ଚଳାଉଛନ୍ତି । ମନରେ ଡ଼ିଉ ଦ୍ଵୀପପୁଞ୍ଜ ଦେଖିବାର ଯେଉଁ ଇଛା ଥିଲା ତାକୁ ସମ୍ପୂର୍ଣ ଭାବରେ ବୁଲି ଦେଖି ଖୁବ ଖୁସି ଲାଗିଲା । ଏ ସବୁ ଦିନ ପାଇଁ ଏକ ଅବର୍ଣ୍ଣନୀୟ ସ୍ମୃତି ହୋଇ ରହିଥିଲା ଆମ ପାଇଁ ।

*****


୪୨୧, ସାଉଥ ଦିଲ୍ଲୀ ଆପାର୍ଟମେଣ୍ଟ,
ପ୍ଲଟ ନ. ୮, ସେକ୍ଟର -୪
ଦ୍ଵାରକା, ନୂଆ ଦିଲ୍ଲୀ -୧୧୦୦୭୮
ମୋ. ନ.: ୯୮୧୦୦୫୫୪୭୬

# ମହାମେଘବାହନ ଐର ଖାରବେଳ



ବିଶ୍ୱେଶ୍ୱର ମାଝୀ

ଖ୍ରୀ.ପୂ. ୧୯୩ରୁ ଖ୍ରୀ.ପୂ. ୧୭୦ ମଧ୍ୟରେ ସ୍ୱଳ୍ପକାଳ ପାଇଁ କଳିଙ୍ଗର ଚେଦି ରାଜବଂଶର (ମହର୍ଷି ବାସୁଙ୍କର ବଂଶଜ) ତୃତୀୟ ରାଜା ଥିଲେ ମହା ପରାକ୍ରମୀ ମହାମେଘବାହନ ଐର ଖାରବେଳ। ଚେଦି ରାଜବଂଶ ଖାରବେଳଙ୍କ ଶାସନ କାଳରେ କ୍ଷମତାର ଶୀର୍ଷରେ ପହଞ୍ଚିଥିଲା।ଐତିହାସିକମାନଙ୍କ ମତରେ ତାଙ୍କର ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ସୈନ୍ୟବଳ ଥିଲେ।ଖାରବେଳଙ୍କର ଅନେକ ରାଣୀଙ୍କ ମଧ୍ୟରୁ ପାଟରାଣୀଙ୍କ ନାମ ଥିଲା ଧୂସି ଓ ସେ ହସ୍ତୀ ସାହ ବା ହସ୍ତୀ ସିଂହ ନାମକ ଲାଲରାଜ୍ୟର କନ୍ୟା ଥିଲେ, ଯାହା ପଶ୍ଚିମବଙ୍ଗ ବା ଗୁଜରାଟ ବୋଲି ଅନୁମେୟ। ଉଦୟଗିରିରେ ମଞ୍ଚପୁରୀ, ଯମପୁରୀ ଓ ଛୋଟ ହାତୀ ଗୁମ୍ଫାରେ ଥିବା ବ୍ରାହ୍ମୀ ଲେଖମାନଙ୍କରୁ ତାଙ୍କ ଦୁଇଟି ପୁତ୍ର କନ୍ଦର୍ପଶ୍ରୀ ଓ ବରେକ୍ଷଶ୍ରୀଙ୍କ ନାମ ମିଳେ। କନ୍ଦର୍ପଶ୍ରୀ ପାଟରାଣୀ ଧୂସିଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ ଏବଂ ସମ୍ରାଟ ଖାରବେଳଙ୍କ ପରେ କଳିଙ୍ଗ ସାମ୍ରାଜ୍ୟର ଉତ୍ତରାଧିକାରୀ ହୋଇଥିଲେ। ବରେକ୍ଷଶ୍ରୀ (ବା କୁମାର ବଡୁଖ) ଯମପୁରୀ ଗୁମ୍ଫା ଖୋଦିତ କରାଇଥିଲେ। ଏହି ଶିଳାଲେଖଟି ଉଦୟଗିରି ପାହାଡ଼ରେ ଥିବା ହାତୀଗୁମ୍ଫା ନାମକ ଏକ ପ୍ରାକୃତିକ ଗୁମ୍ଫାରେ ବ୍ରାହ୍ମୀ ଲିପିରେ ପଥରେ ଖୋଦେଇ କରି ସତର ଧାଡ଼ିରେ ଲେଖା ହୋଇଛି । ଏହା ଭୁବନେଶ୍ୱର ନିକଟବର୍ତ୍ତୀ ଉଦୟଗିରିର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ । ଏହା ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀର ବୋଲି ଜଣାଯାଏ। ଖଣ୍ଡଗିରି-ଉଦୟଗିରିର ପ୍ରାଚୀନ ନାମ ଯଥାକ୍ରମେ କୁମାର ଓ କୁମାରୀ ପର୍ବତ।

ଉଦୟଗିରିରେ ଥିବା ହାତୀଗୁମ୍ଫା ଲେଖାରେ ଖାରବେଳଙ୍କ ଜୀବନ ଏବଂ କାର୍ଯ୍ୟକଳାପ ବିଷୟରେ ତାଙ୍କ ବାଲ୍ୟକାଳରୁ ୧୩ ତମ ଶାସନ ବର୍ଷ ପର୍ଯ୍ୟନ୍ତ ବିବରଣୀ ପ୍ରଦାନ କରାଯାଇଛି। ତାଙ୍କ ଶାସନକାଳ ମଧ୍ୟରେ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ସିଂହଳ (ଶ୍ରୀଲଙ୍କା), ବର୍ମା (ମିଆଁମାର), ସିଆମ (ଥାଇଲାଣ୍ଡ), ଭିଏତନାମ, କାମ୍ବୋଜ (କାମ୍ବୋଡ଼ିଆ), ବୋର୍ଣ୍ଣିଓ, ବାଲି, ସମୁଦ୍ର (ସୁମାତ୍ରା) ଏବଂ ଜାଭାଦ୍ୱୀପ (ଜାଭା) ପର୍ଯ୍ୟନ୍ତ ବ୍ୟାପିଥିଲା। ଏହା ବ୍ୟତୀତ ମଗଧ, ଅଙ୍ଗ, ସାତବାହନ ତଥା ବିଭିନ୍ନ ଦକ୍ଷିଣ ଭାରତୀୟ ପ୍ରଦେଶ ଯେପରି ପାଣ୍ଡ୍ୟ ସାମ୍ରାଜ୍ୟ (ଅଧୁନା ଆନ୍ଧ୍ର ପ୍ରଦେଶ) ଜୟ କରି କଳିଙ୍ଗର ପରିସୀମା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ବ୍ୟାପ୍ତ କରିଥିଲେ।

ଏହି ସୂତ୍ରରୁ ଜଣା ପଡିଛି ଯେ ତାଙ୍କ ପିତାଙ୍କ ଅକାଳ ମୃତ୍ୟୁରେ ଖାରବେଳ ପ୍ରଥମେ ଯୁବରାଜ ଭାବରେ ଶାସନ ଭାର ଗ୍ରହଣ କରିଥିଲେ ଏବଂ ୨୪ ବର୍ଷ ବୟସରେ ସେ ମହାରାଜା ଭାବରେ ଅଭିଷିକ୍ତ ହୋଇଥିଲେ । ତାଙ୍କର ରାଜ୍ୟାଭିଷେକର ପ୍ରଥମ ବର୍ଷରେ ସେ ଘୂର୍ଣ୍ଣିବଳୟ ଦ୍ୱାରା କ୍ଷତିଗ୍ରସ୍ତ ରାଜଧାନୀ କଳିଙ୍ଗ ନଗରୀର ପ୍ରବେଶ ଦ୍ୱାର ମରାମତି କରିଥିଲେ। ଦ୍ୱିତୀୟ ବର୍ଷରେ ସେ ସତବାହନ ରାଜାଙ୍କ ( ସତକରଣୀ ଅଞ୍ଚଳ) ଉପରେ ଆକ୍ରମଣ କରିଥିଲେ। ତାଙ୍କ ଶାସନର ତୃତୀୟ ବର୍ଷରେ ସେ ବିଭିନ୍ନ ନୃତ୍ୟ ଏବଂ ସଂଗୀତର ପ୍ରଦର୍ଶନ ଆୟୋଜନ କରିଥିଲେ ଏବଂ କଳିଙ୍ଗ ନଗରବାସୀଙ୍କୁ ଖୁସି କରିଥିଲେ।

ନିଜ ଶାସନର ଚତୁର୍ଥ ବର୍ଷରେ ସେ ପୁନର୍ବାର ସତବାହନ ରାଜ୍ୟ ଉପରେ ଆକ୍ରମଣ କଲେ ଏବଂ ଏହି ଅଞ୍ଚଳ ନିଜ ସାମ୍ରାଜ୍ୟରେ ଯୋଗକଲେ। ପଞ୍ଚମ ବର୍ଷରେ ସେ ମହାପଦ୍ମାନନ୍ଦଙ୍କ ଦ୍ୱାରା ତିନି ଶହ ବର୍ଷ ପୂର୍ବେ ଖନନ ହୋଇଥିବା ଜଳଶୟର ନବୀକରଣ କରିଥିଲେ। ଶାସନର ଷଷ୍ଠ ବର୍ଷରେ ସେ କରମୁକ୍ତ କରି ପ୍ରଜା ମାନଙ୍କୁ ସନ୍ତୋଷ ପ୍ରଦାନ କରିଥିଲେ। ସପ୍ତମ ବର୍ଷରେ ସେ ସହସ୍ର ସହସ୍ର ମୁଦ୍ରା ବ୍ୟୟ କରି ଅସି, ଛତ୍ର, ଧ୍ୱଜ, ରଥ, ରକ୍ଷୀ, ତୁରଙ୍ଗ, ଘଟ ପ୍ରଭୃତି ପ୍ରଦର୍ଶନଦ୍ୱାରା ବିଜୟ ଉତ୍ସବ କରିଥିଲେ। କାରଣ ସେହି ବର୍ଷ

ତାଙ୍କର ପାଟ ରାଣୀ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଲେ।

ତାଙ୍କର ଅଷ୍ଟମ ଶାସନ ବର୍ଷରେ ଖାରବେଳ ରାଜଗୃହଙ୍କ ବିରୋଧରେ ସାମରିକ ଅଭିଯାନର କରିଥିଲେ। ସେତେବେଳକୁ ମଥୁରା ଅଧୀନରେ ଥିବା ଇଣ୍ଡୋ- ଗ୍ରୀକ୍ସ ପାଟଳୀପୁତ୍ର ଆଡକୁ ଯାଉଥିଲେ। ଖାରବେଳ ସେମାନଙ୍କୁ ଗୋଡାଇ ମଥୁରାରୁ ବାହାର କରିଦେଲେ। ପାଟଳୀପୁତ୍ର ଜୈନ ଧର୍ମ ଏବଂ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଥିଲା। ଏହି ସଫଳତାକୁ ସ୍ମରଣ କରି ସେ ତାଙ୍କ ରାଜତ୍ୱର ନବମ ବର୍ଷରେ ଅଠେଇଶ ଶହ ହଜାର ସ୍ୱର୍ଣ୍ଣ ମୁଦ୍ରା ବ୍ୟୟରେ କଳିଙ୍ଗରେ ଏକ ବିଜୟ ପ୍ରାସାଦ ନିର୍ମାଣ କରିଥିଲେ। ଦଶମ ଶାସନ ବର୍ଷରେ ସେ ପୁନର୍ବାର ଉତ୍ତର ଭାରତ ଉପରେ ଆକ୍ରମଣ କଲେ। ତାଙ୍କ ରାଜତ୍ୱର ଏକାଦଶ ବର୍ଷରେ ଖାରବେଳ ତାମିଲ ରାଜାଙ୍କୁ ପରାସ୍ତ କରିଥିଲେ। ଦ୍ୱାଦଶ ବର୍ଷରେ ସେ ତୃତୀୟ ଥର ପାଇଁ ଉତ୍ତର ଭାରତ ଉପରେ ଆକ୍ରମଣ କରି ଉତ୍ତର ପ୍ରଦେଶ ପର୍ଯ୍ୟନ୍ତ ଅଗ୍ରଗତି କଲେ। ଫେରିବା ପରେ ସେ ମଗଧଙ୍କୁ ଆତଙ୍କିତ କରିଥିଲେ। ଫଳରେ ମଗଧର ରାଜା ବୃହସ୍ପତିମିତ୍ର ଆତ୍ମସମର୍ପଣ କଲେ ଏବଂ ଖାରବେଳ ମଗଧଠାରୁ କଳିଙ୍ଗ ଜୀନଙ୍କ ପ୍ରତିମୂର୍ତ୍ତିକୁ ପ୍ରତିମୂର୍ତ୍ତିକୁ ଧନଧାନ୍ୟ ସହିତ ତାଙ୍କ ବିଜୟର ଚିହ୍ନ ଭାବରେ ଆଣିଥିଲେ। ତିନି ଶହ ବର୍ଷ ପୂର୍ବେ ମହାପଦ୍ମାନନ୍ଦଙ୍କ ଦ୍ୱାରା କଳିଙ୍ଗ ଜୀନଙ୍କୁ କଳିଙ୍ଗଠାରୁ ନିଆଯାଇଥିଲା।

ତାଙ୍କ ତ୍ରୟୋଦଶ ଶାସନ କାଳରେ ଖାରବେଳ କୁମାରୀ ପାହାଡରେ ଜୈନ ଭିକ୍ଷୁମାନଙ୍କ ପାଇଁ ଅନେକ ଗୁମ୍ଫା ଗୃହ ଖନନ କରିଥିଲେ ଏବଂ ସେମାନଙ୍କ ପାଇଁ ଅନୁଦାନ ପ୍ରଦାନ କରିଥିଲେ। ତାଙ୍କ ପୃଷ୍ଠପୋଷକତାରେ କଳିଙ୍ଗରେ ଜୈନ ଧର୍ମ ବିସ୍ତାର ଲାଭ କଲା। ସେ ଅନ୍ୟ ଧାର୍ମିକ ସମ୍ପ୍ରଦାୟ ପ୍ରତି ଉଦାରବାଦୀ ଥିଲେ ଏବଂ ସମସ୍ତ ଧାର୍ମିକ ଆଦେଶର ଉପାସକ ତଥା ସମସ୍ତ ଧାର୍ମିକ ମନ୍ଦିରର ପୁନରୁଦ୍ଧାରକାରୀ ଭାବରେ ସେ ସୁନାମ ଅର୍ଜନ କରିଥିଲେ।

ହାତୀଗୁମ୍ଫା ଶିଳାଲିପିରେ ଖାରବେଳଙ୍କର କାର୍ଯ୍ୟକଳାପ ତ୍ରୟୋଦଶ ଶାସନ ବର୍ଷ ପର୍ଯ୍ୟନ୍ତ ଅଭିଲିଖିତ ହୋଇଛି ଯାହା ପରେ ତାଙ୍କ ବିଷୟରେ କିଛି ଜଣା ନାହିଁ। ମହାମେଘବାହାନ ରାଜବଂଶ ପ୍ରଥମ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗ ଏବଂ ମହିଷାକା ଉପରେ ଶାସନ ଜାରି ରଖିଥିଲେ ଯାହା ସମ୍ପ୍ରତି ଆନ୍ଧ୍ରପ୍ରଦେଶର ଗୁଣ୍ଟୁପଲ୍ଲୀ ଏବଂ ଭେଲପୁରୁର କିଛି ଆବିଷ୍କୃତ ଶିଳାଲିପିରୁ ଜଣା ପଡିଥିଲା। ଭେଲପୁରୁ ଶିଳାଲିପିରେ ଐରମହାରାଜା ହରିତିପୁତ୍ର ମାନସଦାଙ୍କ ଶାସନ ଥିଲା ଯିଏ ମହାମେଘବାହାନ ରାଜବଂଶର ଥିଲେ।

ପ୍ରବଳ ପରାକ୍ରମୀ ଓ ପ୍ରଜାବତ୍ସଳ ଏହି ରାଜା ଗଙ୍ଗା ଠାରୁ କାବେରୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରି ଅଶୋକଙ୍କ ସମୟରେ କଳିଙ୍ଗ ପରାଜୟର ପ୍ରତିଶୋଧ ନେବା ସହ କଳିଙ୍ଗ ସାମ୍ରାଜ୍ୟକୁ ଗୌରବ ମଣ୍ଡିତ କରିଥିଲେ। ସେ ଜୈନଧର୍ମ ଗ୍ରହଣ କରିଥିଲେ ମଧ୍ୟ ସବୁଧର୍ମ ପ୍ରତି ଉଦାର ଥିଲେ। କିନ୍ତୁ ସମ୍ରାଟ ଅଶୋକଙ୍କ ସମୟରୁ ପ୍ରଚଳିତ ବୌଦ୍ଧଧର୍ମ ରାଜଧର୍ମର ଆସ୍ଥା ହରାଇଥିଲା। ତାଙ୍କ ପରି ସମ୍ରାଟ କଳିଙ୍ଗ ଭୂମିରେ 'ନା ଭୂତେ ନା ଭବିଷ୍ୟତି।'

****

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ଘୁମୁସର ବିଦ୍ରୋହ ଓ ଆଦିବାସୀ ନେତୃତ୍ୱ



ଡ. ଚିତ୍ତରଞ୍ଜନ ମିଶ୍ର

ଘୁମୁସର ବିଦ୍ରୋହ ଉପନିବେଶବାଦୀ ଶକ୍ତି ବିରୁଦ୍ଧରେ ଏକ ଦୀର୍ଘତମ ବିଦ୍ରୋହ | ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଘୁମୁସର, ଦୁଇଟି ଔପନିବେଶିକ ଶକ୍ତି ଯଥା ଫ୍ରାନ୍ସ ଏବଂ ଇଂଲଣ୍ଡ ବିରୁଦ୍ଧରେ ଦୀର୍ଘ ୧୧୩ ବର୍ଷ ଧରି ସଂଗ୍ରାମ କରିଥିଲା, ଯାହା ୧୭୫୩ ଖ୍ରୀ.ଅ ଠାରୁ ୧୮୬୬ ଖ୍ରୀ.ଅ ପର୍ଯ୍ୟନ୍ତ ଚାଲିଥିଲା | ଏହି ବିଦ୍ରୋହକୁ ଦମନ କରିବା ପାଇଁ ଇଂରେଜ ପକ୍ଷକୁ ୨୫୦୦୦ସନ୍ୟବଳ, ୮ ଟି ମେଜର, ୮ ଟି କ୍ୟାପଟେନ ଏବଂ ୩ ଟି ଲେଫ୍ଟନାଣ୍ଟ କୋଲୋନେଲଙ୍କୁ ନିଯୁକ୍ତ କରିବାକୁ ପଡ଼ିଥିଲା | ଏହି ବିଦ୍ରୋହର ପରିସୀମା ମଧ୍ୟ ଖୁବ ବ୍ୟାପକ ଥିଲା | ଏହା ଘୁମୁସର ଠାରୁ ଆରମ୍ଭ ହୋଇ ପର୍ଯ୍ୟାୟ କ୍ରମେ ଉତ୍ତରକୁ ଦଶପଲ୍ଲା, ବାଣପୁର ଏବଂ ଖୁର୍ଦ୍ଧା ପର୍ଯ୍ୟନ୍ତ ଏବଂ ପୂର୍ବକୁ କନ୍ଧମାଳ, ବୌଦ୍ଧ ଏବଂ ଅନୁଗୁଳ ଜିଲ୍ଲା ପର୍ଯ୍ୟନ୍ତ ବ୍ୟାପିଥିବା ଜଣାଯାଏ | ଘୁମୁସର ବିଦ୍ରୋହ ଏତେ ଅଦମନୀୟ ଏବଂ ଭୟଙ୍କର ଥିଲା ଯେ ଗଭର୍ଣ୍ଣର ଜେନେରଲ ଲର୍ଡ ଡେଲହଉସୀଙ୍କୁ ସିଧା-ସଖଳ ହସ୍ତକ୍ଷେପ କରିବାକୁ ପଡିଥିଲା | ଏହି ବିଦ୍ରୋହକୁ ଚାରୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ | (୧) ଫରାସୀ ଶକ୍ତି ବିରୁଦ୍ଧରେ ଘୁମସର ରାଜା କୃଷ୍ଣ ଭଞ୍ଜଙ୍କ ସଂଗ୍ରାମ ୧୭୫୩ ରୁ ୧୭୫୭, (୨) ଇଂରେଜ ବିରୁଦ୍ଧରେ ଘୁମୁସର ରାଜବଂଶର ସଂଗ୍ରାମ ୧୭୬୬ ରୁ ୧୮୩୫, (୩) କମଳ ଲୋଚନ ଦୋରା ବିଷୋୟୀଙ୍କ ନେତୃତ୍ୱରେ ଘୁମୁସର ଆଦିବାସୀଙ୍କ ସଂଗ୍ରାମ ୧୮୩୫ ରୁ ୧୮୩୭ ଏବଂ (୪) ଚକରା ବିଷୋୟୀଙ୍କ ନେତୃତ୍ୱରେ ଘୁମୁସର ଆଦିବାସୀଙ୍କ ସଂଗ୍ରାମ ୧୮୪୬ ରୁ ୧୮୬୬ | ଇତି ମଧ୍ୟରେ ସଂଘଟିତ ହେଇଥିବା ୧୮୧୭ ଖ୍ରୀ.ଅ. ପାଇକ ବିଦ୍ରୋହ ବା ଖୁର୍ଦ୍ଧା ବିଦ୍ରୋହର ସଫଳତା ପଛରେ ଘୁମୁସର ଆଦିବାସୀଙ୍କ ପ୍ରଚ୍ଛନ୍ନ ହାତ ଥିବା ଇତିହାସରୁ ସ୍ପଷ୍ଟ ଜଣାଯାଏ |

ଆଦିବାସୀମାନେ ବିଶ୍ୱସ୍ତ, ସ୍ୱାଧୀନତା ପ୍ରିୟ, ମାତୃଭୂମୀ ଅନୁରକ୍ତ ଏବଂ ରାଜଭକ୍ତ ଅଟନ୍ତି | ସେମାନେ ବସବାସ କରୁଥିବା ଭୌଗୋଳିକ ସୀମା ଭିତରେ, ଅଥବା ସେମାନଙ୍କ ସାଂସ୍କୃତିକ କାର୍ଯ୍ୟକଳାପ ଭିତରେ କାହାର ଅନଧିକାର ପ୍ରବେଶ ଓ ହସ୍ତକ୍ଷେପକୁ ସେମାନେ ସହଜରେ ବରଦାସ୍ତ କରିପାରନ୍ତି ନାହିଁ | ତତ୍ ସହିତ ସେମାନଙ୍କ ରାଜଭକ୍ତି ଓ ରାଜାନୁରକ୍ତିର ପଟାନ୍ତର ନାହିଁ | ରାଜାଙ୍କ ସୁରକ୍ଷ୍ୟା ପାଇଁ ସେମାନେ ଜୀବନ ଦେବାକୁ ମଧ୍ୟ ପଛାନ୍ତି ନାହିଁ | ଏ ସମସ୍ତ ଭାବର ଅନ୍ୟନାମ ଦେଶଭକ୍ତି ଏବଂ ଜାତୀୟତା ନୁହଁ ତ ଆଉ କଣ ହେଇପାରେ ? ଘୁମୁସର ବିଦ୍ରୋହ ଏତେ ଘଟଣା ବହୁଳ ଯେ ଏକ ଛୋଟ ପ୍ରବନ୍ଧର କଳେବର ଭିତରେ ସେ ସବୁର ଟିକିନିଖି ଆଲୋଚନା ସମ୍ଭବ ନୁହଁ | ନିମ୍ନରେ ଏହି ବିଦ୍ରୋହର ଏକ ସଂକ୍ଷିପ୍ତ ରୂପରେଖ ପ୍ରଦାନ କରାଯିବାର ପ୍ରୟାସ କରାଯାଇଛି |

### ଫରାସୀ ଶକ୍ତି ବିରୁଦ୍ଧରେ ଘୁମୁସର ସଂଗ୍ରାମ :

୧୭୫୩ ଖ୍ରୀ.ଅ. ହାଇଦ୍ରାବାଦ ନବାବ ସଲାବନ୍ତ ଜଙ୍ଗ ଫରାସୀମାନଙ୍କୁ ଉତ୍ତର ସରକାର ଅଞ୍ଚଳକୁ ତଥା ଘୁମୁସର ସମେତ ସମଗ୍ର ଗଞ୍ଜାମ ଜିଲ୍ଲାକୁ ଜାଗିର ରୂପେ ହସ୍ତାନ୍ତର କଲେ | ତତ୍କାଳୀନ ଘୁମୁସର ରାଜା କୃଷ୍ଣ ଭଞ୍ଜ ନିର୍ଦ୍ଧାରିତ ପେସକସ ଦେବାକୁ ରୋକଠୋକ ମନା କରିଦେଲେ | ବକେୟା ରାଜସ୍ୱ ସଂଗ୍ରହ କରିବା ପାଇଁ ଫରାସୀ ଜେନେରାଲ ଡି. ବୁସୀ ଦକ୍ଷିଣ ଓଡିଶାରେ ପହଞ୍ଚିଲେ | ବୁସୀଙ୍କ ନିର୍ଦ୍ଦେଶ କ୍ରମେ ୨୦ ଟି କରଦ ରାଜ୍ୟ ବୁସୀଙ୍କ ସମ୍ମୁଖରେ ଉପସ୍ଥିତ ରହି ଆତ୍ମସମର୍ପଣ କରି ଫରାସୀ ଆଧିପତ୍ୟ ସ୍ୱିକାର କଲେ ମଧ୍ୟ ସର୍ବ ପ୍ରାଚୀନ, ସର୍ବ ବୃହତ ଓ ସର୍ବ ଶକ୍ତିଶାଳୀ ରାଜ୍ୟ ଘୁମୁସର ରାଜା ସେଥିରୁ ନିବୃତ ରହିଲେ | ସେତେବେଳକୁ ଘୁମୁସର ଉପରେ ବକେୟା ବାବଦକୁ ୧,୮୦,୦୦୦ ଟଙ୍କା ପେସକସ ଦେବାକୁ ଧାର୍ଯ୍ୟ କରିଥିଲେ ଜେନେରାଲ ଡି. ବୁସୀ ଯାହାକୁ ପରିଶୋଧ କରିବାକୁ ଘୁମୁସର ସମ୍ପୂର୍ଣ ମନା କରିଦେଲା | ଏହାର ଫଳ ସ୍ୱରୂପ

ଜେନେରାଲ ଡି. ବୁସୀ ସନ୍ୟ ବାହିନୀ ସହ ଘୁମୁସର ଆକ୍ରମଣ ପାଇଁ ଉଦ୍ୟତ ହେଲେ | ବାଲିପଦର ନିକଟସ୍ଥ ଘଞ୍ଚ ବାଉଁଶ ବଣ ନିକଟରେ ଘୁମୁସର ପାଇକମାନଙ୍କର  ଫରାସୀ ସନ୍ୟଙ୍କ ସହ ଭୀଷଣ ଯୁଦ୍ଧ ହେଲା |  ଏହି ଯୁଦ୍ଧ ଭାରତ ଇତିହାସରେ ଉପନିବେଶବାଦ ବିରୁଦ୍ଧରେ ଏବଂ ବିଦେଶୀ ଶକ୍ତି ବିରୁଦ୍ଧରେ ପ୍ରଥମ ଯୁଦ୍ଧ | ପଲାଶୀ ଯୁଦ୍ଧ ପୂର୍ବରୁ ଏବଂ ସିପାହୀ ବିଦ୍ରୋହର ଶହେ ବର୍ଷ ପୂର୍ବରୁ ବିଦେଶୀ ଶକ୍ତି ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିଥିବା ପ୍ରଥମ ଦେଶୀୟ ରାଜ୍ୟ ହେଇଛି ଘୁମୁସର | ଏହି ଯୁଦ୍ଧରେ ୩୦ ଜଣ ଫରାସୀ ସୈନ୍ୟଙ୍କ ମୃତ୍ୟୁ ସହ ବହୁ ସିପାହୀ ମୃତାହତ ହୋଇଥିଲେ | ଶେଷରେ ବୁସୀ ବାଧ ହୋଇ ୧୭୫୭ ମସିହାରେ କୃଷ୍ଣ ଭଞ୍ଜଙ୍କ ସହ ଯୁଦ୍ଧ ବନ୍ଦ ପାଇଁ ସନ୍ଧି କଲେ | ତଥାପି ଏହି ଶତ୍ରୁତା ୧୭୫୯ ପର୍ଯ୍ୟନ୍ତ ଲାଗି ରହିଥିଲା **|୧|** ୧୫.୦୮. ୨୦୦୭ ରେ ପ୍ରକାଶିତ ଓଡିଆ ଖବର କାଗଜ "ସମ୍ବାଦ"ର ପୃଷ୍ଠା ୫ରେ ତତ୍କାଳୀନ କୃଷି ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ର ନାୟକଙ୍କ ଏକ ଆଲେଖ୍ୟ "**୧୮୫୭ ପୂର୍ବରୁ ଓଡିଶାର ସ୍ୱାଧୀନତା ପାଇଁ ସଂଗ୍ରାମ**" ରେ ସେ ଲେଖିଛନ୍ତି ଯେ "ସମଗ୍ର ଦେଶରେ ଫରାସୀମାନଙ୍କ ବିରୁଦ୍ଧରେ ୧୭୫୩ ମସିହାରେ ଘୁମୁସର ଠାରେ ପ୍ରଥମ ବିଦ୍ରୋହ ମୁଣ୍ଡ ଟେକିଥିଲା | ଏ ଅଞ୍ଚଳ ପରବର୍ତ୍ତୀ ଅବସ୍ଥାରେ ଇଂରେଜମାନଙ୍କ କବଳରକୁ ଆସିବାରୁ ୧୮୬୬ ମସିହା ପର୍ଯ୍ୟନ୍ତ ଇଂରେଜମାନଙ୍କ ବିରୁଦ୍ଧରେ ପର୍ଯ୍ୟାୟକ୍ରମେ ରାଜା ଧନଞ୍ଜୟ ଭଞ୍ଜ, କମଳ ଲୋଚନ ଦୋରା ବିଶୋଇ, ଚକାରା ବିଶୋଇ ପ୍ରଭୃତିଙ୍କ ନେତୃତ୍ୱରେ ବିଦ୍ରୋହ ଚାଲୁ ରହିଥିଲା | X X X ଘୁମୁସର ହେଉଛି ସାରା ଭାରତର ପ୍ରଥମ ଅଞ୍ଚଳ, ଯେଉଁଠି ବିଦେଶୀ ଶାସନ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ ହୋଇ କ୍ରମାଗତ ଭାବେ ୧୧୩ ବର୍ଷରୁ ଅଧିକ ସମୟଧରି ଚାଲିଥିଲା | ବିଦ୍ରୋହ ପ୍ରଥମେ ରାଜାମାନଙ୍କ ଦ୍ୱାରା ଆରମ୍ଭ କରାଯାଇ ୧୭୫୩ ମସିହା ଠାରୁ ୧୮୬୬ ମସିହା ପର୍ଯ୍ୟନ୍ତ ସମସ୍ତ ଜନସାଧାରଣଙ୍କ ଦ୍ୱାରା ଚାଲୁରହିଥିଲା | ଏହି ବିଦ୍ରୋହରେ ଆର୍ଯ୍ୟ ରାଜାମାନଙ୍କ ସହ ଆଦିବାସୀ କନ୍ଧ ଓ ଅଣଆଦିବାସୀ ଓଡିଆମାନେ ସେମାନଙ୍କର ମାତୃଭୂମିକୁ ବିଦେଶୀ ଶାସନ କବଳରୁ ରକ୍ଷା କରିବାର ଏକ ମାତ୍ର ଲକ୍ଷ ନେଇ ବିଦ୍ରୋହରେ ଭାଗନେଇଥିଲେ" **|୨|** ତେଣୁ ନିର୍ବିବାଦରେ ଏହା ସ୍ୱୀକାର କରାଯାଇପାରେ ଯେ ଘୁମୁସର ବିଦ୍ରୋହ ହେଉଛି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ |

**ଇଂରେଜ ବିରୁଦ୍ଧରେ ଘୁମୁସର ସଂଗ୍ରାମ :**

ଘୁମସୁର ରାଜ୍ୟ ସହ ବାରମ୍ବାର ସଂଘର୍ଷ ଓ ଅଶାନ୍ତ ପରିସ୍ଥିତିକୁ ଏଡାଇବା ପାଇଁ ହାଇଦ୍ରାବାଦର ନିଜାମ ଫ୍ରାନ୍ସ ଠାରୁ ଉତ୍ତର ସରକାର ଜାଗିରକୁ ପ୍ରତ୍ୟାହାର କରିନେଲେ  ଏବଂ ୧୭୬୨ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀକୁ  ହସ୍ତାନ୍ତର କଲେ | ଉକ୍ତ ହସ୍ତାନ୍ତର ପ୍ରକ୍ରିୟାକୁ ମୋଗଲ ଶାସକ ସାହା ଆଲାମ ଦ୍ୱିତୀୟ ୧୨ ଅଗଷ୍ଟ ୧୯୬୫ ମସିହାରେ ଏକ ସନନ୍ଦ ଦ୍ୱାରା ସ୍ୱୀକୃତି ପ୍ରଦାନ କରିବା ପରେ ୧୯୬୬ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଏହାକୁ ଗ୍ରହଣ କଲା **|୩|**  ଇଷ୍ଟ ଇଣ୍ଡିଆ କମ୍ପାନୀର ମାଡ୍ରାସ ସରକାର ଏଡୱାର୍ଡ କଟ୍ସଫୋର୍ଡଙ୍କୁ ଗଞ୍ଜାମର ଦାୟିତ୍ୱ ଅର୍ପଣ କଲେ | ତଥାପି ରାଜା କୃଷ୍ଣ ଭଞ୍ଜ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଅର୍ଥାତ ୧୭୭୩ ମସିହା ପର୍ଯ୍ୟନ୍ତ ପେସକସ ଦେଇନଥିଲେ | ଏହି ବିଦ୍ରୋହ ଏବଂ ବିରୋଧକୁ ପାଇକ ଏବଂ ପ୍ରଜାମାନଙ୍କ ସହାୟତାରେ ପରବର୍ତ୍ତୀ ରାଜାମାନେ ଯଥାକ୍ରମେ ତ୍ରିବିକ୍ରମ ଭଞ୍ଜ (୧୭୭୩-୧୭୮୨), ଲକ୍ଷ୍ମଣ ଭଞ୍ଜ (୧୭୮୨-୧୭୮୮), ଶ୍ରୀକର ଭଞ୍ଜ (୧୭୮୩-୧୮୦୧ ଏବଂ ୧୮୧୮-୧୮୩୨) ଶେଷରେ ଧନଞ୍ଜୟ ଭଞ୍ଜ (୧୮୦୧-୧୮୧୫ ଏବଂ ୧୮୩୨-୧୮୩୫) ଚାଲୁ ରଖିଥିଲେ | ରାଜା ଧନଞ୍ଜୟ ଭଞ୍ଜଙ୍କ ମୃତ୍ୟୁ ପରେ ଇଂରେଜମାନେ ଘୃମୁମୁସରକୁ ଅଧିକାର କରିବାକୁ ସକ୍ଷମ ହେଲେ |

**୧୮୧୭ ପାଇକ ବିଦ୍ରୋହରେ ଆଦିବାସୀଙ୍କ ଭୂମିକା :**

Calcutta Gazetteer part Vthର ପୃଷ୍ଠା ୧୮୯ ଓ ୧୯୦ରେ ଉଲ୍ଲେଖ ଅଛି ଯେ ଖୁର୍ଦ୍ଧା ପାଇକ ବିଦ୍ରୋହର ପ୍ରଥମ ସୂତ୍ରପାତ ଘୁମୁସରର ୪୦୦ କନ୍ଧ ସୈନ୍ୟଙ୍କ ସମର୍ଥନରେ ପ୍ରଥମେ ବାଣପୁରଠାରୁ ଆରମ୍ଭ ହେଇଥିଲା | ବିଦ୍ରୋହୀମାନେ ବାଣପୁର

ଥାନାକୁ ପୋଡି ଦେବା ସହ ଇଂରେଜ ରାଜକୋଷକୁ ଲୁଣ୍ଠନ କରିଥିଲେ । ତତସହିତ ଇଂରେଜ ସରକାରଙ୍କ ସହଯୋଗୀ ଚରଣ ପଟ୍ଟନାୟକଙ୍କୁ ହତ୍ୟା କରିଥିଲେ । ଏହାର ନେତୃତ୍ୱ ଛତ୍ରଗଡର ରଥୀ ସାମନ୍ତସିଂହାର ନେଇଥିଲେ । ବାଣପୁରରୁ ବିଦ୍ରୋହୀ ମାନେ ଖୁର୍ଦ୍ଧା ଯାତ୍ରା କରି ବକ୍ସି ଜଗବନ୍ଧୁଙ୍କ ବିଦ୍ରୋହରେ ସାମିଲ ହେଇଥିଲେ ଏବଂ ପାଇକ ବିଦ୍ରୋହକୁ ଶକ୍ତି ଯୋଗେଇ ଥିଲେ । ବାଙ୍ଗାଲ ପ୍ରେସିଡେନ୍ସି (ସରକାରଙ୍କୁ) W.E. Baliey ୧୮ ଅଗଷ୍ଟ ୧୮୧୭ ମସିହାରେ ଦେଇଥିବା ପତ୍ରରେ ଉଲ୍ଲେଖ କରିଥିଲେ ଯେ ଏପ୍ରିଲ ମାସର ଶେଷ ସୁଦ୍ଧା ଗୁପ୍ତଚର ସଂସ୍ଥା ଦ୍ୱାରା ସଂଗୃହିତ ତଥ୍ୟରୁ ସୂଚନା ମିଳେ ଯେ ଘୁମୁସର ଅଞ୍ଚଳରୁ ୪୦୦ କନ୍ଧ ସୈନ୍ୟବଳ ବକ୍ସି ଜଗବନ୍ଧୁଙ୍କୁ ସମର୍ଥନ ଦେବା ପାଇଁ ଖୁର୍ଦ୍ଧା ଅଭିମୁଖେ ଯାତ୍ରା କରିବାକୁ ପ୍ରସ୍ତୁତ ଅଛନ୍ତି ।

## ଦ୍ୱିତୀୟ ପର୍ଯ୍ୟାୟ ଘୁମୁସର ବିଦ୍ରୋହ :

୧୮୩୫ ମସିହାରେ ଧନଞ୍ଜୟ ଭଞ୍ଜଙ୍କୁ ପରାସ୍ତ କରି ବନ୍ଦୀ କରିବା ପାଇଁ କମ୍ପାନୀ ସୈନ୍ୟ ବାହିନୀ ଦ୍ୱାରା ଘୁମୁସରକୁ ଘେରାବନ୍ଦି କରାଗଲା । କଲୋନେଲ ହଡସନ 3.11.1835ରେ ଘୁମୁସର ଏବଂ 9.11.1835ରେ କୁଲାଡ ଅଧିକାର କଲେ । ଧନଞ୍ଜୟ ଭଞ୍ଜ ନିଜର ସୁରକ୍ଷା ପାଇଁ କୌଶଳ କ୍ରମେ ଖସିଯାଇ ବର୍ତ୍ତମାନର କନ୍ଧମାଳ ଜିଲ୍ଲା କଲିଙ୍ଗା ଘାଟି ମଧ୍ୟବର୍ତ୍ତୀ ଅନ୍ଧାରିକୋଟ ଦେଇ କୁର୍ମିଙ୍ଗିଆ ନିକଟବର୍ତ୍ତୀ ରାଜାଗାଡା ଜଳପ୍ରପାତ ଠାରେ କନ୍ଧ ସରଦାରମାନଙ୍କ ସହାୟତାରେ ଆତ୍ମ ଗୋପନ କଲେ । ଇଂରେଜ ସୈନ୍ୟ ବାହିନୀ ହଡସନଙ୍କ ନେତୃତ୍ୱରେ 13.11.1835ରେ ରାଜାଙ୍କୁ ଅନୁସରଣ କରି ଘାଟି ରାସ୍ତା ଦେଇ କନ୍ଧମାଳ ଜିଲ୍ଲାକୁ ପ୍ରବେଶ କଲେ ମଧ ରାଜାଙ୍କ ସନ୍ଧାନ ପାଇ ପାରିଲେ ନାହିଁ । ପ୍ରବଳ ପ୍ରତିରୋଧ କାରଣରୁ କେବଳ ତିନୋଟି ପାଲିଙ୍କି ଏବଂ 5/6 ଟି ବନ୍ଧୁକ ଜବତ କରି 15.11.1835ରେ ନୂଆଗାଁ ଫେରିଗଲେ । ୧୮୩୬ ମସିହାରେ ଜର୍ଜ ରସେଲ ଘୁମୁସର ଦାୟିତ୍ୱ ଗ୍ରହଣ କଲାବେଳକୁ ରାଜା ଧନଞ୍ଜୟ ଭଞ୍ଜଙ୍କ ମୃତ୍ୟୁ ହେଇସାରିଥାଏ ।

୪.୩.୧୮୩୬ରେ ଇଂରେଜ ସୈନ୍ୟମାନେ ରାଜାଙ୍କ କିଛି ଅନୁଗାମୀ ଓ ପରିବାର ସଦସ୍ୟଙ୍କୁ ବନ୍ଦୀ କରି ଘୁମୁସର ନେଇଯାଉଥିବା ସମୟରେ ଦୋରା ବିଶୋଇ ଓ ତାର ସହଯୋଗୀମାନେ ୩୫ ଜଣିଆ ଇଂରେଜ ସୈନ୍ୟବଳ ଉପରେ ଆକ୍ରମଣ କରି ବ୍ରିଟିଶ ଅଫିସର ଲେଫ୍ଟନାଣ୍ଟ ବ୍ରୋମଲେ ଏବଂ ଗିବନଙ୍କ ସହିତ ୧୩ ଜଣ ସିପାହୀଙ୍କୁ ହତ୍ୟା କଲେ [୪] ଏହାପରେ ଗ୍ୟାଲେରୀ ଯାତ୍ରା ସମୟରେ କ୍ୟାମ୍ପବେଲଙ୍କ ସୈନ୍ୟଦଳ ଉପରେ ଆକ୍ରମଣ ଫଳରେ 10 ଜଣ କନ୍ଧ ସୈନ୍ୟଙ୍କ ମୃତ୍ୟୁ ହେଲା ଏବଂ କ୍ୟାପ୍ଟେନ ୱେଇଟଙ୍କ ଦଳକୁ କୁର୍ମିଙ୍ଗିଆ ଠାରେ କନ୍ଧ ସୈନ୍ୟମାନେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ 3 ଜଣ ସିପାହୀ ନିହତ ହେଇଥିଲେ । ୬.୩.୧୮୩୬ର ପତ୍ରରେ ୱାପସର ଲେଖିଥିଲେ ଯେ ତାଙ୍କ ଶିବିର ଉପରେ ୨୦୦୦ କନ୍ଧ ସୈନ୍ୟ ଦୁଇ ଜଣ ଘୋଡା ସବାରଙ୍କ ନେତୃତ୍ୱରେ ଆକ୍ରମଣ କରିଥଲେ [୫] ଏମିତି ବହୁ ବାର ଇଂରେଜ ସୈନ୍ୟ ଶିବିର ଉପରେ କନ୍ଧମାନେ ଆକ୍ରମଣ କରି ସୈନ୍ୟଙ୍କ ଅସ୍ତ୍ର ଶସ୍ତ୍ର, ଡ୍ରମ ବାଦ୍ୟ, ପୋଷାକ ଏବଂ ଅନ୍ୟାନ୍ୟ ସାଜ ସରଞ୍ଜାମ ଅପହରଣ କରି ଇଂରେଜ ସୈନ୍ୟଙ୍କୁ ଦୁର୍ବଳ କରିବାର ପ୍ରୟାସ କରିଥିଲେ ।

## ଦୋରା ବିଶୋଇଙ୍କ ନେତୃତ୍ୱ :

ଇତିମଧ୍ୟରେ ରାଜଭକ୍ତ କମଳ ଲୋଚନ ଦୋରା ବିଶୋଇ ୧୮୧୫ରୁ ୧୮୧୮ ପର୍ଯ୍ୟନ୍ତ ଏକ ବାଳିକାକୁ ରାଜା ପିଲା (ରାଜ କୁମାର) ବେଶରେ ଘୁମୁସର ରାଜସିହାଂସନରେ ବସାଇ ଛଦ୍ମ ଶାସନ ସହାୟତାରେ ରାଜତନ୍ତ୍ର ବ୍ୟବସ୍ଥାକୁ ତୁଲେଇବା ସହିତ ଧନଞ୍ଜୟ ଭଞ୍ଜଙ୍କ ମୃତ୍ୟୁ ପରେ ୧୮୩୫-୧୮୩୭ ପର୍ଯ୍ୟନ୍ତ ସ୍ଥାନୀୟ କନ୍ଧ ବୀରଙ୍କ ସହାୟତାରେ ଇଂରେଜ ବିରୋଧୀ ସଂଗ୍ରାମକୁ ଜାରି ରଖିଲେ । ସେ କେବଳ ଘୁମୁସର ଏବଂ କନ୍ଧମାଳ ଅଞ୍ଚଳର କନ୍ଧଙ୍କୁ ବିଦ୍ରୋହ କରିବାକୁ ଉତ୍ସାହିତ କରୁଥିଲେ ତା ନୁହେଁ, ତାଙ୍କ ବିଦ୍ରୋହ ଦଶପଲା, ନୟାଗଡ, ବୌଦ୍ଧ, କନ୍ଧମାଳ ଏବଂ ଅନୁଗୁଳ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ଶେଷରେ ୧୮୩୭ ମସିହାରେ ତତ୍କାଳୀନ ଅନୁଗୁଳ ରାଜା

ସୋମନାଥ ସିଂହ ଦୋରା ବିଶୋଇଙ୍କ ଅନୁଗୁଳ ରାଜ୍ୟରେ ଆତ୍ମଗୋପନର ସୂଚନା ପ୍ରଦାନ କଲେ ଏବଂ ଦୋରା ବିଶୋଇ ଇଂରେଜ ହାତରେ ଧରାହୋଇ ଗୁଟି ଜେଲରେ ବନ୍ଦୀ ଅବସ୍ଥାରେ ୧୮୪୬ ମସିହାରେ ମୃତ୍ୟୁ ବରଣ କଲେ। ୩। ଏହା ପୂର୍ବରୁ ତାଙ୍କର ସହଯୋଗୀ କନ୍ଧମାଳ ଜିଲ୍ଲା କୁର୍ମିଙ୍ଗିଆ ଗ୍ରାମର ବାଙ୍ଗୁ ମଲ୍ଲିକଙ୍କୁ ବନ୍ଧୁକ ଅପହରଣ, ଗିରିପଥରେ ବିଦ୍ରୋହୀ ବନ୍ଦିମାନଙ୍କୁ ଫେରାର କରାଇବା ଏବଂ ଇଂରେଜ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବା ଅପରାଧରେ ଗିରଫ କରାଗଲା ଓ ଜୁନ ୨୨ ତାରିଖ ୧୮୩୭ ମସିହାରେ ସର୍ବ ସମ୍ମୁଖରେ ଫାଶୀ ଦିଆଗଲା । ବାଙ୍ଗୁ ମଲ୍ଲିକ ହେଉଛନ୍ତି ତତ୍କାଳୀନ ଘୁମସୁର ରାଜ୍ୟର ଏବଂ ବର୍ତ୍ତମାନର କନ୍ଧମାଳ ଜିଲ୍ଲାର ପ୍ରଥମ କନ୍ଧ ଆଦିବାସୀ ସହୀଦ ।୭। ରସେଲଙ୍କ ଘୁମୁସର ରିପୋର୍ଟରୁ ସୂଚନା ମିଳେ ଯେ ୧୮୩୫ ମସିହାରେ ଘୁମୁସର ବିଦ୍ରୋହର ଭୟାବହତାକୁ ଲକ୍ଷକରି ଗଞ୍ଜାମ କଲେକ୍ଟର ମାଡ୍ରାସ ସରକାରଙ୍କୁ ଜଣେଇଥିଲେ ଯେ ଘୁମୁସର ବିଦ୍ରୋହକୁ ଦମନ କରିବା ପାଇଁ ଅଧିକ ଦକ୍ଷ ଓ ପରାକ୍ରମଶାଳି ଜେନେରାଲଙ୍କୁ ନିଯୁକ୍ତି କରାଯାଉ । ଏହାର ଉତ୍ତରରେ ୧୧।୦୧।୧୮୩୭ ମସିହାରେ ରସେଲ ସାହେବ ଘୁମୁସର ଦାୟିତ୍ୱ ବହନ କଲେ। ସେ ଜେନେରାଲ ବଟଲରଙ୍କ ସହ ଆଲୋଚନା କରି ଯୁଦ୍ଧ ନୀତି ପ୍ରସ୍ତୁତ କଲେ ଏବଂ ବିଦ୍ରୋହୀ ବୃନ୍ଦାବନ ଭଞ୍ଜ, ଦୋରା ବିଶୋଇ ଏବଂ ବିରାମ ବିଶୟୀଙ୍କୁ ଧରେଇଦେଲେ ୫୦୦୦ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରିବା ସହ ଓଡିଆ ବଳିଆର ସିଂହ ଏବଂ ଦାମ ଓଦଣ୍ଡରାଙ୍କୁ ଧରେଇଦେଲେ ୧୦୦୦ ଟଙ୍କାର ପୁରସ୍କାର ଏବଂ ହାତିରାମ, ବାହୁବଳେନ୍ଦ୍ର ଏବଂ ଛଞ୍ଚାଣ ସିଂହଙ୍କୁ ଧରେଇଦେଲେ ୫୦୦ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ ।୭। ଦୋରା ବିଶୋଇଙ୍କ ସନ୍ଧାନ ପାଇଁ କନ୍ଧମାଳର ନୂଆଗାଁ ଠାରେ କ୍ୟାପ୍ଟେନ ମୋରଗାନଙ୍କ ସୈନ୍ୟଦଳ ପହଞ୍ଚିବା ପରେ କନ୍ଧ ସୈନ୍ୟମାନଙ୍କ ଅତର୍କିତ ଆକ୍ରମଣ ଫଳରେ ୮ ଜଣ ସିପାହୀ କ୍ଷତାକ୍ତ ହେଇଥିଲେ ଏବଂ ହଜି ଯାଇଥିବା ଏକ ହାତୀକୁ ଖୋଜିବା ସମୟରେ କ୍ୟାପ୍ଟେନ ମୋରଗାନଙ୍କ ଉପରେ ପୁଣି ଥରେ ଆକ୍ରମଣ କରିଥିଲେ । କିଛି ଅର୍ଥଲୋଭୀ ଦେଶଦ୍ରୋହୀଙ୍କ ସହାୟତାରେ ଇଂରେଜ ସରକାର ବହୁ ଦେଶଭକ୍ତଙ୍କୁ ଧରି ଦଣ୍ଡିତ କରିବାରେ ସକ୍ଷମ ହେଇଥିଲେ। ୧୭୫୩ ମସିହାରୁ ୧୮୩୫ ମସିହା ପର୍ଯ୍ୟନ୍ତ ଦୀର୍ଘ ୮୨ ବର୍ଷର ସଂଗ୍ରାମ ଭଞ୍ଜ ରାଜବଂଶ ଅବ୍ୟାହତ ରଖିଥିଲେ। ଏହି ବିପ୍ଳବ ଇଂରେଜ ସରକାରଙ୍କ ନିଦ ହଜେଇ ଦେଇଥିଲା। ସେଥିପାଇଁ ଧନଞ୍ଜୟ ଭଞ୍ଜଙ୍କ ମୃତ୍ୟୁ ପରେ ଇଂରେଜ ସରକାର ଭଞ୍ଜ ରାଜବଂଶକୁ ଘୁମୁସର ଶାସନ କ୍ଷମତା ଠାରୁ ଦୂରେଇ ରଖିବା ପାଇଁ ଚାହିଁଲେ । ତେଣୁ ରସେଲ ସାହେବ ଭଞ୍ଜ ବଂଶର ଦାୟାଦମାନଙ୍କୁ ଉଚିତ ଭତ୍ତା ଦେଇ ଘୁମୁସର ରାଜ୍ୟ ଠାରୁ ଦୂରେଇ ରଖିବା ପାଇଁ ସ୍ଥିର କଲେ । ଧନଞ୍ଜୟ ଭଞ୍ଜଙ୍କ ପରିବାରଙ୍କୁ ଭେଲୋର ଠାରେ ଅଟକ ରଖି ଧନଞ୍ଜୟ ଭଞ୍ଜଙ୍କ ସହ ସେମାନଙ୍କ ସମ୍ପର୍କକୁ ଅନୁଧ୍ୟାନ କରି ସର୍ବାଧିକ ୫୦୦ ଟଙ୍କା ଠାରୁ ଆରମ୍ଭ କରି ସର୍ବନିମ୍ନ ୦୫ ଟଙ୍କା ପର୍ଯ୍ୟନ୍ତ ଭତ୍ତା ପ୍ରଦାନର ବ୍ୟବସ୍ଥା କରିଥିଲେ।

**ଟକରା ବିଶୋଇଙ୍କ ନେତୃତ୍ୱ**:

ଦୋରା ବିଶୋଇଙ୍କ ମୃତ୍ୟୁ ପରେ ତାଙ୍କ ପୁତୁରା ଟକରା ବିଶୋଇ ଘୁମୁସର ବିଦ୍ରୋହର ମଙ୍ଗ ଧରିଲେ । ଇଂରେଜମାନଙ୍କ ଦ୍ୱାରା ଘୁମୁସର ରାଜ୍ୟ ଦଖଲ, ଇଂରେଜ ସୈନ୍ୟଙ୍କ ସହ ଯୁଦ୍ଧରେ ବାପା ଶାମ ବିଶୋଇଙ୍କ ମୃତ୍ୟୁ ଏବଂ କକା ଦୋରା ବିଶୋଇଙ୍କ ଗିରଫ ଏବଂ ଓଟି ଜେଲରେ ତାଙ୍କର ମୃତ୍ୟୁ ଟକରା ବିଶୋଇଙ୍କୁ ଇଂରେଜ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବାକୁ ବାଧ କରିଥିଲା। ମାତୃଭୂମି ଘୁମୁସରରେ ଭଞ୍ଜ ରାଜବଂଶର ପୁନଃ ଶାସନ ପ୍ରତିଷ୍ଠା କରିବା ପାଇଁ ସେ ଦୃଢ ସଂକଳ୍ପ ନେଇ କନ୍ଧ ସୈନ୍ୟ ବାହିନୀର ନେତୃତ୍ୱ ନେଲେ । ଘୁମୁସର ରାଜ ବଂଶର ଦାୟାଦ ବାର ବର୍ଷର ବାଳକ ପୀତାମ୍ବର ଭଞ୍ଜଙ୍କୁ ସିଂହାସନରେ ବସାଇ 1846 ରୁ 1856 ମସିହା ପର୍ଯ୍ୟନ୍ତ ସେ ଇଂରେଜ ବିରୁଦ୍ଧରେ ଗରିଲା ଯୁଦ୍ଧ ଚାଲୁ ରଖିଲେ । ସେ କନ୍ଧମାଳ, ବୌଦ୍ଧ, ସୋନପୁର, ମଦନପୁର, କଳାହାଣ୍ଡି ଏବଂ ପରଳାଖେମୁଣ୍ଡିର ଶାସକ ଏବଂ ଜନସାଧାରଣଙ୍କ ଅକୁଣ୍ଠ

ସହଯୋଗ ପାଇଥିଲେ ଏବଂ ବିଭିନ୍ନ ସମୟରେ ସେସବୁ ଅଞ୍ଚଳକୁ ଯାତ୍ରା କରି କନ୍ଧମାନଙ୍କୁ ଇଂରେଜ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବାକୁ ଉତ୍ସାହିତ କରୁଥିଲେ । ଚକରା ବିଶୋଇଙ୍କ ନେତୃତ୍ୱରେ ଆନ୍ଦୋଳନ ଏତେ ଭୟାବହ ଥିଲା ଯେ ଏହି ବିଦ୍ରୋହକୁ ଦମନ କରିବାକୁ ଏବଂ ଚକରା ବିଶୋଇଙ୍କୁ ଗିରଫ କରିବା ପାଇଁ ଇଂରେଜ ସରକାର Major Mecpherson, Captain Hockins, lieutenant Mecviccar, Captain Dunlop, Brigadier General Dyce, Colonel Campbell, J. P. Frye, A. P. Onslowଙ୍କ ପରି ଅନେକ ଅଫିସରଙ୍କୁ ନିଯୁକ୍ତ କରିଥିଲେ । ତତ୍କାଳୀନ Governor General Lord Dalhousieଙ୍କୁ ମଧ୍ୟ ଏହି ବିଦ୍ରୋହକୁ ଦମନ କରିବାକୁ ହସ୍ତକ୍ଷେପ କରିବାକୁ ପଡିଥିଲା ।୮। ସେ East India Companyର Board Of Revenueଙ୍କ ନିକଟକୁ ଏପ୍ରିଲ 1848ରେ ପତ୍ର ମାଧ୍ୟମରେ ଜଣାଇଥିଲେ ଯେ ଚକରା ବିଶୋଇ ପାର୍ବତ୍ୟାଞ୍ଚଳ ଓ ସମତଳ ଅଞ୍ଚଳକୁ ବାରମ୍ବାର ସ୍ଥାନାନ୍ତରିତ ହେଇ ଆନ୍ଦୋଳନ ଜାରି ରଖିଛନ୍ତି । ସେଥିପାଇଁ ସେ ଆମ ପାଇଁ ଅପହଞ୍ଚ ଅଟନ୍ତି । ତଥାପି ତାହାଙ୍କୁ ଗିରଫ କରିବା ଉଦ୍ଦେଶ୍ୟରେ ଆମେ ଆମର ଚେଷ୍ଟା ଜାରି ରଖିଛୁ । ଚକରା ବିଶୋଇଙ୍କୁ ଗିରଫ କରିବାରେ ବିଫଳ ଇଂରେଜ ଅଫିସର C F Cockburn 1856 ମସିହାରେ ଶେଷରେ ବାଧ ହୋଇ ତତ୍କାଳୀନ Commissioner of Orissaଙ୍କୁ ପାତ୍ର ଲେଖି ଜଣେଇଲେ ଯେ ଚକରା ବିଶୋଇ ଘୁମୁସର ଏବଂ ତାହାର ଆଖ ପାଖ ରାଜ୍ୟ ଛାଡି ମଧ୍ୟ ଭାରତର କେଉଁ ଅଜଣା ଅଞ୍ଚଳକୁ ଚାଲିଯାଇଛନ୍ତି ଏବଂ ତାଙ୍କ ନେତୃତ୍ୱର ପ୍ରଭାବ ଆଉ ଘୁମୁସର ଅଞ୍ଚଳରେ ଅନୁଭୂତ ହେଉ ନାହିଁ । ପରବର୍ତ୍ତୀ ସମୟରେ ତାଙ୍କର ଅନେକ ସହଯୋଗୀଙ୍କୁ ଇଂରେଜ ସରକାର ଗିରଫ କରିବାରେ ସକ୍ଷମ ହେଲା ଏବଂ ଦେଢ ବର୍ଷ (୧୮ ମାସ) ପରେ ଇଂରେଜ ଅଫିସର C. F. Cockburn ପୁଣି ଥରେ ପତ୍ର ଲେଖି ଜଣେଇଲେ ଯେ ଦୀର୍ଘ ୧୮ ମାସ ହେଲା ଚକରା ବିଶୋଇ ଆଉ ଘୁମୁସର ଏବଂ ଏହାର ଆଖ ପାଖ ଅଞ୍ଚଳରେ ଦେଖା ଯାଉନାହାନ୍ତି ଏବଂ ତାଙ୍କର ସମସ୍ତ ସହଯୋଗୀ ଆମ ସନ୍ୟମାନଙ୍କ ଦ୍ୱାରା ଗିରଫ ହୋଇ ସାରିଛନ୍ତି ଅଥବା ବିଦ୍ରୋହ ଛାଡି ସାଧାରଣ ଜୀବନ ଜାପାନ କରିବାକୁ ବାଧ୍ୟ ହୋଇଛନ୍ତି ।୯।

ଏ ସମସ୍ତ ବିବରଣୀକୁ ଲକ୍ଷ କରି ଅନେକ ଐତିହାସିକ ଏହି ମତ ରଖିଛନ୍ତି ଯେ ୧୮୫୭ର ମହାବିପ୍ଳବ ପୂର୍ବରୁ ଚକରା ବିଶୋଇ ନିଶ୍ଚିତ ମୃତ୍ୟୁ ବରଣ କରିସାରିଛନ୍ତି । ନଚେତ ସମଗ୍ର ଉତ୍ତର ଏବଂ ପୂର୍ବ ଭାରତର ଅନେକ ଆଦିବାସୀ ନେତା ଓ ଜନତା ଏହି ମହାବିପ୍ଳବରେ ନିଜକୁ ସାମିଲ କରିଥିବା ବେଳେ ଚକରା ବିଶୋଇଙ୍କ ପରି ଏତେବଡ ଇଂରେଜ ବିରୋଧି ସଂଗ୍ରାମୀ କେବେ ମଧ୍ୟ ଏହି ମହାବିପ୍ଳବରୁ ନିଜକୁ ଦୂରେଇ ରଖି ପାରିନଥାନ୍ତେ । ଏହା ନିଶ୍ଚିତ ସତ୍ୟ ଯେ ଘୁମୁସର ବିଦ୍ରୋହର ଅଗ୍ନି ଯଦିବା ଆୟାତାଧିନ ଥିଲା କିନ୍ତୁ ସମ୍ପୂର୍ଣ ନିର୍ବାପିତ ହୋଇ ନଥିଲା । ୧୮୫୭ ରୁ ୧୮୬୬ ପର୍ଯ୍ୟନ୍ତ ନୟାଗଡ ଠାରୁ ଆରମ୍ଭ କରି ଅନୁଗୁଳ ପର୍ଯ୍ୟନ୍ତ ସମୟ ସମୟରେ ଏବଂ ସ୍ଥାନେ ସ୍ଥାନେ ଏହି ବିଦ୍ରୋହର ଅଗ୍ନି ଜଳି ଉଠୁଥିଲା ଏବଂ ପୁଣି ଥରେ ଇଂରେଜ ଅଧିକାରୀଙ୍କ ମୁଣ୍ଡବ୍ୟଥାର କାରଣ ସାଜୁଥିଲା । ୧୮୬୫ ମସିହାର ସୁବର୍ଣ୍ଣଗିରି ଅଞ୍ଚଳର କୁଟିଆ କନ୍ଧ ବିଦ୍ରୋହ ହେଉଛି ଶେଷ ବିଦ୍ରୋହ ।୧୦। ୧୮୬୬ ମସିହା ପରେ ଘୁମୁସରରେ ସମ୍ପୂର୍ଣ ଶାନ୍ତି ବିରାଜମାନ କଲା ।

**ପାଦଟୀକା :**


1. ଦଣ୍ଡପାଣି ବେହେରା, "ସ୍ୱାଧୀନତା ସଂଗ୍ରାମର ପ୍ରଥମ ପଦଚିହ୍ନ ଘୁମୁସର ବିପ୍ଳବ", ପାରିକ୍ରମା, ସଂ- ପ୍ରଦୀପ କୁମାର ପଟ୍ଟନାୟକ, ଭଞ୍ଜନଗର, ୧୯୯୮, ପୃ-୧୨ ।

2. ସୁରେନ୍ଦ୍ର ନାଥ ନାୟକ, ତତ୍କାଳୀନ କୃଷିମନ୍ତ୍ରୀ, "୧୮୫୭ ପୂର୍ବରୁ ଓଡିଶାରେ ସ୍ୱାଧୀନତା ପାଇଁ ସଂଗ୍ରାମ", ସମ୍ବାଦ, ୧୫/୦୮/୨୦୦୭, ପୃ-୫ ।

3. ଦଣ୍ଡପାଣି ବେହେରା, Freedom Movement in the State of Ghumsur, ପୁଁଥି ପୁସ୍ତକ, କଲିକତା, ୧୯୮୪, ପୃ-୧୧ ।

4. T. J. Maltby, Ganjam District Manual,

Madras, ପୃ-୧୪୯।

5. ଲମ୍ବୋଦର ପାଣିଗ୍ରାହୀ, ରସଲଙ୍କ ରିପୋର୍ଟରେ ଘୁମୁସର, ଟିକିଟି, ପୃ-୧୭୦

6. Felix Padel, The Sacrifice of Human Being, Oxford university Press,ଦିଲ୍ଲୀ, ୧୯୯୫, ପୃ-୪୮

7. ପ୍ରଦୀପ କୁମାର ପଟ୍ଟନାୟକ, ଭଞ୍ଜଗଡ ଐତିହ୍ୟ , ଭଞ୍ଜନଗର, ୨୦୦୦, ପୃ-୪୩


8. ଶ୍ୟାମା ପ୍ରସାଦ ମିଶ୍ର, “Ghumsar Uprising: the Challenge to the Colonial Rule in India”, Proceedings of the ICHR seminar, ୬ & ୭ ଡିସେମ୍ବର, ୨୦୦୮, ପୃ-୧୮-୧୯

9. ଦଣ୍ଡପାଣି ବେହେରା, “The Khond Uprising in Ghumsur in South – Western Orissa In the 19th Century”, KSUB College ମୁଖପତ୍ର, ୧୯୮୮, ପୃ-୧୨-୧୩

10. ଦଣ୍ଡପାଣି ବେହେରା, Freedom Movement in the State of Ghumsur, Op.cit., pp- 123-124.

*****

ଅଧ୍ୟକ୍ଷ
ପଞ୍ଚାୟତ କନିଷ୍ଠ ମହାବିଦ୍ୟାଳୟ
ଫିରିଙ୍ଗିଆ, କନ୍ଧମାଳ, ୭୬୨୦୧୧



# ଜେଜେ

ଡକ୍ଟର ସଂଜୟ ହାତୀ

ଜେଜେ ଯେତେବେଳେ ମନ୍ଦିର ପାହାଚ ଉଠୁଥିଲେ, "ହେଇ, ମହନ୍ତେ ଆସିଗଲେ" କହି ସବୁ ଠିଆ ହେଇଯାଉଥିଲେ ଆଉ ଜେଜେଙ୍କୁ ମୁଣ୍ଡିଆ ମାରୁଥିଲେ। ତା'ପରେ ଆରମ୍ଭ ହଉଥିଲା ସଂକୀର୍ତ୍ତନ। ଜେଜେଙ୍କ ନିଜ ଲେଖା ଭଜନଗୀତ ବଡ଼ ସୁନ୍ଦର ଭାବେ ବୋଲାଯାଉଥିଲା। ଜେଜେ ନିଜେବି କେତେ ପ୍ରକାର ରାଗ ଇତ୍ୟାଦିରେ ସ୍ୱର ପକେଇ ଗୀତ ବୋଲୁଥିଲେ ବଡ଼ ଚମତ୍କାର ଭାବରେ। ମୋ ଛାତି କୁଣ୍ଢେମୋଟ ହେଇଯାଉଥିଲା ସେଠି ମହନ୍ତ ଓରଫ୍ ମୋ ଜେଜେଙ୍କ ପାଇଁ। ମହନ୍ତଙ୍କ ଗେହ୍ଲା ନାତି ବୋଲି ବଡ଼ ଖାତିର୍ ମୁଁବି ପାଉଥିଲି ସେଇ ପିଲାବେଳେ। ଖରାଛୁଟିରେ ଯୋଉ ଦିନତକ ଗାଁ'ରେ ରହିବାକୁ ପଡୁଥିଲା, ସବୁଦିନ ମୋ ପ୍ରସାଦ ଚୂଡ଼ାଘଷା, ମୋର ଭାରି ପ୍ରିୟ। ଯୋଉଦିନ ମୁଁ ଯାଇପାରେନି, ଜେଜେ ନେଇଆସନ୍ତି ଷଢେଇରେ। ମୁଁ ଜାଣିଥାଏ ସକାଳେ ଖାଇବି। ମୁଁ ଉଠିବା ବେଳକୁ ଜେଜେ ଗାଧୋଇଯିବା ଲାଗି ଦେହରେ ତେଲ ମାଖୁଥାନ୍ତି। ତାଙ୍କ ଗୋରା ଦେହ ଆହୁରି ଝଟକୁଥାଏ। ସେତେବେଳେ ସେ ଦେଖାଯାଆନ୍ତି ଦିବ୍ୟ ପୁରୁଷ ପରି। ଜେଜେମା ନଥିଲେ। ବାପାଙ୍କୁ ଆଠବର୍ଷରେ ଛେଉଣ୍ଡ କରି ସେ ଆରପାରିକୁ ଚାଲିଯାଇଥିଲେ। କେତେ ବର୍ଷ ଏମିତି ବିତିଗଲା। କଲେଜ ପଢ଼ିବା ବେଳକୁ ଗାଁ'କୁ ଯିବାକୁ ସମୟ ହୁଏନି, ତଥାପି ଜେଜେ ନାତି ଭିତରେ ଚିଠି ଦିଆନିଆ ଚାଲିଥାଏ। ଜେଜେଙ୍କ ଦେହ ପ୍ରାୟ ଭଲ ରହୁନଥାଏ। ମା'ଙ୍କୁ ସେଥିପାଇଁ ଗାଁ'ରେ ରହିବାକୁ ହଉଥାଏ। ବାପା କେବେ ଜେଜେଙ୍କ କଥା ବୁଝିବାରେ ହେଳା କରିନଥିଲେ। ଜେଜେ କେବେକେବେ କହିଦିଅନ୍ତି "ମୋ ନାତି(ମୁଁ) ପଇସା ପଠେଇଲେ ସେଇ ପଇସାରେ ଔଷଧ ଖାଇଲେ ମୁଁ ଭଲ ହେଇଯିବି"। ମୁଁ କହେ "ଜେଜେ! ଆମ ପାଖକୁ ଚାଲିଆସୁନ କାହିଁକି?" ସେ କିନ୍ତୁ ସବୁଦିନ ଅବୁଝା। ଜନ୍ମମାଟି, ବଳଦେବଜୀଉ ମନ୍ଦିର ଆଉ ମହନ୍ତ ଡାକ'ର ମାୟାରୁ ବାହାରି ଆସିବାକୁ ଚାହୁଁନଥିଲେ।

ସେଥର ନଭେମ୍ବର ମାସରେ ଯାଇଥାଏ। ଜେଜେ ଠିକ୍ ଥିଲେ, ହଁ, ଅବଶ୍ୟ ବହୁତ ଦୁର୍ବଳ ଜଣାପଡୁଥାନ୍ତି କିନ୍ତୁ ତାଙ୍କ ମୁହଁ ସେମିତି ଦିବ୍ୟପୁରୁଷ ଭଳି ଝଟକୁଥାଏ। ମୁଁ ସେତେବେଳେ ବାହାରେ ରହି ରିସର୍ଚ୍ଚ କରୁଥାଏ। ଭାରି ଇଚ୍ଛା ହଉଥାଏ, କୋଉଠୁ ପୁଳାଏ ପଇସା ପାଇଯାଆନ୍ତି'କି ଜେଜେଙ୍କ ପାଇଁ ନିଶ୍ଚୟ ପଠେଇଦିଅନ୍ତି। ସାତଦିନ ପରେ ଫେରିବା ବେଳକୁ ଜେଜେ କହିଲେ "ଯାଉଛୁ? ଯା, ଆଉ ବୋଧେ ତୋତେ ଦେଖିପାରିବିନି।" ଜେଜେଙ୍କ ସୁନ୍ଦର ମୁହଁକୁ ଦି'ହାତରେ ଧରି କହିଲି "ମୋ ପଇସାରେ ଔଷଧ ଖାଇବାଯାଏ ତମକୁ ରହିବାକୁ ହବ ଜେଜେ" । ଚାଲିଆସିଲି। ଭାଗ୍ୟ, ମୋର ୟୁଜିସି ଫେଲୋସିପ୍ ଟଙ୍କା ଆସିଯାଇଥିଲା ମୋ ଆକାଉଣ୍ଟକୁ। ଏକାସାଙ୍ଗରେ ଏତେ ଟଙ୍କା। ସାଙ୍ଗେସାଙ୍ଗେ ବାପାଙ୍କ ପାଖକୁ ପଠେଇଦେଲି ତିରିଶ ହଜାର ଟଙ୍କା। ଏବେ ଜେଜେ ଖୁସି ହେଇଯିବେ ନିଶ୍ଚୟ। ମୋ ଚିଠିର ପ୍ରଥମ ଧାଡ଼ିରେ ବାପାଙ୍କୁ ଲେଖିଦେଇଥିଲି ଜେଜେଙ୍କ ପାଇଁ ସେ ପଇସାରେ ମେଡିସିନ୍ କିଣିଦବାକୁ। ସେଇ ରାତିରେ ମୋତେ ଜେଜେଙ୍କ ହସହସ ମୁହଁ ଦେଖାଯାଉଥିଲା ଚାରିଆଡ଼େ। ଠିକ୍ ଦି'ଦିନ ପରେ ଟେଲିଗ୍ରାମ୍ ପାଇଲି ଜେଜେ ଚାଲିଗଲେ। ପରେ ବାପାଙ୍କଠୁ ଜାଣିଲି ମୋ ଟଙ୍କା ପାଇବା ଦିନ ସେଇ ପଇସାରେ ଔଷଧ କିଣି ତାଙ୍କୁ ଦିଆଯାଇଥିଲା ଆଉ ଜଣେଇଦିଆଗଲା ଯେ ତମ ନାତି ପଇସା ପଠେଇଛି। ବାସ୍, ସେଇ ଦ୍ୱିପ୍ରହରରେ ଖାଇସାରି ଶୋଇଛନ୍ତି... ଆଉ ଉଠିନାହାଁନ୍ତି। ମୋ ପଠେଇଥିବା ପଇସାରେ ତାଙ୍କର ସବୁ କର୍ମ ହେଇଗଲା। ଆଖିରୁ ମୋର ଅମାନିଆ ଲୁହ ବୋହିଯାଉଥିଲା। ଏଇଥିପାଇଁ କଣ ଜେଜେ ଅପେକ୍ଷା କରିଥିଲେ? ମୋ ପଇସାରେ ଥରେ ମେଡିସିନ୍ ଖାଇବାଲାଗି ନା ମୋ ପଇସାରେ ତାଙ୍କ ଦାହକର୍ମ ହବ ବୋଲି?

****

ରାଉରକେଲା, ଓଡିଶା

# ଭାରତ ଜ୍ଞାନରୁ ବିଦେଶୀ ବିଜ୍ଞାନ



ବିଦ୍ୟାଧର ପଣ୍ଡା

ଆଜିକାଲି ପାଶ୍ଚାତ୍ୟ ଜ୍ଞାନକୌଶଳ ପ୍ରାଚ୍ୟ ଭୂଖଣ୍ଡରେ ଖୁବ୍ ଲୋକପ୍ରିୟ। ନିଜ ଭାଷା ଓ ଜୀବନଶୈଳୀ ବଦଳାଯାଇ ବିଦେଶୀ ଚଳଣିକୁ ଆପଣାଇବା କଳାରେ ଆମ ଭାରତୀୟଙ୍କ ପାସଙ୍ଗରେ କେହି ପଡ଼ିବେ ନାହିଁ। ଆଶ୍ଚର୍ଯ୍ୟର କଥା ଆମ ଭିତରୁ ଅନେକେ ଜାଣନ୍ତି ନାହିଁ ଯେ ଆଜିର ପାଶ୍ଚାତ୍ୟ ଜ୍ଞାନକୌଶଳର ସିଂହଭାଗ ପ୍ରାଚ୍ୟ ଭୂଖଣ୍ଡ ବିଶେଷ କରି ଭାରତରୁ ଯାଇ ରୂପ ବଦଳାଇ ଫେରିଛି।

ଜର୍ମାନ ଦାର୍ଶନିକମାନେ ପ୍ରାଚୀନ ଭାରତୀୟ ପାଣ୍ଡୁଲିପିଗୁଡ଼ିକ ପାଇଁ ବହୁତ ଆଗ୍ରହୀ ଥିଲେ ଯାହା ପ୍ରାୟତଃ ମିଶନାରୀମାନଙ୍କ ଦ୍ୱାରା ଲୁଟ୍ ହେଉଥିଲା | ଜର୍ମାନ ବୈଜ୍ଞାନିକମାନେ ମଧ ଭାରତୀୟ ଜ୍ଞାନରୁ ପ୍ରଚୁର ଫାଇଦା ଉଠାଇଥିଲେ। ସେମାନଙ୍କ ମଧ୍ୟରୁ କିଛି ପ୍ରସିଦ୍ଧ ନାଁ: ଆଲବର୍ଟ ଆଇନଷ୍ଟାଇନ, ମ୍ୟାକ୍ସ ବର୍ନ, ମ୍ୟାକ୍ସ ପ୍ଲାଙ୍କ୍, ହେଇସେନବର୍ଗ, ସ୍କ୍ରୋଡିଙ୍ଗର, ୱାଇଜେକର ଏବଂ ୱର୍ନର୍ ଭନ୍ ବ୍ରାଉନ୍ | ବିଂଶ ଶତାବ୍ଦୀର ପ୍ରାରମ୍ଭ କାଳର ଏହି ସମସ୍ତ ବୈଜ୍ଞାନିକ ଭାରତୀୟ ଦର୍ଶନ ବିଷୟରେ ଜାଣିଥିଲେ। ବେଦାନ୍ତ ବିଷୟରେ ସେମାନଙ୍କର ଜ୍ଞାନକୁ ଆଦୌ ଲୁଚାଇ ନଥିଲେ। ସ୍କ୍ରୋଡିଙ୍ଗର୍ ଉପନିଷଦୀୟ ଉଦ୍ଧୃତି "ଆତ୍ମା ହିଁ ବ୍ରହ୍ମ" ନିଜ ଭାଷାରେ ଉଚ୍ଚାରଣ କରି ଅନେକ ସମୟରେ ତାଙ୍କର ବକ୍ତବ୍ୟ ସମାପ୍ତ କରୁଥିଲେ। କିନ୍ତୁ ଏହି ବୈଜ୍ଞାନିକମାନେ ସେମାନଙ୍କର ଆବିଷ୍କାର ପାଇଁ ପ୍ରାଚୀନ ପାଣ୍ଡୁଲିପିଗୁଡ଼ିକରୁ ସଂପୂର୍ଣ୍ଣ ସହାୟତା ପାଇଛନ୍ତି ବୋଲି ଆଦୌ ପ୍ରକାଶ କରିନାହାଁନ୍ତି। ଶୂନ ଉଦ୍ଭାବନ ପାଇଁ ଆଇନଷ୍ଟାଇନ ଭାରତକୁ ଭୂୟସୀ ପ୍ରଶଂସା କରିଥିଲେ। କିନ୍ତୁ ଏତିକି ଯଥେଷ୍ଟ ନୁହେଁ। ମନରେ ପ୍ରଶ୍ନ ଉଠେ ସେ ଭାରତରୁ କ'ଣ ମାତ୍ର ଏତିକି ପାଇଥିଲେ? ତେଣୁ ଆଇନଷ୍ଟାଇନ ସମ୍ପୂର୍ଣ୍ଣ ସଚ୍ଚୋଟ ଥିଲେ ବୋଲି କହି ହେବନାହିଁ। ନାଜି ଶାସନ ବା ହିଟଲରଙ୍କ ଅମଳରେ ଜର୍ମାନ ବୈଜ୍ଞାନିକମାନେ ଉନ୍ନତ ଜ୍ଞାନକୌଶଳର ଅଧିକାରୀ ଥିଲେ। ଏହା କିପରି ସମ୍ଭବ ହେଲା? ଜର୍ମାନ ବୈଜ୍ଞାନିକମାନେ ହଠାତ୍ କେମିତି ବହୁତ ଉନ୍ନତ ହୋଇଗଲେ?

ବିଶ୍ୱଯୁଦ୍ଧ ପରେ ଆମେରିକା ସରକାର ସେମାନଙ୍କୁ ନିଜ କାମରେ ଲଗାଇବା ପାଇଁ ବହୁତ ଆଗ୍ରହୀ ଥିଲେ। ଆମେରିକୀୟ ଏବଂ ବ୍ରିଟିଶମାନେ ୧୯୪୫ ମସିହାରେ ସେହି ବୈଜ୍ଞାନିକମାନଙ୍କୁ ପାଇବା ପରେ ସେମାନଙ୍କର ଫରାସୀ ଏବଂ ରୁଷୀୟ ସହଯୋଗୀମାନଙ୍କୁ ମଧ ବାହାର କରିବାକୁ ଚେଷ୍ଟା କରିଥିଲେ। ରୁଷୀୟମାନେ ମଧ ପ୍ରାଚ୍ୟ ବିଜ୍ଞାନର ବହୁ ଦସ୍ତାବିଜ/ ତଥ୍ୟ ହାସଲ କରି ପାରିଥିଲେ | ଚେନ୍ନାଇର କୁପ୍ପୁସ୍ୱାମୀ ଶାସ୍ତ୍ରୀ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ପ୍ରଫେସର ଡ. କେ ବାଲସୁବ୍ରମଣ୍ୟମ୍ ଏହା ପ୍ରକାଶ କରିଛନ୍ତି। ଏକ ସାକ୍ଷାତକାରରେ ପ୍ରଫେସର ବାଲସୁବ୍ରମଣ୍ୟମ୍ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଡ. ପଦ୍ମା ସୁବ୍ରମଣ୍ୟମ୍ ତାଙ୍କୁ ଯାହା କହିଥିଲେ ବର୍ଣ୍ଣନା କରିଛନ୍ତି। ପଦ୍ମା ସୁବ୍ରମଣ୍ୟମ୍ ରୁଷ ଲେଲିନ୍ଗ୍ରାଡ୍ରେ ନୃତ୍ୟ ପରିବେଷଣ କରିଥିଲେ। ସେଠାରେ ଏକ ସଂଗ୍ରହାଳୟର ନିର୍ଦ୍ଦେଶକ ତାଙ୍କୁ ପ୍ରାୟ ୧୦୦୦ ପ୍ରାଚୀନ ଭାରତୀୟ ପୋଥି/ପାଣ୍ଡୁଲିପି ଦେଖାଇ ଥିଲେ | ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷରେ ରୁଷୀୟମାନେ ସେଗୁଡିକୁ ଜର୍ମାନିରୁ ବଳପୂର୍ବକ ସ୍ଥାନାନ୍ତର କରିଥିଲେ ବୋଲି ସେ ତାଙ୍କୁ କହିଥିଲେ। ସେଥିମଧ୍ୟରୁ କ୍ଷେପଣାସ୍ତ୍ର ଉପରେ ଏକ ପାଣ୍ଡୁଲିପି ଥିଲା ଏବଂ ରୁଷ ଏହି ପାଣ୍ଡୁଲିପି ଆଧାରରେ ଏହାର ପ୍ରଥମ ଇଣ୍ଟରକଣ୍ଟିନେଣ୍ଟାଲ୍ ବାଲିଷ୍ଟିକ୍ ମିସାଇଲ୍ (ଆଇସିବିଏମ୍) ବିକଶିତ କରିବାରେ ସକ୍ଷମ ହୋଇଥିଲା। ଏଥିସହ ସେହି ପାଣ୍ଡୁଲିପିଗୁଡ଼ିକ ମଧ୍ୟରେ ପାଗକୁ ନିୟନ୍ତ୍ରଣ କରିବା ପାଇଁ ବାଦଲ ଅପସାରଣ ବିଷୟରେ ମଧ ସୂଚନା ରହିଛି। ମୁକ୍ତାକାଶରେ ଡ. ପଦ୍ମା ସୁବ୍ରମଣ୍ୟମ୍ଙ୍କ ନୃତ୍ୟ ପ୍ରଦର୍ଶନ ପୂର୍ବରୁ

ରୁଷୀୟମାନେ ଏହି ଜ୍ଞାନକୌଶଳକୁ ସଫଳତାର ସହ କାର୍ଯ୍ୟକାରୀ କରିଥିଲେ।

ବିଶ୍ୱ ଜ୍ଞାନବିଜ୍ଞାନ ଉପରେ ପୁରାତନ ଭାରତୀୟ ଜ୍ଞାନର ବିଶେଷ ପ୍ରଭାବ ବିଷୟରେ ଅନେକ ବ୍ୟକ୍ତି ଜାଣନ୍ତି ନାହିଁ । ୧୯୩୦ ଦଶକରେ ଯେତେବେଳେ ହେଇସେନବର୍ଗ ଏବଂ ୱାଇଜେକର୍ ଆଣବିକ ଅସ୍ତ୍ର ଉପରେ କାମ କରୁଥିଲେ ଏବଂ ୱର୍ନର୍ ଭନ୍ ବ୍ରାଉନ୍ ନାଜି ଜର୍ମାନୀ ପାଇଁ କ୍ଷେପଣାସ୍ତ୍ର ନିର୍ମାଣରେ ଲାଗିଥିଲେ, ସେତେବେଳେ ସେହି ଭାରତୀୟ ପାଣ୍ଡୁଲିପିଗୁଡ଼ିକ ଜର୍ମାନୀରେ ଥିଲା। ସଂଯୋଗ ଓ ସମୀକ୍ଷାର ପ୍ରସଙ୍ଗ ହେଉଛି, ଏହି ତିନିଜଣ ଭାରତ ଗସ୍ତ କରିଥିଲେ। ଆଇନଷ୍ଟାଇନ ମଧ୍ୟ ୧୯୩୩ ପର୍ଯ୍ୟନ୍ତ ଜର୍ମାନୀରେ ଥିଲେ। ସେ ଆମେରିକାର ରାଷ୍ଟ୍ରପତି ରୁଜଭେଲ୍ଟଙ୍କୁ ଜଣାଇଥିଲେ ଏବଂ ଚେତାବନୀ ଦେଇଥିଲେ ଯେ ଜର୍ମାନମାନେ ଖୁବ୍ ଶୀଘ୍ର ପରମାଣୁ ବୋମା ନିର୍ମାଣ କରିବାରେ ସଫଳ ହେବାକୁ ଯାଉଛନ୍ତି। ଏହା ପରେ ଆମେରିକା ସରକାର ପରମାଣୁ ବୋମା ନିର୍ମାଣ କରିବାରେ ଲାଗି ପଡ଼ିଥିଲା।

୧୯୦୩ରେ ରାଇଟ୍ ଭ୍ରାତୃଦ୍ୱୟ ମାତ୍ର ୩୮ ମିଟର ଉଚ୍ଚରେ ପୁଣି ମାତ୍ର ୧୨ ସେକେଣ୍ଡ ପାଇଁ ଉଡ଼ିବାରେ ସଫଳ ହୋଇଥିଲେ | ଅଥଚ ୧୯୩୦ ଦଶକ ବେଳକୁ ଜର୍ମାନ ବାୟୁସେନାରେ ଯୁଦ୍ଧ ବିମାନ ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଅତ୍ୟନ୍ତ ଶକ୍ତିଶାଳୀ ହୋଇଗଲା। ଜର୍ମାନୀର ବିମାନ କେବଳ ଲଣ୍ଡନ ଉପରେ ବୋମା ପକାଇ ନଥିଲା ବରଂ ସେଥିମଧ୍ୟରୁ କେତେକ ବିମାନ ୮୦ କିମି ଉଚ୍ଚରେ ଉଡିବାକୁ ସକ୍ଷମ ହୋଇ ପାରିଥିଲେ। ସେମାନେ ମଧ୍ୟ ଏକ ପରମାଣୁ ରିଆକ୍ଟର ନିର୍ମାଣ କରିଥିଲେ ଏବଂ ମାଧ୍ୟାକର୍ଷଣ ଶକ୍ତି ପ୍ରତିରୋଧକ ମହାକାଶ ଶିଳ୍ପ ଓ ପ୍ରସିଦ୍ଧ ନାଜି ବେଲ୍ ପାଇଁ କାର୍ଯ୍ୟ କରିଥିଲେ | ଏହି ନାଜି ବେଲ୍ ଏକ ଅଦ୍ଭୁତ ସାମଗ୍ରୀ ଥିଲା ଯାହାକୁ ବାପୁ ତାଲପଡେ ନିର୍ମାଣ କରିଥିବା ଶୁଣିବାକୁ ମିଳୁଛି। ଏପରିକି ଏହାକୁ ଗୁପ୍ତରେ ବମ୍ବେରୁ ଜର୍ମାନୀକୁ ନିଆଯାଇଥିଲା ବୋଲି କୁହାଯାଏ।

ନାଜି ବେଲ ପରି ରୁକ୍ମଣ ବିମାନ କଥା ଖୁବ୍ ରୋଚକ। ବହୁ ଭାରତୀୟ ଏବେ ବି ପ୍ରାଚୀନ ଭାରତୀୟଙ୍କର ବିମାନ ଥିବା କଥାକୁ ପରିହାସ କରୁଥିବାବେଳେ ଜର୍ମାନମାନେ ଏହାକୁ ଗୁରୁତ୍ୱର ସହ ନେଇଥିଲେ। ଶିବକର ବାପୁ ତାଲପଡେ ସଂସ୍କୃତ ଗ୍ରନ୍ଥ ଅଧ୍ୟୟନ କରିଥିଲେ ଏବଂ ୧୮୯୫ ମସିହାରେ (ରାଇଟ୍ ବ୍ରଦର୍ସଙ୍କ ଆଠ ବର୍ଷ ପୂର୍ବରୁ) ୩୭ ସେକେଣ୍ଡ ଏବଂ ୪୫୭ ମିଟର ଉଚ୍ଚରେ ଏକ ରିମୋଟ କଣ୍ଟ୍ରୋଲ୍ଡ ବା ଦୂରରୁ ନିୟନ୍ତ୍ରିତ ବାୟୁଯାନ ଉଡ଼ାଇଥିଲେ। ଅନେକ ଭାରତୀୟ ବିଜ୍ଞାନୀଙ୍କ ସଫଳତା ପରି ଏହା ମଧ୍ୟ ଇତିହାସରେ ସ୍ଥାନ ନ ପାଇ ଲୁଚି ଯାଇଛି। ଶିବକର ବାପୁ ତାଲପଡେଙ୍କର ଜୀବନ ଅତି ଯନ୍ତ୍ରଣାପୂର୍ଣ୍ଣ ଥିଲା। ପାଖରେ ଅର୍ଥ ନଥିଲା କିମ୍ବା ସହାୟତା ରାଶି ମିଳି ନଥିଲା। କୁହାଯାଏ ଯେ, ପାରଦ ଆୟନ ଇଞ୍ଜିନ ବିକଶିତ କରିବା ପାଇଁ ଚେଷ୍ଟା କରିବା ଅପରାଧରେ ତାଙ୍କୁ କାରାଗାରରେ ରଖାଗଲା | ମୁକ୍ତ ହେବା ପରେ ସେ ମାଧ୍ୟାକର୍ଷଣ ବିରୋଧୀ ରୁକ୍ମଣ ବିମାନ ନିର୍ମାଣ କାମରେ ଲାଗିଥିଲେ। ଘୋର ନିରାଶା ଭିତରେ ମାତ୍ର ୫୭ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା। ୱର୍ନହର୍ ଭନ୍ ବ୍ରାଉନ୍ ୧୦୦୦ ଜର୍ମାନ ବୈଜ୍ଞାନିକଙ୍କ ମଧ୍ୟରେ ଅନ୍ୟତମ ଥିଲେ, ଯେଉଁମାନେ ସେମାନଙ୍କର ଡକ୍ୟୁମେଣ୍ଟ ଏବଂ ପରିବାରକୁ ସାଥିରେ ନେଇ 'ପେପରକ୍ଲିପ୍' ଅପରେସନ୍‌ର ସଦସ୍ୟ ରୂପେ ଆମେରିକା ଯାଇଥିଲେ। ସେ ୧୯୫୦ ଦଶକରେ ନାସାର ମହାକାଶ ଅଭିଯାନ ପାଇଁ ଗବେଷଣା ଆରମ୍ଭ କରିଥିଲେ ଯାହା କେବଳ ପାରଦ ଆୟନ ଇଞ୍ଜିନ ବ୍ୟବହାର କରି ନଥିଲା, ବରଂ ସଂସ୍କୃତ ଶାସ୍ତ୍ରରେ ଉଲ୍ଲେଖ କରା ଯାଇଥିବା ଜ୍ଞାନକୁ ମଧ୍ୟ ଗୁରୁତ୍ୱ ଦେଇଥିଲା । ତଥାପି ବ୍ରିଟିଶମାନେ ତାଲପଡେଙ୍କୁ ପରିହାସ କରି କାରାଗାରରେ ରଖିଥିଲେ। ଅଥଚ ନାସା ସ୍ୱାଧୀନ ଭାବରେ ପାରଦର ଉପାଦେୟତା ଆବିଷ୍କାର କରିବାର କୌଣସି ସ୍ପଷ୍ଟ ପ୍ରମାଣଯୋଗ୍ୟ ଦସ୍ତାବିଜ ନାହିଁ।

ନାସାର ତତ୍କାଳୀନ ଅଧିକାଂଶ ବୈଜ୍ଞାନିକ ପ୍ରାଚୀନ ଭାରତୀୟ

ଗ୍ରନ୍ଥରୁ ମାର୍ଗଦର୍ଶନ ପାଇଥିଲେ। ହେଲେ ନାସା ଏହାକୁ ମୁକ୍ତକଣ୍ଠରେ ସ୍ୱୀକାର କରିବା ପାଇଁ କୁଣ୍ଠିତ।

ମହାକାଶ ଯାତ୍ରା ପ୍ରସଙ୍ଗଟି ମଧ ଭାରତୀୟ ଦୃଷ୍ଟିକୋଣରୁ ଅତି ସମ୍ବେଦନଶୀଳ। ପାଶ୍ଚାତ୍ୟ ବିଜ୍ଞାନ ହଠାତ୍ ମହାକାଶକୁ ଯିବାକୁ ସଫଳ ହେବା ପରି ଉନ୍ନତ ଜ୍ଞାନକୌଶଳ ପାଇଲା କିପରି? ଅସଲ ପ୍ରସଙ୍ଗ ଉପରେ ନଜର ପକାଇବା।ଭାରତୀୟ ପୁରାଣ ନାରଦଙ୍କ ମନଯାନ, ରାବଣର ପୁଷ୍ପକ ବିମାନଠାରୁ ନେଇ ଇନ୍ଦ୍ରଙ୍କ ବିମାନ ଯାତ୍ରା ପରି ମହାକାଶ ଭ୍ରମଣ ବର୍ଣ୍ଣନାରେ ପରିପୂର୍ଣ୍ଣ। ତ୍ରିଶଙ୍କୁ ଅଧାସ୍ୱର୍ଗରେ ରହିବା ଉପାଖ୍ୟାନ ମଧ ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବଶୂନ୍ୟ ମହାକାଶରେ ଅବସ୍ଥାନର ଉଦାହରଣ। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଆମ ଭାରତୀୟମାନଙ୍କୁ ବିଶ୍ୱାସ କରାଇ ଦେଲେ ଯେ ଏଗୁଡ଼ିକ କେବଳ କଳ୍ପିତ କାହାଣୀ ମାତ୍ର। ଶ୍ରୀମଦ୍ ଭଗବତ୍ ଗୀତା (ତୃତୀୟ ଖଣ୍ଡ)ରେ ଋଷି କର୍ଦ୍ଦମ ତାଙ୍କ ପତ୍ନୀ ଦେବହୁତିଙ୍କୁ ଏକ ବାୟୁ ପ୍ରାସାଦରୁ ସମଗ୍ର ବିଶ୍ୱକୁ ଦେଖାଇଥିଲେ ଯାହା ଇଚ୍ଛାରେ ଉଡିପାରେ ଏବଂ ଏଥିରେ ସମସ୍ତ ଆରାମଦାୟକ ସୁବିଧା ଇଚ୍ଛା ଅନୁଯାୟୀ ଉପଲବ୍ଧ ହୋଇ ପାରୁଥିଲା। ଆମେ ଏହାକୁ ଅବାସ୍ତବ କାହାଣୀ କହି ହସି ଉଡ଼ାଇ ଦେଇ ପାରିବା। କିନ୍ତୁ ସବୁ ବୈଜ୍ଞାନିକ ଆବିଷ୍କାର ପଛରେ ପରିକଳ୍ପନା ଓ ପରୀକ୍ଷାନିରୀକ୍ଷାର ଦୀର୍ଘ କସରତ ଥାଏ।

ଜଗତର ବ୍ୟାପକ ବିବର୍ତ୍ତନ ସତ୍ତ୍ୱେ ଜୀବଜନ୍ତୁଙ୍କ ମଧରେ ମଣିଷ ସବୁଠୁ ବୁଦ୍ଧିମାନ ଓ କୁଶଳୀ ହୋଇ ରହିଛି। ୧୦,୦୦୦ ବର୍ଷ ପୂର୍ବର ବିଶ୍ୱବାସୀଙ୍କ ମଧରେ ଭାରତୀୟମାନେ ପ୍ରାୟୋଗିକ ଜ୍ଞାନକୌଶଳର ମାନଦଣ୍ଡରେ ଶୀର୍ଷ ସ୍ଥାନରେ ଥିଲେ। କୃଷିକର୍ମ, ଗୃହନିର୍ମାଣ, ତୀର ଓ ରଥ ଚାଳନା ଏହାର ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ମହାନ ଭାରତୀୟ ବୈଜ୍ଞାନିକମାନଙ୍କ ଉଦ୍ଭାବନକୁ ପାଶ୍ଚାତ୍ୟ ଦୁନିଆ ଅଣଦେଖା କରିବାର ଅନେକ ଉଦାହରଣ ରହିଛି। ଉପନିବେଶ ଯୁଗରେ ବ୍ରିଟିଶମାନେ ଭାରତୀୟ ପ୍ରତିଭାକୁ ଦଳି ଦେଇଥିଲେ। ଭାରତୀୟ ବୈଜ୍ଞାନିକମାନଙ୍କୁ ସେମାନେ ଉପଯୁକ୍ତ ସମର୍ଥନ ଓ ସହାୟତା ଦେଇ ନଥିଲେ। ତାଲପଡେଙ୍କ ଜୀବନ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଆଉ ଜଣେ ହେଲେ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ। ଭାରତୀୟ ବୈଜ୍ଞାନିକ ବୋଷ ବେତାର ଯୋଗାଯୋଗ କ୍ଷେତ୍ରରେ ପଥପ୍ରଦର୍ଶକ ଆବିଷ୍କାର କଲେ, ଅଥଚ ପାଶ୍ଚାତ୍ୟ ଦେଶର ବୈଜ୍ଞାନିକମାନଙ୍କୁ ଏହାର ଶ୍ରେୟ ଦିଆଗଲା | ଆଜି ଜଣେ ଯଦି ଗୁଗୁଲ୍ରେ "ରେଡିଓର ଉଦ୍ଭାବକ କିଏ" ଖୋଜିବ ତେବେ ସର୍ବପ୍ରଥମେ ପାଶ୍ଚାତ୍ୟ ବୈଜ୍ଞାନିକ ମାର୍କୋନିଙ୍କ ନାମ ପାଇବ। ଉଦ୍ଭିଦଗୁଡ଼ିକରେ ଚେତନା ଚିହ୍ନଟ ପାଇଁ ବୋଷ ମଧ ପ୍ରସିଦ୍ଧ । ହେଲେ ଆଜି ପର୍ଯ୍ୟନ୍ତ ଜଗଦୀଶ ଚନ୍ଦ୍ର ବୋଷଙ୍କ ନାମ ଉଇକିପିଡ଼ିଆ ଉଲ୍ଲେଖ କରିନାହିଁ।

ମନୁ ସ୍ମୃତି ଏକ ପ୍ରାଚୀନ ରଚନା। ଏଥିରେ ଉଲ୍ଲେଖ କରାଯାଇଛି ଯେ ଉଦ୍ଭିଦଗୁଡ଼ିକରେ ପ୍ରାଥମିକ ଚେତନା ବିଦ୍ୟମାନ ଅଛି। ପଦାର୍ଥ ବିଜ୍ଞାନର କ୍ଷେତ୍ର ସିଦ୍ଧାନ୍ତରେ ଜଣେ ଉଜ୍ଜ୍ୱଳ ଜର୍ମାନ ବୈଜ୍ଞାନିକ ଭାବରେ ବର୍ଣ୍ଣିତ ହେନ୍ରିଚ୍ ହର୍ଜଙ୍କ ମନ୍ତବ୍ୟ ମଧ ଏହି ସିଦ୍ଧାନ୍ତକୁ ସ୍ୱୀକାର କରିଛି। ସେ ଲେଖିଛନ୍ତି " ଗାଣିତିକ ସମୀକରଣର ଏକ ସ୍ୱାଧୀନ ଜୀବନ ଏବଂ ବୁଦ୍ଧି ଅଛି ବୋଲି ଅନୁଭବ ନକରି ଏହି ଅଦ୍ଭୁତ ତତ୍ତ୍ୱ ଅଧ୍ୟୟନ କରିବା ଅସମ୍ଭବ। ସତେ ଯେପରି ସେମାନେ ଆମଠାରୁ ବୁଦ୍ଧିମାନ ଓ ପ୍ରକୃତରେ ସେମାନଙ୍କ ଆବିଷ୍କର୍ତ୍ତାଙ୍କ ଅପେକ୍ଷା ଅଧିକ ଜ୍ଞାନୀ"। ସେ ଆହୁରି ମଧ କହିଛନ୍ତି, "ଆମେ ଏକ ହଜାର ସ୍ଥାନରେ ବିଦ୍ୟୁତ୍ ଅନୁଭବ କରୁଛୁ ଯେଉଁଠାରେ ପୂର୍ବରୁ ଏହାର ଅସ୍ତିତ୍ୱର କୌଣସି ପ୍ରମାଣ ନଥିଲା। ଅଗ୍ନିରେ, ପ୍ରତ୍ୟେକ ଉଜ୍ଜ୍ୱଳ କଣିକାରେ, ଆମେ ଏକ ବୈଦ୍ୟୁତିକ ପ୍ରକ୍ରିୟା ଦେଖୁ | ଯଦିଓ ଶରୀର ଉଜ୍ଜ୍ୱଳ ନୁହେଁ, ଯଦି ଏହା ଉତ୍ତାପକୁ ବିକିରଣ କରେ, ଏହା ବୈଦ୍ୟୁତିକ ବ୍ୟାଘାତର କେନ୍ଦ୍ର ଅଟେ | ତେଣୁ ବିଦ୍ୟୁତର ଡୋମେନ୍ ସମଗ୍ର ପ୍ରକୃତି ଉପରେ ବିସ୍ତାରିତ ହୋଇଛି। ଏହା ଭାରତୀୟ ଦର୍ଶନ ପରି ଶୁଣାଯାଉ ନାହିଁ କି? ସେ ଗଣିତ ବିଷୟରେ ଯାହା କୁହନ୍ତି, ଆମକୁ ତାହା ଶ୍ରୀନିବାସନ୍ ରାମାନୁଜନଙ୍କୁ ମନେ ପକାଇ ଦିଏ।


ସେ ତାଙ୍କ ଗୃହଦେବତା ନାମାଗିରିଙ୍କଠାରୁ ସ୍ୱପ୍ନରେ ତାଙ୍କର ଜ୍ଞାନ ଗ୍ରହଣ କରିଥିଲେ। ଘଟଣାଟି ହେଉଛି, ହର୍ଟ ୧୮୮୯ ମସିହାରେ "ଆଲୋକ ଏବଂ ବିଦ୍ୟୁତ୍ ମଧ୍ୟରେ ଥିବା ସମ୍ପର୍କ" ଉପରେ ଏକ ବକ୍ତୃତା ସମୟରେ କହିଥିଲେ. ଏଥିପାଇଁ ସେ ଜର୍ମାନୀର ସଂସ୍କୃତ ଶିକ୍ଷାର ହବ୍ ହେଡେଲବର୍ଗର ସମସ୍ତ ଶ୍ରେୟ ପ୍ରଦାନ କରିଥିଲେ। ତେଣୁ ଭାରତରେ ଥିବା ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ଅଧ୍ୟୟନ କରିବା ଆବଶ୍ୟକ। ବିବେକ ଦେବ୍ରୋ କହିଛନ୍ତି ଯେ ଭାରତରେ ଥିବା ୪୦ ନିୟୁତ ଗ୍ରନ୍ଥ ମଧ୍ୟରୁ ଅଧିକାଂଶ ବିନାଶ ଏବଂ ଲୁଟ ହେବା ପରେ କେବଳ ୫% ଅଧ୍ୟୟନ ଏବଂ ଅନୁବାଦ କରାଯାଇଛି। ସଂସ୍କୃତ ଭାଷା ପଢ଼ିବା ଓ ବୁଝିବା ପାଶ୍ଚାତ୍ୟ ଦେଶମାନଙ୍କ ଅପେକ୍ଷା ଭାରତୀୟଙ୍କ ପାଇଁ ବହୁତ ସହଜ ଅଟେ | ବ୍ରିଟିଶମାନଙ୍କ ପରି ଭାରତୀୟ ପରମ୍ପରାକୁ ଅପମାନିତ କରିବା ପାଶ୍ଚାତ୍ୟ ଜଗତର ଏକ କୌଶଳ ନୁହେଁ ତ! ଭାରତୀୟମାନେ କେବଳ ଦର୍ଶନ ନୁହେଁ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ମଧ୍ୟ ଖୁବ୍ ପାରଙ୍ଗମ ଥିଲେ। ଆଜି ବି ଆମେରିକାର ସିଲିକନ୍ ଭ୍ୟାଲିରେ ଭାରତୀୟଙ୍କ ରାଜ୍ ଚାଲିଛି। ପରମାଣୁ ବିଜ୍ଞାନୀ ହୋମି ଭାବାଙ୍କ ଠାରୁ ଆରମ୍ଭ କରି ନାମ୍ବି ନାରାୟଣନଙ୍କ ପରି ଅନେକ ବୈଜ୍ଞାନିକ ବଦନାମ ହୋଇଥିଲେ।

ଭାରତରେ ଅନେକ ରହସ୍ୟ ଅଛି ଯାହାକୁ ବ୍ୟାଖ୍ୟା କରାଯାଇପାରି ନାହିଁ। ସେଥିପାଇଁ ବହୁ ପୁରାତନ ଗ୍ରନ୍ଥ ଯାହାକି ଏପର୍ଯ୍ୟନ୍ତ ଅଧ୍ୟୟନ କରିବା ଆବଶ୍ୟକ। ଉଦାହରଣ ସ୍ୱରୂପ କୈଳାସ ମନ୍ଦିର କିପରି ଏବଂ କେବେ ନିର୍ମାଣ ହେଲା? ପାଶ୍ଚାତ୍ୟ ବିଜ୍ଞାନ କହେ ଅଧିକାଂଶ ଭାରତୀୟ ମନ୍ଦିର ଏକ ହଜାର ବର୍ଷ ପୂର୍ବେ ନିର୍ମିତ ହୋଇଥାଇପାରେ। ହେଲେ ପଥରର ମୂର୍ତ୍ତିଗୁଡ଼ିକ କାହିଁକି ଅବିଶ୍ୱସନୀୟ ବିବରଣୀ ଦେଖାଇବେ? ବିଶେଷ କରି ସେହି ଜିନିଷଗୁଡିକ ଯାହା ଏହି କାଳଖଣ୍ଡରେ ବିଦ୍ୟମାନ ନଥିଲା, ଯେପରିକି ଲକ୍ଷ ଲକ୍ଷ ବର୍ଷ ପୂର୍ବେ ବିଲୁପ୍ତ ହୋଇଯାଇଥିବା ପଶୁ କିମ୍ବା ଆଧୁନିକ ଜେଟ୍ ପ୍ୟାକ୍?

ଏହି ପରିପ୍ରେକ୍ଷୀରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ପ୍ରାଚୀନ ଭାରତୀୟମାନେ କିପରି ତିଥି, ବାର, ନକ୍ଷତ୍ର ଗଣନା କରି ପାରୁଥିଲେ? ଆକାଶକୁ ଲଙ୍ଘିବାର ଆସ୍ପର୍ଦ୍ଧା କରି ପାରୁଥିଲେ? ଆକାଶର ମାନଚିତ୍ର ପ୍ରସ୍ତୁତ କରି ପାରିଥିଲେ? କେବଳ ରାମାୟଣରେ ଜ୍ୟୋତିଷ ଶାସ୍ତ୍ରର ପ୍ରାୟ ୬୦୦ ଉପଲକ୍ଷ୍ୟ (ରେଫରେନ୍ସ) ଅଛି | ଏହା କିପରି ସମ୍ଭବ ହେଲା? ପ୍ରାଚ୍ୟର ଜ୍ଞାନୀମାନେ କେବଳ ଗ୍ରହମାନଙ୍କ ବିଷୟରେ ନୁହେଁ, ସେମାନଙ୍କର ପ୍ରଭାବ ଏବଂ ପ୍ରକୃତି ବିଷୟରେ ମଧ୍ୟ ଜାଣିଥିଲେ | ଏହା ଅନୁମାନ କରାଯାଇପାରେ, ସେତେବେଳେ କଳା, ବିଜ୍ଞାନ, ବାଣିଜ୍ୟ, ଦର୍ଶନ ଆଜି ସମସ୍ତ ଶାସ୍ତ୍ର ଏକତ୍ର ବା ସଂଯୁକ୍ତ ଥିଲା। ଆଜି ମଧ୍ୟ ମନେ ହୁଏ ସତେ ଅବା ଆମେ ଜ୍ୟୋତିର୍ବିଜ୍ଞାନ ବିଷୟରେ ଅଧିକ କିଛି ଜାଣିନାହୁଁ। ଉଇକିପିଡ଼ିଆ କହୁଛି ଯେ ପ୍ରାଚୀନ ଭାରତୀୟ ଜ୍ୟୋତିର୍ବିଜ୍ଞାନୀମାନେ ବିଭିନ୍ନ ଯନ୍ତ୍ର ସହିତ ଜ୍ୟାମିତିକ ପର୍ଯ୍ୟବେକ୍ଷଣ କରିବାରେ ସକ୍ଷମ ହୋଇଥିଲେ। ଭାରତ ହେଉଛି ଏକମାତ୍ର ପ୍ରାଚୀନ ସଂସ୍କୃତି ଯାହାକି ଆଜି ପର୍ଯ୍ୟନ୍ତ ତିଷ୍ଠି ରହିଛି। ଆଶ୍ଚର୍ଯ୍ୟର କଥା, ଅତୁଳନୀୟ ପ୍ରାଚୀନ ବିଦ୍ୟାର ଅଧ୍ୟୟନ ଏବଂ ସଂରକ୍ଷଣ କରିବା ପରିବର୍ତ୍ତେ, ଆମେ ଏହାର ବିଲୟ ଘଟାଇବା ପାଇଁ ଲାଗି ପଡ଼ିଛେ। ପାରମ୍ପରିକ ଜ୍ଞାନକୁ ପଦାଘାତ କରି ପାଶ୍ଚାତ୍ୟ ପ୍ରେମରେ ଉବୁଟୁବୁ ହେଉଛେ। ଆଉ କେବକୁ ଆମର ଚୈତନ୍ୟ ଉଦୟ ହେବ! ବେଳ ଗଡ଼ି ଯିବା ଆଗରୁ ଅନୁରୋଧ ଟିକିଏ ହେଜିବେ।

*****

ଅଢେଇଗୁଣ୍ଠି, କାନପୁର, କଟକ- ୭୫୪୦୩୭.
ମୋ- ୯୩୪୮୦୪୨୯୬୭
Email -bidyapctc@gmail.com



# ପରପୁରୁଷ

ଜିନାତମାମ୍ ଦର୍ଜୀ

ଆଜିର ପେସେଣ୍ଟ ନଂ ୩୬ ସହ ତାକୁ ଦେଖି ଚମକି ପଡିଲି ମୁଁ। ତାକୁ ପନ୍ଦର ବର୍ଷ ପରେ ଦେଖୁଥିଲି । ଆଜିବି ଦେଖିବାକୁ ସେମିତି ଦେଖା ଯାଉଥିଲା ଯେମିତି ପନ୍ଦର ବର୍ଷ ତଳେ । ଉଡ଼ାପକ୍ଷୀ ପରି ଆଖି ଦୁଇଟି । ଅଣ୍ଟା ଡେଇଁ ନିତମ୍ବ ଛୁଇଁବି ଛୁଇଁବି ହେଉଥିଲା ଲମ୍ୱା ବେଣୀ । ଛୋଟ ଭଉଁରୀ କୁ ବାନ୍ଧି ରଖୁଥିବା ଗାଲ । ହୀରା ବସା ନଥ ଟିଏ ସୌନ୍ଦର୍ଯ୍ୟ କୁ ଦ୍ୱିଗୁଣିତ କରୁଥିବା ଠିଆ ନାକ । ହଁ ତାର ମଧମ ଧରଣର ସ୍ୱାସ୍ଥ୍ୟ କିନ୍ତୁ ଟିକେ ଭାଙ୍ଗି ଯାଇଛି । ବୋଧେ ଝିଅ ଦେହଖରାପ ବୋଲି ଚିନ୍ତା କରି କରି ହେଇପାରେ । ସେ ଯାହା ବି ହେଉ ତାକୁ ବାହା ହୋଇଥିବା ପିଲାଟିର ପରମ ସୌଭାଗ୍ୟ ତା ଭଳି ଝିଅ ଟିଏ ମିଳିବା।

ମୋର କେବେବି ଅନୁମାନ ନଥିଲା ତା ସହ ଏମିତି ଅଚାନକ ଦେଖା ହୋଇଯିବ ବୋଲି । ଏ ଅପ୍ରତ୍ୟାଶିତ ଭେଟରେ ମୁଁ ଯେତେ ଘବରେଇ ଗଲି ସେତିକି ଚଲ୍ କଲା ଛାତିଟା; ତାର ସେ ରୁପସୀ ମୁହଁ ଟାରେ ଦୃଷ୍ଟି ପଡୁ ପଡୁ । ବୟସର ଅପରାହ୍ନ ରେ ବି କେଉଁ ଝିଅ ଏତେ ସୁନ୍ଦରୀ ହେଇପାରେ! ଖଜୁରାହୋ ର ଖୋଦିତ ମୂର୍ତ୍ତି ପରି ଦେହଅବୟବ । ମୁହଁରେ ଗୋଟିଏ ଦେବୀର ତେଜ । ଆଖିରେ ପବିତ୍ର ଯମୁନାର ଚଳଛବି ।

ମୋର ମରିଯାଇଥିବା ପୁରୁଣା ପ୍ରେମିକ ମନଟାକୁ ଯେମିତି କିଏ ଜଣେ ମନ୍ତ୍ର ପଢି ପୁନର୍ଜୀବିତ କରିଦେଉଥିଲା । ତାକୁ ଦେଖି ତା ଲେଖା ପୁରୁଣା କବିତା ଟି ମୋର ମନେ ପଡିଗଲା,

" ଆମେ ଗଢ଼ିଥିବା ପ୍ରେମ ବିଗ୍ରହ
ତୁମ ନିଶ୍ୱାସ ମନ୍ତ୍ରରେ ପାଉ ଜୀବନ୍ନ୍ୟାସ...
ପ୍ରୀତି ନୈବେଦ୍ୟ ରେ,
ବିଶ୍ୱାସ ଦୀପରେ ,
ଅନୁରାଗ ଫୁଲରେ,
ହୃଦୟ ମନ୍ଦିର ମହକି ଉଠୁ
ମହମହ ଝୁଣାବାସ....."

ମୋର ଇଛା ହେଉଥିଲା,ମୁଁ ପୁଣିଥରେ ପ୍ରେମିକ ଟିଏ ହେଇ କହି ପାରନ୍ତି କି,

"ଏତେ ନିଶା ମତେ ଘାରୁଛି କାହିଁକି
ତୁମେ କି ପୁରୁଣା ମଦ?
ମୋ ହୃଦ ଭାଡ଼ିରେ ରହ ଗୋ କପୋତୀ
ନିତି ଦେବି ପ୍ରେମ ଖୁଦ "

ହଁ ସେ କଲେଜ ଜୀବନରେ କେତେ କବିତା ପରସ୍ପର ପାଇଁ ଲେଖିଛୁ । ଛଦ୍ମ ନାମରେ ପ୍ରକାଶ ପାଇଁ ସାପ୍ତାହିକି କୁ ଦେଇଛୁ । ଆମ କବିତା ଲେଖାର ଉଦେଶ୍ୟ ନଥିଲା କବି ବୋଲି କେଉଁଠି ପ୍ରଶଂସା ପାଇବା କି ନଥିଲା ବି ତାକୁ ନେଇ ନାଁ କରିବା ପାଇଁ କୌଣସି ସ୍ୱପ୍ନ । ବାସ୍ ଜଣେ ଅନ୍ୟ ଜଣଙ୍କ ପାଖରେ ନିଜ ପ୍ରେମ ପରିପ୍ରକାସର ଯେ ଗୋଟେ ମାଧମ ଥିଲା ଆମ ମାନଙ୍କ ପାଇଁ । ଆଦ୍ୟ ଯୌବନର ପ୍ରେମ ଆମ ଭଳି ଅନେକ ଯୁବକ ଯୁବତୀଙ୍କୁ କ୍ଷଣସ୍ଥାୟୀ କବି କରିଦିଏ ନିଃସନ୍ଦେହ ।

ଶେଷ ଥର ମୋର ତା ସହ ଦେଖା ହେଇଥିଲା କଲେଜ୍ ଫେୟାରୱେଲ ଦିନ । କଲେଜ୍ ଠୁ ସବୁଦିନ ଯେମିତି ସାଥିହୋଇ ବାହାରୁ,ସେଦିନ ବି ସାଥି ହେଇ ବାହାରିଥିଲୁ । ଆଗକୁ ଥିବା ବାଙ୍କ ଯେଉଁଠୁ ସେ ସିଧା ତାଙ୍କ ଘର ଆଡକୁ ଯାଏ ଆଉ ମୁଁ ମୋଡ ନେଇ ବାଇଁ ହାତି ଲମ୍ୱିଥିବା ରାସ୍ତା ଦେଇ ମୋ ଗାଁ'କୁ । ସେଇ ମୋଡ଼ରେ ପହଂଚି ସେଦିନ ସେ କହିଥିଲା,

- ଆଜି ମୁଁ ତୁମ ସହ ତୁମ ଗାଁ'କୁ ଯିବି ।
- ହେ ହେ! ପାଗଳିଟାକି ତୁମେ? ନା ବାରାତି ନା ବାହାଘର ଏପରିକି ନିର୍ବନ୍ଧ ଯାଏ ବି କଥା ଆଗେଇନି କହିଲେ କ'ଣ ନା ମୁଁ ତୁମ ସହ ଶାଶୁଘର ଗାଁ'କୁ ଯିବି । ଏମିତି ଗଲେ ଲୋକେ ହସିବେନି?
- ଉହୁଁ....- କ'ଣ ଟା ଉହୁଁ । ଲୋକ ଲଜ୍ୟା । ଜନେ ହସିବେ ।
- ମୁଁ ସେକଥା କହୁନି ।
- ଆଉ
- ତୁମ ଗାଁ ପଣ୍ଡିତ ଦିନକୃଷ୍ଣ କରଙ୍କ ପାଖକୁ ଯାଇଥାନ୍ତି ।
- ପଣ୍ଡିତ ଦିନକୃଷ୍ଣ ପାଖକୁ!
- ହଁ ।
- ତାଙ୍କ ପାଖରେ ତୁମର କି କାମ । ମତେ ଛାଡି ତୁମେ ସେ ବୁଢ଼ାକୁ ପ୍ରେମ କରିବା ଆରମ୍ଭ କରିଦେଲଣି କି ।
ମୁଁ ଠୋ ଠୋ ହସିଲି ।
- ନାଇଁ ମ ।
ସେ ତା ଗହମ ରଙ୍ଗ ହାତକୁ ଆଗକୁ ବାହାର କରି ତା ପାପୁଲି ଦେଖାଇ କହିଲା,
-ମୁଁ ସୁଣିଛି ସେ କାଲେ ହସ୍ତରେଖା ବିଷାରଦ । ମୋର ଏ ପାପୁଲି ରେଖା ଭିତରୁ ତୁମେ କେଉଁ ରେଖାଟା ତାଙ୍କୁ ପଚାରି ବୁଝିଥାନ୍ତି ।

କି ପ୍ରଗଲ୍ଭତା! କି ନିରୀହତା! ସେ ଜାଣିବାକୁ ଚାହୁଁଛି ତା ଗୋଲାପି ପାପୁଲିର ଗୋଲାପପୁର ର ହଜାର ଗଳି ଭିତରୁ କେଉଁ ଗଳିଦେଇ ମୋ ଠିକଣା! ପ୍ରେମରେଖା ଜାଣିବ? ବାୟାଣୀ ଟା । ଯାଇ ପଣ୍ଡିତ ଦିନକୃଷ୍ଣ କୁ କ'ଣ ପଚାରିବ? ଏଇ କି 'କୁହନ୍ତୁ ମୋ ପ୍ରେମିକ ପୂର୍ବେଶ କେଉଁ ରେଖାର ରୂପ ଧାରଣ କରି ମୋ ପାପୁଲିରେ କଡ଼ ମାଡି ଶୋଇଛି ?ବୋକୀ ଝିଅ । ସେ ଆମ ଗାଁ ପଣ୍ଡିତ କ'ଣ ମତେ ଚିହ୍ନିନି! କ'ଣ ଭାବିବ ସିଏ!?

ଏବେ କଥା ଟାକୁ କେମିତି ହ୍ୟାଣ୍ଡେଲ କରିବି କିଛି ଭାବି ପାରୁ ନଥାଏ ମୁଁ । ତା କଅଁଳ ମନଟାକୁ କଅଁଳେଇ ବୁଝେଇ ବାକୁ କହିଲି, "ଏ କଥା । ଏକଥା ତ ମୁଁ ବି ବତେଇ ଦେଇ ପାରିବି । ସେ ପଣ୍ଡିତ ପରା ଆମ ଘର ପାଖରେ ରହୁଛି । ମୁଁ ତାଠୁ ଦେଖି ଦେଖି ସବୁ ଶିଖି ଗଲିଣି ।"

- ତାହେଲେ କୁହ, ତୁମେ କେଉଁ ରେଖା?
ସେ ଆଗ୍ରହର ସହ ଚଟାପଟ୍ ପଚାରିଲା । ମୁଁ ତା ପାପୁଲିରୁ ବାଛି ଗୋଟେ ମୋଟା ସ୍ପଷ୍ଟ ରେଖାକୁ ଦେଖେଇ କହିଲି, "ଏଇଟା । "

ସଙ୍ଗେ ସଙ୍ଗେ ତା ମୁହଁରେ କୁହୁଡି ଛାଇ ଗଲା । ଶୀତପଖଳା ଘାସ ଉପରେ ଶିଶିର ଟୋପା ପରି ତା ଆଖି ପତା ବାଳରେ ଲଟକି ଥିଲା ଦୁଇ ଟୋପା ଲୁହ । ମୁଁ କିଛି ବୁଝି ପାରିଲି ନାହିଁ । ବିବଶ ଓ ବିକଳ ହୋଇ ପଚାରିଲି କ'ଣ ହେଲା?

ଆଖି ଲୁହକୁ ଗଡେଇ ଦେଇ କହିଲା, "ଏ ରେଖା ଟା ଅଧା ବାଟ ଯାଏ ଯାଇ ଲିଭି ଯାଇଛି । ଆଗକୁ ଯାଇନାହିଁ । ମାନେ ତୁମେ ବି ଅଧା ବାଟରୁ ହାତଛଡା ହେଇଯିବ ।"

ମୁଁ ତା ପାପୁଲି କୁ ଯେଉଁ ହାତରେ ଧରିଥିଲି ସେ ହାତରେ ଟପ୍ ଟାପ୍ ଚାରି ପାଞ୍ଚ ବୁନ୍ଦା ତା' ଲୁହ ପଡିଲା । ମୁଁ କ'ଣ ଜାଣିଥିଲି ସେ ଏମିତି ଭାବିବ ବୋଲି । ଜାଣିଥିଲେ ଗୋଟେ ଲମ୍ବା ରେଖାଟେ ବାଛି ଦେଖାଇ ନଥାନ୍ତି?

କ'ଣ କହି ତାକୁ ବୁଝାଇବି କିଛି ଜାଣି ପାରିଲି ନାହିଁ ।

-ପାଗିଳି! ତୁମେ ଏସବୁ କଥା କୁ ବିଶ୍ୱାସ କରୁଛ? ଆଉ କେଇଟା ବର୍ଷ ପରେ ଜଣେ ଡାକ୍ତର ର ସ୍ତ୍ରୀ ହେବ,ଆଧୁନିକ ବିଚାର ରଖିବ ନା । ଏମିତି ଅନ୍ଧବିଶ୍ୱାସୀ ହେଲେ କେମିତି ହେବ । ମୁଁ MBBS ଟା ସାରିଦିଏ । ତୁମକୁ ବାହା ହେଇ ଆମ ଗାଁ କୁ ନେଇଯିବି ସେତେବେଳେ ତୁମେ ଆମ ଗାଁ କୁ ଯିବ,ହେଲା ।

ସେ ନୀରବରେ ବିଦାୟ ନେଲା । ଗଲାବେଳେ ଖାଲି ଏତିକି

କହିଥିଲା,

- କବିତା ଲେଖୁଥିବ । ସାପ୍ତାହିକିରୁ ପଢି ତୁମ ମନୋଭାବ ସବୁବେଳେ ପାଇ ପାରିବି ।
- ହଁ ।

ହେଲେ କେବେ ତାକୁ ଆମ ଗାଁ'କୁ ଆଣି ପାରିଲି ନାହିଁ । ମୋର ଭୁବନେଶ୍ୱର ରେ ରହି MBBS ପଢ଼ା ଭିତରେ ଦିନେ ଗାଁ'ରୁ ମୋ ପାଖକୁ ଟେଲିଗ୍ରାମ ଆସିଲା ବୋଉ ଦେହ ଭୀଷଣ ଖରାପ । ଗାଁ କୁ ପହଂଚୁ ପହଂଚୁ ବୋଉ ତାର ଶେଷ ଯାତ୍ରାର ସବୁ ପ୍ରସ୍ତୁତି ସାରିଦେଇ ଥାଏ । ଯିବା ଆଗରୁ ମତେ ତା ସାନ ଭଉଣୀ ଝିଅ ସହ ବାହା ହେବାକୁ ପ୍ରତିଶୃତି ମାଗିନେଲା ।

ଛଅ ମାସ ପରେ ପୁଣି ଚିଠି ଆସିଲା ବାପାଙ୍କ ଠାରୁ । ଏଥର ଅନିମା ସହ ବାହାଘର । ଅନିମା କୁ ସାଥିରେ ଗାଁ'କୁ ଆଣି ଆନି ପାଇଁ ଆମ ଗାଁ କୁ ଆସିବାର ସବୁ ରାସ୍ତା ବନ୍ଦ କରିଦେଲି ।

ତାକୁ ମନ କଥା ଜଣେଇ ଦେଇଥିଲି ଶେଷ କବିତା ରେ ।

କିଛି ପ୍ରେମ ଅଧା ବାଟେ ବାଟ ହୁଡ଼େ
ଅଫେରା ସେ ଚଢ଼େଇକୁ
ଭୁଲିଗଲେ ଭଲ,
କପାଳେ ଯେ ଲେଖା ଥାଏ, ସିଏ ସାଥି ହୁଏ
ମନକୁ ବୁଝେଇବାକୁ ହୁଏ
ବାକି ଯିଏ ଥିଲା କେବେ
ଯାହା ଥିଲା ତା ସହ
ସବୁ ଧୂଳି ଖେଳ ।

ତା ପର କବିତା,ତାର ବି ଶେଷ କବିତା ଥିଲା । ତା ପରେ ତା କବିତା ବି ମୁଁ ଆଉ କେବେ ସାପ୍ତାହିକି ରେ ଦେଖିବାକୁ ପାଇଲିନି ।

"ଉର୍ମି ଛୁଇଁ ଦୂରେ ଫେରିଗଲା ପରେ
ଯାଏ ସିଏ ସବୁ ଭୁଲି,
ହେଲେ ବେଳାଭୂମି, ସ୍ମୃତିକୁ ସାଇତି
ପାଲଟେ , ବିସ୍ତୃତ ଶୁଷ୍କ ମରୁବାଲି "

ମୁଁ ଭାବନାରୁ ଫେରିଆସି ତା ଝିଅର ଚେକପ୍ କଲି । ବିଶେଷ କିଛି ସମସ୍ୟା ନଥିଲା । ମେଡ଼ିସିନ ଲେଖିଦେଇ କିଛି ସାବଧାନତା ପ୍ରତି ଧ୍ୟାନ ଦେବାକୁ ସତର୍କ କରିଦେଲି । ଶୀଘ୍ର ସୁସ୍ଥ ହେଇଯିବ ବୋଲି ଆଶ୍ୱାସନା ବି ଦେଲି ।

ସେମାନେ ଫେରିଯିବାକୁ ବାହାରୁ ଥିଲେ । ମୁଁ କହିଲି, "ଟିକେ ବସ ଆନି । ସାର ତ ନେବାକୁ ଆସିବେ,ତା ପରେ ଯିବ । ମୁଁ ତୁମ ପାଇଁ ଚା', ଝିଅ ପାଇଁ ଚକୋଲେଟ ଅଡର କରି ଦେଉଛି । "

"ନା କେହି ନେବାକୁ ଆସିବେନି ଆମେ ଚାଲିଯିବୁ ।" କହି ଫିସ୍ ଦେଇ ଉଠିଗଲା । ଫିସ୍ ପାଇଁ ମୁଁ ମନା କଲି ସେ ବାଧ୍ୟ କରି ଦେଇଗଲା ।
ଦୁର୍ଜ୍ଜୟ ଅଭିମାନ!

ସେ ବାହାରିଗଲା ପରେ ପପୁ କହିଲା, ସାର ପେସେଣ୍ଟ ନଂ 37 କୁ ଡାକିବି? "
ମୁଁ କହିଲି, "ପାଞ୍ଚ ମିନିଟ ରହ ।"

ଚାମ୍ବର ରୁ ବାହାରି ଶିଢ଼ି ପାଖ ଝରକାକୁ ଗଲି । ସେ ଝରକାରୁ ଲୋନ୍ ସ୍ପଷ୍ଟ ଦେଖା ଯାଏ । ମୋର ଉଦେଶ୍ୟ ଥିଲା ତା'ସ୍ୱାମୀକୁ ଦେଖିବା । ତାଙ୍କୁ ନେବାକୁ ଆସିଥିଲେ ଦେଖିବି ବୋଲି ଭାବିଥିଲି । ହେଲେ ଆନି ଝିଅ ସହ ନିଜ ସ୍କୁଟିରେ ହିଁ ଚାଲିଗଲା ।

"ଡାକ୍ତର ସେ ଝିଅ ର ଦେହ ଭଲ ଅଛି ନା? "ହସ୍ପିଟାଲ ନର୍ସ ଜଣେ ପାଖକୁ ଆସି ପଚାରିଲେ ।

ତାଙ୍କ ପଚାରିବାରୁ ମତେ ଲାଗିଲା ଯେମିତି ସେ ଆଗରୁ ତାଙ୍କୁ ଚିହ୍ନନ୍ତି।
-ସିଷ୍ଟର ତୁମେ ତାଙ୍କୁ ଜାଣ କି?
-ଡାକ୍ତର ସେ ଛୁଆ ହସ୍ପିଟାଲର।
-ହସ୍ପିଟାଲ ର ଛୁଆ ମାନେ କ'ଣ!
ବିଚିତ୍ର ଉତ୍ତର ରେ ଟିକେ ବିରକ୍ତି ଆଉ ଅଧିକ ଜିଜ୍ଞାସୁ ହୋଇ ପଚାରିଲି।

- ମାନେ ସାର ସେ ଛୁଆର ଆଉ ତା ମାଆ-ବାବା ଙ୍କ ଆକ୍ସିଡେଣ୍ଟ ହେଇ ଯାଇଥିଲା । ଆମ ଏ ହସ୍ପିଟାଲ ରେ ଆଡମିଟ୍ ଥିଲେ । ସବୁ ଚେଷ୍ଟା ସତ୍ୱେ ତା ବାବା ମାଆ ଭିତରୁ ଜଣକୁ ବି ବଂଚେଇ ହେଲାନି । ଏ ଛୁଆ ଟା ବଞ୍ଚି ଯାଇଥିଲା । ଆନି ମାଡାମଙ୍କ ମୁଣ୍ଡ ଫାଟି ଥିବାରୁ ସେତେବେଳେ ସେ ବ୍ୟାଣ୍ଡେଜ୍ ପାଇଁ ଆସିଥିଲେ। ସେ ଘଟଣା ବିଷୟରେ ଜାଣିବା ପରେ ସେ ଛୁଆ କୁ ଆଡପ୍ଟ କରିନେଇଛନ୍ତି । ଆକ୍ସିଡେଣ୍ଟ ପ୍ରଭାବ ରୁ ଏବେ ବି କେବେ କେମିତି ଛୁଆ ର ମଝିରେ ମଝିରେ ଦେହ ଖରାପ ହୁଏ । ତାକୁ ଦେଖାଇବାକୁ ଆସନ୍ତି ସେ।

- ଆନି ମାଡାମ୍ ଙ୍କ ନିଜ ଛୁଆ ନାହିଁ କି? ଅନ୍ୟ ଛୁଆକୁ ଆଡପ୍ଟ କଲେ। ନା ସେ ବାହା ହୋଇ ନାହାନ୍ତି।
-ଓଃ!
ମନ ଟା କେମିତି ଏକ ରୁନ୍ଧି ହେଇଗଲା।

ଏ ରବିବାର ସାପ୍ତାହିକି ରେ କମଳିନୀ ନାଁ ରେ ଜଣେ କବୀଙ୍କ କବିତା ଦେଖି ଚମକି ପଡିଲି । ଆମେ ଛଦ୍ମ ନାମରେ କବିତା ଲେଖୁଥିବା ବେଳେ ମୁଁ ମୋ ଛଦ୍ମ ନାମ ଆଦିତ୍ୟ ଆଉ ସେ ତା ଛଦ୍ମ ନାମ କମଳିନୀ ରଖୁଥିଲା।

ବଡ଼ କଷ୍ଟରେ କବିତା ଟିକୁ ପଢିବାକୁ ଚେଷ୍ଟା କଲି।

"ତୁମକୁ ପ୍ରେମର ଦେବତା କରି, ପୂଜି ସାରିଲା ପରେ
କାହାକୁ ପରମେଶ୍ୱର କରି ଘୁରିଥାନ୍ତି ହୋମନିଆଁ?
କାହା ହାତରୁ କେମିତି ପିନ୍ଧିଥାନ୍ତି ଶଙ୍ଖା?
ତୁଛା ସିନ୍ଦୁର ଟୋପେ ପାଇଁ
କରିଥାନ୍ତି କି ଅବଶୋଷ?
ଦୁନିଆଁ ଆଖିରେ ସିନା ତୁମେ ପରପୁରୁଷ
ମୋ ଆଖିରେ ପରା ତୁମ ଛଡା
ଅନ୍ୟ ସମସ୍ତେ ପରପୁରୁଷ!"

****


ବରପାଲି (ଜଗନ୍ନାଥ ନଗର )
ଜିଲ୍ଲା -ବରଗଡ
ରାଜ୍ୟ -ଓଡିଶା
ପିନ୍ -768029
ମୋ -8018807153



# ମୋ' ଗପଟି ସଇଲା


**ମୂଳ ବଙ୍ଗଳା – ରାମକୁମାର ମୁଖୋପାଧ୍ୟାୟ**
**ଅନୁବାଦ- ନନ୍ଦିତା ମହାନ୍ତି**


ଆରେ କଥା ତ ଶେଷ କରିବାର ହିଁ ଥିଲା ।ଯେତିକି କଥା ମନ ଗହନରେ ବସା ବାନ୍ଧି ଥାଏ , ତା ଠାରୁ ଅଧିକ ଖର୍ଚ୍ଚ ହେଇ ଯାଏ। ଅର୍ଥାତ କଥା ସରିଯାଏ । କୁହାଯାଏ କଥାକୁ ବେହିସାବୀ ହେଇ ଖର୍ଚ୍ଚ କଲେ ପ୍ରଭୂତ କ୍ଷତି ହୋଇଥାଏ । ବିଚାରା ମୂଷା ! ତାକୁ ବି ସେତିକିବେଳେ ମା ' ଲକ୍ଷ୍ମୀଙ୍କର ଧାନରେ ଭର୍ତ୍ତି ହେଇଥିବା ଅଖାକୁ କାଟିବାକୁ ପଡେ । ଆଉ ସେତିକି ବେଳେ ଅସହାୟ, ବିବଶ ଗୋପାଳର ସ୍ତ୍ରୀକୁ ସୂତା ଖୋଜିବାକୁ ପଡେ । ମୋଟା ସୁତାକୁ ଡାମ୍ଫଣରେ ପୁରେଇ ଅଖାକୁ ସିଲେଇ କରିବାକୁ ପଡେ । ଆଉ ଏବେ ଅବସ୍ଥା ଏପରି ଯେ , ଅଖା ସାରା ସୂତା ହିଁ ସୂତା । ଅଖାରେ ଯେତେବେଳେ ଅସଂଖ୍ୟ କଣା ହେଇଯାଏ , ସେତେବେଳେ କୁଟାର ଛୋଟ ଛୋଟ ଗୁଳା ବନେଇ ସେଇ କଣାମାନଙ୍କରେ ଗେଞ୍ଜି ଦିଆଯାଏ । କେବେ କେବେ ତ ଅଖା ଆଉ ଦୃଶ୍ୟ ହୁଏନାହିଁ । କୁଟା ହିଁ କୁଟା ଦେଖାଯାଏ । ଅଖା ସାରା କୁଟା ଦେଖି ଗୋପାଳ ଘରର କାଳିଆ ବଳଦ ତାକୁ ଓଟାରି ଖାଇବାକୁ ଚାହେଁ । ତାକୁ ଦେଖି ଗୋପାଳର ପୁଅ ଦଉଡି ଆସେ ଓ ବଳଦ ପିଠିରେ ଖୁବ ଜୋରରେ ଠେଙ୍ଗା ପାହାର ବସାଏ ।

ବିଚରା ବଳଦ ମନକୁ ମନ ଗୋପାଳର ପୁଅ ଚାନ୍ଦୁକୁ ' ପୋଡାମୁହାଁ ' କହି ଗାଳି ଦେଉ ଦେଉ ବିଲ ଆଡକୁ ଦଉଡି ପଳାଏ । ଯେଉଁ ଗାତରେ ବର୍ଷସାରା ଗୋପାଳ ଘରର ବଳକା ଭାତ-ତରକାରୀ, ପଚି-ସଢି ଯାଇଥିବା ଫଳମୂଳ, ପନିପରିବା, ପେଜ-ତୋରାଣି ଫୋପଡା ଯାଏ ସେଇ ଗାତ ଏବେ ବର୍ଷା ପାଣିରେ ଭର୍ତ୍ତି ହେଇଯାଇଛି । ସେଇ ଗାତରେ ଗାଈ ଗୋବର ଆଦି ଫୋପଡା ଯିବା ଦ୍ୱାରା ସେସବୁ କମ୍ପୋଷ୍ଟରେ ପରିଣତ ହୁଏ । ଆଉ ସେଇ କମ୍ପୋଷ୍ଟ ଖତକୁ ଶାଗ କିଆରୀରେ ପକେଇଲେ ନାଲିଆ କୋଶଳା ଲହ ଲହ ହେଇ ବଢେ ।ବର୍ଷା ଭିଜା ପବନର ମାଡରେ ନାଲି ନାଲି ଶାଗର ପତ୍ର ସବୁ କୌଣସି ପୋଖତ ନର୍ତ୍ତକୀ ପରି ହଲି ଦୋହଲି ନାଚୁ ଥାଆନ୍ତି । । ହେଲେ ଏଇ ପତ୍ରମାନଙ୍କୁ ଜଣା ନ ଥାଏ ଯେ , ପଅରି ଦିନକୁ ଗୋପାଳର ଶାଳୀ ଆସିବ । ଆଉ କଅଁଳ ପତ୍ର ସବୁକୁ ଡେମ୍ଫ ସହିତ ଖୁବ ନିଷ୍ଠୁରତାର ସହିତ କାଟିନେବ । ଗୋପାଳର ସ୍ତ୍ରୀ ସେଇ ପତ୍ରସବୁକୁ କାଟି, ମାଟି ହାଣ୍ଡିରେ ଭାଜି ଭଉଣୀକୁ ପରଶିବ । ତା ଭଉଣୀ ସେଇ ଶାଗକୁ କଞ୍ଚା ଲଙ୍କା ସାଙ୍ଗରେ ମଣ୍ଡି ଭାତରେ ଗୋଳେଇ ଖାଇବ । ଧଳା ଧଳା ଭାତରେ ଶାଗର ନାଲି ରଙ୍ଗ ସିନ୍ଦୁର ପରି ଗୋଳେଇ ହେଇଯିବ । ଗୋପାଳର ମାଆ ଗୋପାଳର ଭାରିଜା କୁ ଦେଖେଇ ଦେଖେଇ କହିବ " ଆରେ ପାଗିଳୀ, ଭଉଣୀକୁ ଏତେ ଶାଗ ଖୁଆନା । ବର୍ଷା ଦିନ , ପେଟ ଖରାପ ହେଇଯିବ ଟି ! "

" ଏବେ ଚିନ୍ତା କରିବାର ବିଷୟ ଏଇଆ ଯେ , ଯେଉଁ ଶାଗ ଖାଇ ଶାଶୁମାଆଙ୍କ ପେଟ ଭଲ ରହୁଛି , ତାକୁ ଖାଇ ବୋହୂ ଭଉଣୀର ପେଟ ଖରାପ ହେଇ ଯିବ କେମିତି?" କାଳିଆ ବଳଦ ଏସବୁ ଶୁଣି ଚିନ୍ତିତ ହେଇଯାଏ । କାରଣ ସିଏ ବି ତ ଲୁଚେଇ ଚୋରେଇ ସେଇ ନାଲିଆ ଶାଗ ଖାଏ । ସେଇ ଶାଗ ଖାଇ ତାର ଧଳା ଓଠ ନାଲିଆ ହେଇ ଯାଇଥିଲା । ସେତିକିବେଳେ ଗୋପାଳର ମାଆକୁ ସେଇ ଆଡକୁ ଆସୁଥିବାର ଦେଖି, ସିଏ ହିଡ କଡରେ ଥିବା କପା ଗଛ ମୂଳକୁ ଯାଇ , ମୁହଁ ବୁଲେଇ ଛିଡା ହେଇଗଲା । କପା ଗଛର ଗଣ୍ଡିକୁ ଅପରାଜିତାର ଲଟି ପୂରାପୂରି ଘୋଡେଇ ପକେଇଥିଲା । ସେଥିରେ ଫୁଟିଥିବା ଅସଂଖ୍ୟ ଧଳା-ନୀଳ ଫୁଲ , ରତ୍ନ ଖଚିତ ଆଭୁଷଣ ପରି ଶୋଭା ପାଉଥିଲା। କାଳିଆ ବଳଦ ଆଶ୍ଚର୍ଯ୍ୟ ଚକିତ ହେଇ ଚାହିଁ

ରହିଥିଲା ଫୁଲର ଶୋଭାକୁ ।

ବଳଦର ମୁହଁ ଥିଲା ଉତ୍ତର ଆଡକୁ , ଆଉ ଶାଗ କିଆରି ଥିଲା ଦକ୍ଷିଣ ଦିଗରେ ।ଗୋପାଳର ମାଆ କେବେହେଲେ ସ୍ୱପ୍ନରେ ସୁଦ୍ଧା ଭାବି ନଥିବ ଯେ କାଳିଆ ବଳଦ ନାଲିଆ ଶାଗର ସବୁ ଯାକ ପତ୍ର ନିଜ ପେଟରେ ପକେଇ ସାରିଛି ବୋଲି । ସିଏ ତାର ମୋତିଆବିନ୍ଦୁ ଆକ୍ରାନ୍ତ ଆଖିରେ , ନଇଁ ପଡି ଲାଲ ଶାଗ ଖୋଜିବାକୁ ଚେଷ୍ଟା କରୁଛି । ହେଲେ ସେଠି ଗୋଟେ ହେଲେ ଶାଗ ନାହିଁ ।ସିଏ ତାର ଧନୁ ପରି ପିଠିକୁ ସିଧା କରିବାକୁ ଚେଷ୍ଟା କରି ଚିତ୍କାର କରୁଛି " ଆରେ, କଉ ପୋଡାମୁହାଁ ଶାଗ ସବୁ ଖାଇ ଗଲା ରେ ? ତୋ ମୁହଁରେ ପୋକ ପଡୁ !ନର୍କକୁ ଯାଆ ତୁ! ଆରେ ଏବେ ଗୋପାଳର ଶାଳୀ କଣ ଖାଇବ ରେ ! ତାର ତ ନାଲିଆ ଶାଗ ବହୁତ ପସନ୍ଦ । "

କାଳିଆ ବଳଦ ଗୋପାଳ ମାଆର କାନ୍ଦଣାଗୀତକୁ ମନ ଦେଇ ଶୁଣୁଥିଲା । ଏବେବି ଗୋଟିଏ ଛୋଟିଆ ଶାଗପତ୍ର ଶାଗଗଛ ଅଗରେ ଲାଖି ରହିଥିଲା । ସିଏ ଖୁବ ଧୀରେ ଗୋପାଳର ମାଆକୁ କହିଲା " ଆରେ ବୁଢୀ ,ଶାଗ ସବୁ କେହି ମଣିଷ ଖାଇ ନାହାନ୍ତିରେ , ତାକୁ ସେଇ କାଳିଆ ବଳଦ ଖାଇଛି ଲୋ !"

ବୁଢୀ ରାଗିପାଚି ଦଉଡିଗଲା ବଳଦ ପାଖକୁ । ବଳଦ ପୁଣି କହିଲା.... ହେଲେ ଏଥର ଟିକେ ଦର୍ଶନିକର ଠାଣିରେ, " ଆରେ , ଚିନ୍ତା କାହିଁକି କରୁଛ? ପୁରୁଣା ପତ୍ରକୁ ଖାଇଲେ ସିନା ନୂଆ ପତ୍ର ପୁଣି କଅଁଳିବ ....ତାପରେ ତୁମେ ତ କୁହ ବର୍ଷା ଦିନେ ଶାଗପତ୍ର ଖାଇଲେ ପେଟ ଗୋଳମାଳ ହୁଏ . . . ସେଇଥିପାଇଁ ମୁଁ ଖାଇଦେଲି.... ସେଥିକୁ ପୁଣି ରାଗୁଛ କିଆଁ ?"

ବୁଢୀ ରାଗରେ ଚିତ୍କାର କଲା " ଆରେ ପୋଡାମୁହାଁ !"

କାଳିଆ ବଳଦ ଆଉ ଦୁଇଥର ମୁଣ୍ଡକୁ ହଲେଇ ଦେଇ ପଚାରିଲା " ଦେଖିଲ, ଦେଖିଲ ବୁଢୀମା', ନାଲିଆ ଶାଗ ଖାଇ ଖାଇ ମୋର ଓଠ ଲାଲ ଦିଶୁଚି କି ନାହିଁ ? କେମିତି ଦିଶୁଚି ମୁଁ ?"

କାଳିଆ ବଳଦର କଥା ଶୁଣି ବୁଢୀ ରାଗିପାଚି ଲାଲ ହେଇଗଲା । କହିଲା " ହଁ ରେ , ରଇଜଳା , ଏବେ ତୋର ଓଠ ଦେଖି ମଧୁଛି ଆସିବ ...କାହିଁକି ନା ସିଏ ତୋର ବାହାଘର କରେଇବ ନା !"

ବିଚରା ବଳଦ ବୁଢୀର ଗାଳି ଶୁଣି ଖୁବ ଦୁଃଖୀ ହେଇଗଲା । କହିଲା " ବୁଢୀ ଖାଲି ବର୍ଷରେ ଥରେ ଗହ୍ମା ପୁନେଇଁରେ ଫୁଲ , ଚନ୍ଦନ ଦେଇ ପୂଜା କରିବ , ଆଉ ବାକି ସମୟରେ ଖାଲି ଗାଳି ଦଉଥିବ । ନଚେତ କଂସେଇଖାନାକୁ ପଠେଇ ଦେବାର ଧମକ ଦେଉଥିବ । ମୁଁ ଏମିତି କଣ ଖାଇ ଦେଲି ଯେ..... ଶାଗ ଦି'ଟା ତ ଖାଇଛି । ମୋତେ ବହୁତ ଭୋକ ହେଉଥିଲା । କଣ ଆଉ କରିଥାନ୍ତି ଯେ ? "

" ହେଲେ ତୋତେ ଏତେ ଭୋକ କାହିଁକି ଲାଗିଲା?" ବୁଢୀ ପଚାରିଲା।

" ତୋର ନାତି ମୋତେ ଖାଇବାକୁ ଦେଲାନି । କେତେ ଡେରି ଆଉ ଭୋକରେ ରହିଥାନ୍ତି ? ସେଇଥିପାଇଁ ଅଖାର କଣାରେ ଲାଗିଥିବା କୁଟାର ଗୁଳାକୁ ଖାଇବାକୁ ଯାଇଥିଲି । ହେଲେ ତୋର ବୋହୁ ମୋତେ ମାରି ଘଉଡେଇଦେଲା ସେଠୁ । "

" ଆରେ ମୋର ବୋହୁଟା ତ ସେମିତି ....ତା ପାଇଁ ପର ଲୋକମାନେ ସବୁ ଆପଣାର ଆଉ ଆପଣାର ସବୁ ପର । ଦେଖୁନୁ କେମିତି ଶାଶୁକୁ ସାତ ପର କରୁଛି ।

"ଆଉ ତୋର ନାତି?"

"ଆରେ ସିଏ ତ ସରଗର ଚାନ୍ଦ । "

" ତାହେଲେ ତୋର ଚାନ୍ଦ ମୋତେ ଏମିତି ଉପାସ ରଖିଲା କାହିଁକି ? ଯଦି ସିଏ ମୋତେ ବିଡାଏ ନଡା ଦେଇଥାନ୍ତା , ତେବେ ମୁଁ କାହିଁକି ଶାଗ ଖାଇଥାନ୍ତି ,କହିଲୁ ?"

ଏବେ ବୁଢୀର ହୋସ ଆସିଲା । ନାତି ବିଡି ପିଉଥିଲା । ସେଇଥିପାଇଁ କାଳିଆ ବଳଦକୁ ନଡା ଦେଇନି । ବୁଢୀ 'ଚାନ୍ଦ ' ',ଚାନ୍ଦ' ଡାକ ଛାଡି ଘର ଭିତରକୁ ପଶି ଗଲା ।

ଚାନ୍ଦ ସେତେବେଳେ ରୋଷେଇ ଘରେ ବସି ପଖାଳ ଭାତ ଖାଉଥିଲା । ବୁଢୀକୁ ଦେଖି କହିଲା, " ସବୁଦିନ ବଡା ସହିତ ପଖାଳ ଭାତ ଖାଇଲେ କଣ ଭଲ ଲାଗିବ ? ତୁ ଆଜି ଜଳଘଣ୍ଟି ( ପୋଖରୀ ପାଣିରେ ମିଳୁଥିବା ଛୋଟ ଛୋଟ ଘଣ୍ଟି ପରି ଗେଣ୍ଡା ) ତରକାରୀ କରି ପାରିଲୁନି ?"

ବୁଢୀ ଚିଡି ଯାଇ କହିଲା " ହଁ , ହଁ , ଏବେ ଏଇ ବୟସରେ ଅଣ୍ଟା ଯାଏଁ ପାଣିରେ ପଶି ମୁଁ ତୋ ପାଇଁ ଜଳଘଣ୍ଟି ଖୋଜିବାକୁ ଯିବି ?ତୁ ଆଗେ ମୋତେ ଜବାବ ଦେ , କାଳିଆ ବଳଦକୁ ନଡା କାହିଁକି ଦେଲୁନି ?"

ଚାନ୍ଦ ବଡ ପାଟିରେ କହିବାକୁ ଲାଗିଲା " କେମିତି ଦେଇଥାନ୍ତି ଯେ ? ମୋର ଦି' ଟା ହାତ ନ ଚାରିଟା ହାତ ?"

ସେତେବେଳକୁ ଗୋପାଳ ଅଗଣାକୁ ଆସି ଯାଇଥିଲା । ପୁଅର ଏମିତି ଛୋଟ ଛୋଟ କଥାରେ ଚିତ୍କାର କରିବା ଦେଖି ତା ଦେହରେ ନିଆଁ ଲାଗିଗଲା ।

ସିଏ ଗମ୍ଭୀର ହେଇ କହିଲା " ତୋ ପାଖରେ ହାତ ହିଁ ନାହିଁ । ଖାଲି ଚାରିଟା ଗୋଡ ଅଛି ?ଏବେ କହ , କାଳିଆ ବଳଦକୁ କାହିଁକି ଖାଇବାକୁ ଦେଲୁନି ?"

ବାସି ଭାତକୁ କୌଣସି ମତେ ଉଦରସ୍ଥ କରୁ କରୁ ଚାନ୍ଦ କହିଲା , " ଆରେ ମୁଁ ତ ନଡା ଦବାକୁ ଯାଇଥିଲି । ତୁମ ସାନ ପୁଅ କାନ୍ଦି କାନ୍ଦି ଘର ଫଟଉଥିଲା । ବାଧ ହେଇ ତାକୁ ମୋତେ କାଖେଇବାକୁ ପଡିଲା । "

" ମୋ ରତନ କାନ୍ଦୁଥିଲା " ବୁଢୀ ଏକଦମ ବ୍ୟସ୍ତ ହେଇ ପଡିଲା । " ଆଲୋ ଏ ବୋହୁ , ଏତେବେଳ ଯାଏଁ ରୋଷେଇ ଘରେ କଣ ପଶିଛୁ । ସେପଟେ ମୋ ସାନ ନାତି କାନ୍ଦି କାନ୍ଦି ବେହାଲ ହେଇଗଲାଣି । "

ମାଆ ଆସିବା କ୍ଷଣି ରତନ ମାଆର ଅଞ୍ଚଳରେ ମୁହଁ ଲୁଚେଇଦେଇ ବୁଢୀମାକୁ କହିଲା ," ଜେଜେମାଆ , ଏଇ ଦେଖ ମୁଁ କେମିତି ଲୁଚି ଗଲି । ତୁ ମୋତେ ଖୋଜି ପାରିବୁନୁ ..."

ମାଆ ପଚାରିଲେ " ଆରେ ପୁଅ ! ତୁ ଏମିତି କାନ୍ଦୁଥିଲୁ କାହିଁକି ?

ପୁଅ କହିଲା ," ମାଆ ମୋତେ ଗୋଟେ ନାଲି ପିମ୍ପୁଡି କାମୁଡି ଦେଲା । ସେଇଥିପାଇଁ ମୁଁ କାନ୍ଦୁଥିଲି । କେତେ ପୋଡୁଥିଲା ଜାଣ ! "

ମାଆ ପୁଅର କଥା ଶୁଣି ଦଉଡି ଯାଉଛି ଗାତ ପାଖକୁ । ପିମ୍ପୁଡିମାନେ ବହୁତ ବ୍ୟସ୍ତ ତାଙ୍କ କାମରେ । ଗୋଟେ ଗୁଡ ହାଣ୍ଡିର ଖବର ତାଙ୍କୁ ଏବେ ଏବେ ମିଳିଛି । ସେଇଠୁ ବିନ୍ଦୁଏ ଲେଖାଏଁ ଗୁଡ ସେମାନେ ବଡ କଷ୍ଟରେ ନିଜର ପିଠି ଉପରେ ବୋହି ନେଉଛନ୍ତି । ଆଗକୁ ଭାଦ୍ରବ ମାସ । ସେତେବେଳେ ବଡ

ବଡ ରାଜା, ମହାରାଜଙ୍କର ଭଣ୍ଡାର ବି ଖାଲି ହେଇଯାଏ । ଏବେଠାରୁ ଯଦି ନିଜର ଭଣ୍ଡାର ଭର୍ତ୍ତି କରିକି ନ ରଖିବେ ତେବେ ଭାଦ୍ରବ ମାସରେ ପେଟରେ ଓଦାକନା ଦେଇ ଶୋଇବାକୁ ହେବ । ନଚେତ ପଞ୍ଚାୟତ ଅଫିସ ଆଗରେ ଲାଇନ ଦେବାକୁ ପଡିବ । କେତେ ତୋଷାମଦ ଓ କାକୁତିମିନତି ପରେ , କେନ୍ଦ୍ର-ରାଜ୍ୟ ମଧ୍ୟରେ ଚିଠିର ଆଦାନ ପ୍ରଦାନ ହେବ । ତାପରେ ଯାଇଁ ଚାଉଳ କିମ୍ୱା ଗହମର ଦର୍ଶନ ମିଳିବ । କିନ୍ତୁ ସେତେବେଳକୁ ସ୍ୱର୍ଗକୁ ଟିକେଟ କଟିବାର ସମୟ ଆସି ଯାଇଥିବ । ଆଉ ଏବେ ଗୋପାଳ ସ୍ତ୍ରୀର ସେସବୁ ବାଜେ କଥା ଶୁଣିବାର ବେଳ କାହିଁ ତାଙ୍କ ପାଖରେ ? ତଥାପି ତାକୁ ଦେଖି ଗୋଟେ ପିମ୍ପୁଡି ଅଟକିଗଲା ଓ ଟିକେ ଚିଡି ଯାଇ କହିଲା ," ଭଲ କରିଛୁ ତୋ ପୁଅକୁ କାମୁଡିଛୁ । ପୁଣି କାମୁଡିବୁ.....କୁଟୁସ....କୁଟୁସ..."

ଗୋପାଳ ଏ କଥା ଶୁଣି ରାଗରେ ନିଆଁବାଣ ହେଇ ଯାଉଛି । " ଆଚ୍ଛା ତୁମମାନଙ୍କର ଏତେ ସାହସ । ଆରେ କେହି ଜଣେ ସେ କିରୋସିନି ବୋତଲଟା ନେଇ ଆସ ତ । "

ଗୋପାଳର ପତ୍ନୀ ଦଉଡି ଆସୁଛି " ଇଏ କଣ କରୁଛ ତୁମେ? ଦିନରେ ଯଦି ସବୁ କିରୋସିନି ପିମ୍ପୁଡି ଗାତରେ ଢାଳି ଦେବ , ତେବେ ରାତିରେ ଡିବିରି , ଲଣ୍ଠନ ଜଳିବ କେମିତି?"

ଗୋପାଳ ରାଗରେ ହୁଙ୍କାର ଛାଡୁଛି " ତାହେଲେ କଣ ମୋ ପୁଅକୁ ପିମ୍ପୁଡିମାନେ ଏମିତି କାମୁଡୁଥିବେ ନା କଣ ?"

ପତ୍ନୀ , ସ୍ୱାମୀକୁ ସାନ୍ତ୍ୱନା ଦେଇ କହୁଛି " କିନ୍ତୁ ଏଇ ଦେଖ ତୁମ ପୁଅ ତ ହସୁଛି..... ଆରେ ପୁଅ ଟିକେ ହସିଲୁ ଦେଖି ..."

ରତନ ହସୁଛି " ହିଁ , ହିଁ ହିଁ । "

ତାକୁ ଦେଖି ଜେଜେମା ହସୁଛି

ନାତି ମୁହଁରେ ହସ ,

ପୁନେଇ ଜହ୍ନ ପରି ସରସ ।

ହେଲେ ପିମ୍ପୁଡିମାନେ .......ସେମାନେ ତାଙ୍କର ଭାଦ୍ରବ ମାସ ପାଇଁ ଭଣ୍ଡାର ଭରିବାରେ ଲାଗି ଯାଇଛନ୍ତି ।

****

ମଧୁସୂଦନ ନଗର ଡାକଘର
ଭୁବନେଶ୍ୱର-୭୫୧୦୨୨
ମୋବାଇଲ – ୮୨୪୯୪୩୭୨୭୬



# ଜୀବନର ଆଢୁଆଳେ

**ଶ୍ରୀମନ୍ତ ବିଶ୍ୱାଳ**

ଆଜି ଜୀବନ୍ତ ହେଇଉଠେ ଜୀବନର ପ୍ରତିଟ କ୍ଷଣ ଯେବେ ଛୋଟ ବେଳର ଅଳି ଅର୍ଦ୍ଦଳି ଅଝଟ ପଣିଆକ ସବୁକୁ ଆପଣେଇ ନେଇ ବାପାଟିଏ ଖୁବ ଆଦର ଯତ୍ନରେ ପିଲାର କୁନି କୁନି ହାତ ଧରି ତାକୁ ବାଟ କଢେଇ ନିଏ । ଧୂଳି ମାଟିରେ ଖେଳୁ ଖେଳୁ କେବେ ଶୈଶବରୁ ଯୌବନରେ  ପାଦ ଦିଏ ମଣିଷ କେବେ ଜାଣି ପାରେନା ହେଲେ ଛୋଟ ବେଳର ସେଇ ସବୁ ଅମୂଲ୍ୟ ସମୟରେ ତାର ଭବିଷ୍ୟତ ଗଢିବାରେ ଖୁବ ତତ୍ପର ବାପାଟିଏ ଖୁବ ଯତ୍ନବାନ ଥାଏ ତା ପିଲା ପ୍ରତି ସେ କଥା ବି ପିଲାକୁ ଅଜଣା ଥାଏ ।

ବିପ୍ଳବର ବାପା ଜଣେ ଖୁବ ସ୍ୱାଭିମାନି ସରଳ ହୃଦୟର ଲୋକ ବୋଲି ସାରା ଗାଁ ରେ ଖୁବ୍ ପରିଚିତ । ଝିଅ ବାହାଘର ପରେ ଅନେକ ଋଣ ଭାର ଏବଂ ଶାରୀରିକ ଅସୁସ୍ଥତା ଯୋଗୁଁ ଦିଲ୍ଲୀରେ ହୋମଗାର୍ଡ ଚାକିରି ଛାଡିବା ପରେ ଏବେ ଗାଁରେ ମାତ୍ର କେଇ ଗୁଣ୍ଠ ଜମି ଚାଷ ବାସ, ବାଡି ପନିପରିବାରେ ଏକ ମାତ୍ର ପୁଅର ସ୍କୁଲ ଖର୍ଚ୍ଚ ଅନିଶ୍ଚିତ ଭବିଷ୍ୟତ ଭିତରେ ଗୁଜୁରାଣ ମେଂଟେଇବାର ବୋଝ ଖୁବ ଅସ୍ତବ୍ୟସ୍ତ କରେ ।

ଗାଁ ସାହୁକାରଠୁଁ ସୁଧରେ କିଛି ଟଙ୍କା ଆଣି ଗାଁ ଛକରେ ପାନ ଚାହା ଦୋକାନଟିଏ ଦିଅନ୍ତି ସେ । ପ୍ରଥମେ ପ୍ରଥମେ ଦୋକାନରୁ ଏତେ ଲାଭ ହୁଏନି ହେଲେ ଖର୍ଚ୍ଚ ଉଠି ଯାଏ । ଏମିତି ସମୟ ଅନୁକୂଳରେ ବିପ୍ଳବର ପାଠ ପଢା ଆଗେଇ ଚାଲେ । ମାଟ୍ରିକରେ ଭଲ ମାର୍କ ରଖିବା ପରେ ପୁଅର ଇଞ୍ଜିନିୟରିଂରେ ଆଡ଼ମିଶନ ପାଇଁ ଲକ୍ଷାଧିକ ଟଙ୍କା ଦରକାର ବେଳେ ଜେଜେବାପା ଅମଳରୁ ପଡିଥିବା ସନ୍ତକ ଘର ଡ଼ିହ ଖଣ୍ଡିକୁ ବନ୍ଧା ପକେଇ ପୁଅର ଆଡ଼ମିଶନ ବାହାର ରାଜ୍ୟରେ ବଡ଼ ଇଞ୍ଜିନିୟରିଂ କଲେଜରେ କରାନ୍ତି । ଏପଟେ ରୁଗ୍ଣ ଧର୍ମପତ୍ନୀ ସେପଟେ ପୁଅ ଖର୍ଚ୍ଚ ସାହୁକାର ସୁଧ ଟଙ୍କା ଋଣ ଭିତରେ ଭାରି କଷ୍ଟ ଭିତରେ ସମୟ ଗଡି ଚାଲେ । ଦିନେ ପୁଅର ଖୁବ ଭଲ ମାର୍କ ରଖି ସରକାରୀ ସ୍ୱୀକୃତିରେ ବିଦେଶ ଗସ୍ତର ଖବର ଶୁଣି ଖୁସିରେ ବିଭୋର ହେଇଯାନ୍ତି ସେ ।

ଏମିତି ମଝିରେ ମଝିରେ ବିପ୍ଳବର ଫୋନ ଆସେ ବାପା ପାଖକୁ । କେବେ କେବେ କିଛି ଦରମା ଟଙ୍କା ପଠାଏ ବାପା ବୋଉ ପାଖକୁ ହେଲେ ସମୟ କ୍ରମରେ ସେତିକି ବି ମିଳିବା ବନ୍ଦ ହେଇଯାଏ । ଋଣ ଭାର ଅଭାବ ଅନାଟନରେ ଦୁଇ ପ୍ରାଣୀ ଖୁବ କଷ୍ଟରେ ଥିଲା ବେଳେ ଦିନେ ଆଖିବୁଜି ଦିଅନ୍ତି ବିପ୍ଳବର ବୋଉ । ସ୍ତ୍ରୀକୁ ଭଲ କରିବା ପାଇଁ ବନ୍ଧା ଜମିଟି ବି ବିକ୍ରି ହେଇଯାଏ ।

ବୋଉର ଚାଲିଯିବା ଖବର ଶୁଣି ବି ଛୁଟି ମିଳିଲାନି କହି ବିପ୍ଳବ ଆସେନି । ଏବେ ସବୁଦିନ ପାଇଁ ଏକା ବୁଢା ବୟସରେ ବାପଟା ବିଚରା ଭାରି କଷ୍ଟ ପାଏ , ନିଜ ଭାଗ୍ୟକୁ ଆଦରି କେହି କଣ ଗଣ୍ଡେ ଦେଲେ ଖାଇ ଯା ତା ଦାଣ୍ଡରେ ରାତି କଟାଏ । ଆଖିର ଲୁହ ଆଉ ମନରେ କୋହ ନେଇ ଅପେକ୍ଷା କରେ କେବଳ ଖାଲି ମରଣର ଶେଷ ଶଯ୍ୟା କୁ , ଜୀବନର ଶେଷ ଯାତ୍ରା କୁ ..

****

ଲେଖକ,ସମାଜସେବୀ, କଣ୍ଠଶିଳ୍ପୀ
ଗୁରୁଗ୍ରାମ – ୯୯୯୯୧୨୩୩୫୬

Despite Covid outbreak and in the midst of restrictions imposed by Govt Authorities, we were able to maintain our streak of cultural customs and traditions.

## GANESH PUJA - 2020







# GANESH PUJA - 2021












# GANESH PUJA - 2021








## PRASAD DISTRIBUTION





# ମାଆ ଡାକୁଛି

ବୈଦ୍ୟନାଥ ମହାନ୍ତି

ହାତ ଠାରି ଡାକୁଛି କେ
ଆ ଆ ଆ ଆ ଆ ରେ,
ଘର ଅଗଣା ରେ ଠିଆ
ସେଇ ତୋର ମାଆ ରେ।

ପାଚିଲା ବୟସ ଚମ
ଧୁଡୁ ଧୁଡୁ ଆଖିରେ,
ସତେ କି ଜୀବନ ଅଛି
ତୋହ ଠାରେ ଲଖିରେ।

ଜୀବନ ର ଯେତେ ବାଆ
ଝଡ ଆଉ ବତାସ,
ହସି ହସି ସହି ଥିଲା
ନୋହି ମନେ ବିରସ।

ଦୋରୁଟି କଥାରେ ଆଉ
ଥିରି ଥିରି ଚାଲି ରେ,
ହସୁ ଥିଲା ଏ ଅଗଣା
ମନେପଡେ କାଲି ରେ।

ଅ ଅ ଆ ଆ କ ଖ
ସିଖାଇଲା ସରାଗେ,

ପାଠ ପଢି ଭୁଲିଗଲୁ
ଭଲେ ଆଜି ବିରଗେ।

ତୋ ସଂସାର ସୁଖ ପାଇଁ
ଛାଡ଼ି ଗାଁ ଅଗଣା,
ପରଦେଶୀ ପର ଦେଶେ
ହୋଇଲୁ ବାଟବଣା।

ଯେଉଁ ବାଟ ପଡି ଅଛି
ଗାଁ ରୁ ଟି ସହର,
ସେଇ ବାଟେ ଫେରି ଆ ଆ
ଡାକୁଛି ମାଆ ତୋର।

ତୋ ବାପା ର କ୍ଷେତ ଖମା
ଭଙ୍ଗା ଏଇ କୁଟିଆ,
ହାତ ଠାରି ଡାକେ ପୁଅ
ଫେରିଆ ତୁ ଫେରିଆ।

ଗଣ୍ଡେ ଖାଇ ଦଣ୍ଡେ ଜିଇ
ରହ ଏଠି ସୁଖ ରେ,
କି ଅବା କିରତି ଅଛି
ପରଦେଶ ଦୁଃଖ ରେ।

ଜନମ ଦାୟିନୀ ମାଆ,
ମାଆ ମାଟି ଡାକୁଛି,
ଫେରିଆ ଫେରିଆ ବାବୁ
ତୋ ବାଟକୁ ଚାହିଁଛି।

****

ବୈଶାଳୀ, ଗାଜିଆବାଦ
8920249605

# ଆଉ କିଛି ଭାବ ବୋଧ ଊର୍ଦ୍ଧ୍ୱରେ



ପଦ୍ମଚରଣ ମଲ୍ଲିକ

ମୋ ଭାବ ଭାବନା ଚେତନା ଉର୍ଦ୍ଧ୍ୱରେ
ଆଉ କିଛି ଭାବ ବୋଧ ଅବବୋଧ
ମୋ ମନ ପ୍ରାଣକୁ ଛୁଇଁ ଯାଏ ।
ନିରବ ନିଃଶଵ୍ଦ ଭାବାବେଗ ହଜି
ଆଖି ବୁଜି ଦେଇ ମୋ ଆଡକୁ ଚାହିଁ
ମୋତେ ମୁଁ ଉଦାତ୍ତେ ଦେଖୁଥାଏ ॥

ସୁନ୍ଦର ମଧୁର ଅନାହତ ସ୍ୱର
ଅନତି ଦୂରରେ ଶୁଣେ ମୁଁ କାହାର
ବଡୁରା ମୂର୍ଚ୍ଛନା ତୋଳୁଥାଇ ।
ଅଜ୍ଞାତ ଉଛୁଳା ସ୍ୱରଗ୍ରାମ ତାର
ବାଉଳା କରଇ ମୋତେ ବାର ବାର
ଭିଜି ମୁଁ କାହାକୁ ଖୋଜୁଥାଇ ॥

ଅନୁଭବୋତ୍ତର ଉପଲବ୍ଧି ବାଣ୍ଟି
ଶରଧା ସୌଜନ୍ୟ ନିଏ ମୁଁ ସାଉଁଟି
ପେଡ଼ିରେ ସାଇତି ରଖିବାକୁ ।
ତା ପରେ ଚାଲେ ମୁଁ ବାଟ ଅବାଟରେ
ଆଦିମ ଉଦ୍ଦାମ ହୋଇ ଉଲ୍ଲାସରେ
ପରା ପ୍ରୀତି ଟିକେ ପାଇବାକୁ ॥

ଗିରି ଚୂଡା ପ୍ରାପ୍ତି ପ୍ରତ୍ୟୟ ନରଖି
ନଖୋଜି କାହାକୁ ବାଟ ଚଲା ସାଥି
ବାଟ ଚାଲୁଥାଇ ବାଟ ହୋଇ ।
ଚଲା ବାଟରେ ମୁଁ ପାଏ ବହୁକିଛି
ଜାଣି ପାରେନି ମୁଁ କଅଣ ପାଉଛି
ପଥ ପ୍ରାପ୍ତି ଦୁର୍ଲଭ ମୋ ପାଇଁ ॥

*****

କୈବଲ୍ୟ ମାଗୁଣି ତୀର୍ଥ , ଦୈତାରୀ ପୁର,
ଆଳି, କେନ୍ଦ୍ରାପଡା, ଓଡିଶା
ପିନ-୭୫୪୨୩୯
ମୋବାଇଲ: ୯୪୩୭୪୬୨୧୧୭

# ସେବା - ବାସେ



ବେବିନା ମଲ୍ଲିକ

ଚାଳିଶି ବର୍ଷ ପୂର୍ବେ
ମୋ ବାପାଙ୍କ ସାଥିରେ ମୁଁ
ଦାଦି ମାର ବ୍ରେନ ହାମ୍ରେଜ ସମୟରେ
ସେବା ସାଥେ ପ୍ରଥମେ ମୋ ଦେଖା ହେଲା,
ବାପା ମୋତେ ପରିଚିତ କରାଇଲେ
କି ଅପୂର୍ବ ଆନନ୍ଦ ସେ , କହିଲେ
ଅତ୍ୟୁକ୍ତି ହେବ ନାହିଁ ,
ପ୍ରକାଶର ବାହାରେ ସେ
ଅମୁଲ୍ୟ ମୂଲ୍ ତାର, ଜ୍ଞାନର ଗନ୍ତାଘର,
ସବୁ ହତାଶାର ଶାନ୍ତି ସ୍ଥଳ
ଖେଳି ଯାଉଛି ହାସ୍ୟ ଲାଳିତ୍ୟର
କୋଳାହଳ ପରିବେଶ
ସେବାର ବାସ୍ନାରେ ପରିବେଶ ସୁଗନ୍ଧିତ
ବାସି ଉଠୁଛି ସେବାକୁ ଓଲଟାଇ ଦେଲେ
ଆଜି ବହୁତ ବର୍ଷ ପରେ ।

ମୋ ଶାଶୁ ମାଆଙ୍କର ଦେହ ଖରାପ ସମୟରେ
ବହୁତ ଦିନପରେ ମୋ ପିଲାଦିନର ସାଥି ମୋତେ ମିଳିଗଲା
ବୋଧ ହୁଏ ଗାଁରୁ ଦିଲ୍ଲୀ ପର୍ଯ୍ୟନ୍ତ ଆସିବାରେ
ସମସ୍ତ ସାଥି ସହୋଦରଙ୍କୁ ସାକ୍ଷାତ କରି ଆସୁ ଆସୁ
ବହୁତ ଦିନ ଚାଲି ଯାଇଛି ,
ହେଲେ ଯେମିତି ମୋ ସହିତ ମିଳିଗଲା
ଗଳେ ମିଳାମିଳି ହୋଇଗଲୁ
କୋଟି ଆନନ୍ଦ ଖେଳିଗଲା
ପଦଠୁ ମସ୍ତିସ୍କ ଯାଏ ଶିହରଣ ଖେଳି ଯାଉଥିଲା
କିଛି କିଛି ସମୟ ପରେ ମୋ ବାପା, ମାଆ ଭାଇ ମାନଙ୍କ
କଥା ମଧ
ପଚାରି ପଚାରି ବହୁତ ଖୁସି ଅନୁଭବ କରୁଥିଲା
ମଝିରେ ମଝିରେ ମୋ ପୁଅ ଝିଅଙ୍କ କଥା ମଧ ଶୁଣି
ଖୁସି ଅନୁଭବ କରୁଥିଲା,
ସତେ ଯେମିତି ସରଗର ଚାନ୍ଦ ମୋତେ ମିଳି ଯାଇଛି,
ଆଉ ମୋର  କିଛି ଲୋଡ଼ା ନାହିଁ, ଜୀବନର  ଶେଷ ଲକ୍ଷ୍ୟ
ଶେଷ ସ୍ଥାନ, ଶେଷ ସ୍ୱର୍ଗ ଓଁ ଶାନ୍ତି ମୋତେ ମିଳିଗଲା ।

****

ଏ-୨୯, ଫାଷ୍ଟ ଫ୍ଲୋର
ରାମପୁରୀ, ଗାଜିଆବାଦ



# ଚିଲିକା

ସାନ୍ନ୍ୟାସୀ ନାୟକ

ଚିକ ମିକ
ପାଣିର ଢେଉରେ
ଦେଖ ଛଳ ଛଳ ମାଛ ,
ଚିଲିକାର
ସ୍ୱଛ ଜଳ ରାଶିରେ
ଜୀବନକୁ ଭେଟିବ ଆସ ....

ଏଠି ଭୋକ ଅଛି
ଭେକ ଅଛି ,
ତମାମ ସମୟ ମଧୁମାସ ,
ଐଶ୍ୱର୍ଯ୍ୟ ବିପଣିରେ
ରତ ରତ ରତି
ପ୍ରସବ ଯନ୍ତ୍ରଣା
ହୋଇଯାଏ ଶେଷ  .....

ସକାଳ ପାହୁ ପାହୁ
ନବବଧୂ ଚିଲିକା ,
ସୁନାରେ ମଣ୍ଡିହୋଇ
ସିନ୍ଥିରେ ସିନ୍ଦୁର ନାଏ ,
ରାତିରେ
ରୁପାପାଟ ପିନ୍ଧି
ଅପରୂପା
ପ୍ରେୟସୀ ହୋଇଯାଏ ...

ଏଠି ଚଢେଇ ସହ
ମନ ଉଡେ ,
ଢେଉ ସହ ନାଚେ ଇଛା ,
ବିସ୍ତିର୍ଣ ଜଳ ରାଶିରେ
ହଜିଯାଏ ହୃଦୟ ,
ପ୍ରତି ମଣିଷ

ହୋଇଯାଏ ରଜା  ....

ସତରେ
ସ୍ୱର୍ଗ ନଦେଖିଲେ ନାହିଁ ,
ମଧୁମୟ ପୃଥିବୀକୁ
ଦେଖିବ ଆସ ,
ଏଠି କେତେ ରଙ୍ଗର
ଜୀବନ ଉଡୁଛି ,
ବିଚିତ୍ର ଚିଲିକାକୁ
ଥରେ ଭୋଗିବାକୁ ଆସ ...

****

ଚକ୍ଷୁ ଚିକିତ୍ସା ସହକାରୀ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ପୁରୀ
ମୋ .. 9437352560

# ଆସ ଈଶ୍ୱର ଙ୍କୁ ଭେଟିବା



ସୁଚରିତା ମହାନ୍ତି

ମୁଁ ଯୁଆଡ଼େ କହିବି ସିଆଡ଼େ ଯିବା
କିଛି କଥା ଜାଣିବା ବୁଝିବା
ଓ ଦେଖିବା
ନିଜ ନିଜ ଘର ଅଗଣାରୁ ଆରମ୍ଭ କରି ବିଦ୍ୟାଳୟ ଓ ମନ୍ଦିର
କୁ ଯିବା
ସବୁ କିଛି ପରଖିବା।

ଶୁଣ!
ଆମ ମା'ବାପା ଆମ ଆଦ୍ୟ ଗୁରୁ
ତାଙ୍କୁ ପୂଜିବା
ମନ୍ଦିର ଯାଇ ଦିଅଁଙ୍କୁ ପୂଜିବା
ବିଦ୍ୟାଳୟ ଯାଇ ଗୁରୁଙ୍କୁ ପୁଜିବା

ସେମାନଙ୍କୁ ପଚାରିବା
ଆମ ପ୍ରଥମ ଈଶ୍ୱର କିଏ!!
ନମ୍ର ହୋଇ
ଭକ୍ତି ସହକାରେ
ପୂର୍ଣ୍ଣ ସମର୍ପଣ ଭାବେ,

ସେଇଠୁ ଉତ୍ତର ଆସିବ
ପ୍ରଥମ ଈଶ୍ୱର 'ମାତା ପିତା'

'ବିଦ୍ୟାଦାତା' ପରମ ପୂଜ୍ୟ ଗୁରୁ

ନିରବରେ ସବୁ ଦେଖୁଥିବା
ନ୍ୟାୟ ଧର୍ମ ର ସମନ୍ୱୟ କର୍ତ୍ତା ଅଦୃଶ୍ୟ ଶକ୍ତି ଈଶ୍ୱର!!

ମାନି ନେବାକୁ ପଡ଼ିବ
ହଁ ସେଇତ ଆମର ପ୍ରଥମ ଈଶ୍ୱର

ତା'ହେଲେ ଏବେ ଦ୍ୱିତୀୟ ଈଶ୍ୱର କେଉଁଠି ଅଛନ୍ତି!!

ଏ ପ୍ରଶ୍ନ ମନକୁ ଆସିବ
ଆସ ଯିବା ପ୍ରକୃତି କୋଳକୁ।
ହୁଏତ ସେଇଠୁ ଉତ୍ତର
ମିଳି ଯାଇପାରେ !!
ଅନ୍ୟ କେଉଁଠ କ'ଣ ଏ ପ୍ରଶ୍ନ ର
ଉତ୍ତର ମିଳିବ ଯେ,

ଓଃ ମନରେ ଏତେ ଦ୍ୱନ୍ଦ

ଶୁଣ କବିଟିଏ କେମିତି
ଗୀତ ବୋଲୁଛି ନିଜକୁ ସେ
ଦ୍ୱିତୀୟ ଈଶ୍ୱର ବୋଲି କହୁଛି,
ସତରେ କ'ଣ କବି ଦ୍ୱିତୀୟ ଈଶ୍ୱର
ହିଁ ହୋଇଥିବ
ସୃଜନୀ ମାଧମରେ ନୂଆ କିଛି ପରିବର୍ତ୍ତନ ର ସ୍ୱର ଶୁଭୁଥିବ!

ଏବେ ଯିବା ଅନ୍ୟତ୍ର ବୁଲିବା
ଯଦି ଆଉ କେହି ମିଳିଯାନ୍ତି
ଦ୍ୱିତୀୟ ଈଶ୍ୱର।

ଶୁଭୁଥିଲା କୋଳାହଳ
ପାଦ ଅଟକି ଗଲା
ଏଇଠି କ'ଣ ମିଳିବେ
ଦ୍ୱିତୀୟ ଈଶ୍ୱର!!

ଏବେ ଆସ ଭେଟିବା ଈଶ୍ୱର ଙ୍କୁ
ବୁଝିବା ସେ ପ୍ରଥମ କି
ଦ୍ୱିତୀୟ ଈଶ୍ୱର!
ମନରେ ଉତ୍ସାହ
ଆଖିରେ ଆନନ୍ଦର ଅଶ୍ରୁ

ସେବା ଶବ୍ଦ ଟିରେ ଯେମିତି ବାସ ମହକୁଛି
ହିଁ ସେବା କୁ ଓଲଟେଇ ଦେଲେ ସେ ହିଁ ତ ବାସେ

ଶ୍ରଦ୍ଧା ଭକ୍ତି ସମର୍ପଣ ର ଭାବ ଡୋରି ରେ ସମସ୍ତେ ବନ୍ଧା
ଚିକିତ୍ସା ଚାଲିଛି
ଜଣେ ପରେ ଜଣେ ଛୁଟି ଚାଲିଛନ୍ତି ଦ୍ୱିତୀୟ ଈଶ୍ୱର ଙ୍କ ପାଖକୁ
ଫେରିବା ସମୟରେ ସମସ୍ତଙ୍କ ମୁହଁରେ ଗୋଟିଏ କଥା
ସେ ବାବୁଟା ଡାକ୍ତର ନୁହେଁ ଗୋଟେ ଭଗବାନ
ଆମ ସମସ୍ତଙ୍କ ର ଦ୍ୱିତୀୟ ଈଶ୍ୱର।
ତା କଥା ଯେମିତି ତା ଔଷଧ ସେମିତି
ଯେତେ ବଡ଼ ରୋଗ ହେଉ ଭଲ ନକରି କ'ଣ ଛାଡ଼ିବ
ଗରିବଙ୍କ ଚିର ସାଥୀ
ଡାକ୍ତର ହିଁ ଦ୍ୱିତୀୟ ଈଶ୍ୱର ।

ସତରେ ନା
ଏଇ ଦ୍ୱିତୀୟ ଈଶ୍ୱର !
ପ୍ରତ୍ୟେକ ମଣିଷ ଙ୍କ ପାଇଁ ଲୋଡ଼ା
ଗରୀବ ରୁ ଧନୀ ଯାଏଁ
ସଭିଏଁ ତ ମିଳନ୍ତି ସେ ଈଶ୍ୱରଙ୍କୁ
କହିପାର ଚିକିତ୍ସକ ବା ଡାକ୍ତର ବୋଲି
ଯାହାଙ୍କ ସ୍ପର୍ଶ ଓ ସେବାରେ
ମଣିଷ ପାଏ ଦ୍ୱିତୀୟ ଜନ୍ମ।

ଈଶ୍ୱର ପ୍ରଥମ କ'ଣ ନା ଦ୍ୱିତୀୟ କ'ଣ
ଯେଉଁଠି ବିଶ୍ୱାସ, ଆଦର, ଭକ୍ତି, ସମର୍ପଣ,ସେବାର ଭାବଥାଏ
ସେଇଠି ଈଶ୍ୱର ଥାନ୍ତି, ସେ ପ୍ରଥମ କି ଦ୍ୱିତୀୟ ନୁହଁ
କେବଳ ଈଶ୍ୱର ।।

****

ସଂପାଦିକା,'ଭଞ୍ଜଦୀପ'
୮୯୧୭୫୭୦୧୦୨



# ସୈତାନ

**ସୁନନ୍ଦା ବି ମହାପାତ୍ର**

ମୁଁ ତାକୁ ସୈତାନ କୁହେ,
କେବେ କେବେ ଆଉ କିଛି !
ଆଜିପରି ଏତେ କଥା,
ଏତେ ବିଶେଷଣ
ମୋ' କୁନି ମୁଣ୍ଡରେ ନଥିଲା ।
କୁନି ନୁହେଁତ ଆଉ କ'ଣ ?
ଆଠ କି ନଅ ବର୍ଷ ବୟସ
ଏମିତି କେତେ ଯେ...!

ସୈତାନ ବହୁତ ଡେଙ୍ଗା ଥିଲା
ମୋ' ଭାଷାରେ ବଡ଼ଲୋକ ।
ବଡ଼ ବଡ଼ ଆଖି,
ଆଖି ଭିତରେ ଅହରହ ଜଳୁଥାଏ ନିଆଁ ।
ଲାଲ ଲାଲ...
ନିଶାରେ ଥିଲେ ଯେମିତି...!

ହଁ,ସେ ପିଏ ନାହିଁ,ଏତିକି ଜାଣେ ।

ତା'ର ସେ ନିଆଁ କିନ୍ତୁ
ସବୁବେଳେ କ୍ରୋଧର ନୁହେଁ,
ଯାହା ଅନ୍ୟମାନେ ବୁଝୁଥିଲେ ।

ମୁଁ ବି ସେ ନିଆଁ ଦେଖିଛି ।

ହେଲେ ମୁଁ ଯେବେ ଏକୁଟିଆ ଥାଏ,
ମୋତେ ଦେଖିଲେ
ସେ ନିଆଁର ରଙ୍ଗ ଏବଂ ଆକାର
ବଦଳି ଯାଏ ଅଚାନକ !

ସେ ଚାହାଣୀକୁ ମୋ'ର
ଯେତିକି ଡର,ସେତିକି ଘୃଣା ।

ତାର ବଡ଼ ବଡ଼ ନିଶ,
ମଣିଷ ପରି ଦିଶେନି
ମୋ' କୁନି ଆଖିକୁ...!
ମୋତେ ଯେତିକି ଭୟ ଲାଗେ
ସେତିକି ଅସନା...!

ସେ ମୋତେ ପାଠ ପଢ଼ଉ ଥିଲା ।
ଭଲ,
ଥରକେ ମନେ ରହିଗଲା ପରି ।
ଚଟ୍ କିନା ବୁଝି ଯାଉଥିଲି ମୁଁ !
ଭୟରେ କି ଭକ୍ତିରେ
ଜାଣେନି ।
ଏତିକି ଜାଣେ ମୋତେ ତା' ଠାରୁ,
ଶୀଘ୍ର ମୁକୁଳିବାର ଅଛି ।

କେବେ କେବେ ସେ ମୋତେ
ମିଠା ମିଠା କଥା କହେ,
ମୋ' ମଥା ଆଉଁସି
ସୁନାଝିଅ ବୋଲି ବି କହେ,
ଚକଲେଟ ଦିଏ ।
ଯେବେ ଯେବେ ସେ
ମୋ'ର ଦେହରେ ହାତ ମାରେ...।

ମୋ' ଦେହ ଓ ମନରେ
ଅସଂଖ୍ୟ କଣ୍ଟା
ଫୋଡ଼ି ହେବାର ଯନ୍ତ୍ରଣା ...!
ମୁଁ କିନ୍ତୁ କାନ୍ଦେ ନାହିଁ,
ବୋଧହୁଏ କାନ୍ଦି ପାରେନି...!
ଭୟରେ କି ଲାଜରେ
କେଜାଣି...??

ସତ କହୁଛି,
ସେ ଚକଲେଟ ମୁଁ କେବେ ଖାଇନି ।
ବୋଉ ଉପରକୁ ଫୋପାଡ଼ି
ଖୁବ୍ କାନ୍ଦେ...
ସୈତାନ ପାଖକୁ ଆଉ
ନଯିବାକୁ ଜିଦ କରେ ।

ବୋଉ ଶୁଣେନି ।
ବୋଧେ,ଅବିଶ୍ୱାସ ମୋତେ (?)
ନା ଏକ ସରଳବିଶ୍ୱାସରେ ଛନ୍ଦିହୋଇ,
ବାପ ସମାନ ଲୋକ ଭାବି...??
କହେ,ମୁଁ କାଳେ ପାଠକୁ ଡରୁଛି...
ପାଠ ଚୋରଣୀ ଟାଏ...!

ତେଣୁ,ସମାନ କଥାର ପୁନରାବୃତ୍ତି ହୁଏ ।

ଏବେ ମୋତେ ହିଁ କିଛି
କରିବାକୁ ହେବ ।
ସେତେବେଳେ ଈଶ୍ୱରଙ୍କ ସହ
ଏତେ ବେଶି ପରିଚୟ ନଥିଲା ମୋ'ର !
ତଥାପି ଦିନେ ତା'ଙ୍କୁହିଁ ଗୁହାରିଲି,
ବିକଳ ହେଲି...!
ଆଶ୍ଚର୍ଯ୍ୟ !
ଚମତ୍କାର ଟିଏ ଘଟିଲା ।

ହଠାତ ମୁଁ ବଡ଼ ହେଇଗଲି...
ଚଲାଖ ବି...!
ଗୋଟିଏ ନୁହେଁ
ହଜାରେ ସୈତାନଙ୍କୁ
ସାମ୍ନା କରିବାକୁ କିଏ ଯେମିତି
ବୁଦ୍ଧି ଖଞ୍ଜି ଦେଲା ମୋ' ମୁଣ୍ଡରେ...!

ବଡ଼ ହେବା ପରେ,
ତାକୁ ଚରିତ୍ରହୀନ ଲମ୍ପଟ କାମୁକ
ବୋଲି ଅଭିଧାନରୁ ବାଛି ବାଛି
ଯେତେ ବିଶେଷଣ ଯୋଡ଼ିଲେ,
ତା' ଆଖିର ସେ ନିଆଁକୁ କାମନା,
ବାସନାର ନିଆଁ କହିଲେ ବି...
ମୋ' ଆଖିରେ ଏବେବି ସେ
ସେଇ ସୈତାନ...
ସୈତାନ....!

ସୈତାନ କିନ୍ତୁ ଆଖିରୁ ଯାଏ ସିନା
ମନରୁ ଯାଏନି...!
ଏବେବି ବେଳ ଅବେଳରେ
ଧସେଇ ପଶନ୍ତି ସୈତାନ ମାନେ,
ଡିମା ଡିମା ଆଖି,
ଭୟଙ୍କର ଚେହେରା,
ଖୁବ୍ ଡରାନ୍ତି...
ମୁଁ ଚମକି ଉଠେ,
ସାରା ଦେହ ଝାଳରେ ଓଦା...!

ଅଜାଣତରେ କୃତଜ୍ଞତାର
ହାତ ଦୁଇଟା ଯୋଡ଼ି ହେଇଯାଏ
ସେହି ଅଦୃଷ୍ଟଙ୍କ ପ୍ରତି,
ଯେଉଁ ଅଦୃଶ୍ୟ ଶକ୍ତି ପାଇଁ
ମୁଁ ଆଜି,ଏଯାଏ ସୁରକ୍ଷିତ.. !!!
****

ବାଙ୍ଗାଲୋର



# ଅପା'ର ଚିଠି

ଇଂ ବିଜୟ କୁମାର ସେନାପତି

ବାବୁନିରେ! ମନ ଦୁଃଖ କରିବୁନି
ନେବୁ ମୋର ସ୍ନେହ
ଗହ୍ଣାପୁନେଇ ଟା ଗଲା,ଯାଇପାରିଲିନି ମୁହିଁ
ଦିଶେ ଖାଲି ତୋ ଶୁଖିଲା ମୁହଁ।
ହାତେ ତୋର ବାନ୍ଧିପାରିଲିନି ମୁହିଁ
ରେଶମର ଡୋର
ସେଥିପାଇଁ ମନେ ଆଜି ଭରିଯାଏ
ଅନୁତାପ ଘୋର ।

ଜଞ୍ଜାଳି ହେଲିରେ ଧନ,ପିଲା,ଛୁଆ
ସଂସାର ର ଜ୍ୱାଳା
ଶାଶୁ,ଶ୍ୱଶୁର,ଦିଅର,ନଣନ୍ଦଂକ
ଅନେକ ଝାମେଲା।
କେବେ କେବେ ନିଜେ ପରା
ଖାଇବାକୁ ଯାଇଥାଏ ଭୁଲି
କେବେ ପୁଣି ଭୋକ ବେଳେ
ମିଳେ ଖାଲି ଶୁଖାଭାତ,ଡାଲି ।

ମାଆ ଆମ ରାନ୍ଧୁଥିଲା ସୁଆଦିଆ
କେତେ ଯତ୍ନ କରି
ଖାଉଥିଲେ ସାଥିହୋଇ,ଯାଉଥିଲେ
ମିଳିମିଶି ଚଳି
କେବେକେବେ ତୋ ଭାଗରେ ମୋ ଭାଗକୁ
ଦେଉଥିଲି ଢାଳି
କହୁଥିଲୁ ଦେନାଁ ଦେନାଁ ଅପା ପାରିବିନି
ଆଉ ମୁହିଁ ଗିଳି।

ମନେପକା,ବାପା ଆମ ଥିଲେ କେତେ
ମିଜାଜ୍ ରେ କଡା
ଦେଉଥିଲେ ତାଗିଦା ସେ କରୁଥିଲେ
ତୋତେ କେତେ ଘୋଡା?
ଲୁଚୁଥିଲୁ ମାଆ କାନି ଆଢୁଆଳେ
ଅବା ମୋ ପଛରେ

କହୁଥିଲୁ ଆମେ ଦୁହେଁ,ନାହିଁ ନାହିଁ ସିଏ ଏଠି
ଥିଲେବି ମିଛରେ।

ଯଦିଓ ସେ ଜାଣୁଥିଲେ ଅଛୁ ତୁହି,ତଥାପି ସେ
ଯାଉଥିଲେ ଫେରି
ବଜାରରୁ ଆଣୁଥିଲେ  ବରା ,ଚପ୍ ,ସିଙ୍ଗଡାର
ଠୁଙ୍ଗା ଭରିକରି।
ଭଲ ମଣିଷ ହେବାକୁ ଦେଉଥିଲେ
କେତେ ଉପଦେଶ
ସେଇକଥା ଶୁଣି ଆଉ ଶିଖି ସିନା ଆମେ ଆଜି
ସଂସାରେ ପୋଖତ।

ବାପା ଗଲେ ମାଆ ଗଲା,ଗଲା ଆମ
ସ୍ନେହ,ସୁଖ,ଶୀରି
ଆମେ ପୁଣି ବାପା ମାଆ ହେଲେ କା'ର
ହୋଇଲେ ସଂସାରି
ହେଲେ କିନ୍ତୁ ବୁଝୁନାହିଁ ବେଳେବେଳେ
ଏ ଅବୁଝା ମନ
ମନେପଡେ ନୁଆଁଣିଆ ଚାଳଘର,ମନେପଡେ
ସେ ଅଭୁଲା ଦିନ।

ମନେପଡେ ଆମ ବାଡି ଅଗଣାର
ସେ ମିଠା ପିଜୁଳି
ଇଛାହୁଏ ଚାଖିବାକୁ ଦାଦାଘର ଡେଙ୍ଗାଗଛ
ମିଠା ବରକୋଳି
ମନେପଡେ ବାବୁନି ତୋ ମିଠାମିଠା
ଆପା ଅପା ଡାକ
ସେଥିପାଇଁ ଲେଖୁଛି ମୁଁ ତୋ ପାଇଁରେ
ଏହି ଚିଠି ଏକ।

****

ସି - ୭୭, ସେକ୍ଟର ୨ , ରାଉରକେଲା - ୬
୮୮୯୫୫୦୦୯୯୨



# ଫୁଟାଥାଳି

କୁଞ୍ଜବିହାରୀ ରାଉତ

ମୁଁ ଫୁଟା ଥାଳିଟିଏ
ଅବହେଳିତ ହୋଇ ପଡିରହିଛି
ଘର ବାହାରେ ଗେଟ୍ ପାଖରେ
କେତେବେଳେ କିଏ କିଛି ଅଇଁଠା ଛାଡିଦେଲେ
କୁକୁର,ଗାଇଗୋରୁ,ଆସି ମୁହଁ ମାରନ୍ତି
ମୋ ଥାଳିରେ....
ସେଇତ ଭାଗ୍ୟ ମୋର
କାରଣ ମୁଁ ଅଦରକାରୀ ଏବେ ଏ ସମାଜରେ...
ଠିକ୍ ଯେପରି
ମୁରବୀ ଏ ଘରର
ତା' ହାତ ତିଆରି ସଂସାର ପାଇଁ
ଆଜି ସେ ଅଲୋଡା
ସ୍ଥାନ ତା'ର ଘରକୋଣରେ
ଅବା ଜରାଶ୍ରମରେ
ବୋଝ ପାଲଟିଛି ସେ ତା' ପରିବାରରେ
ଅଦରକାରୀ ଅର୍କମଣ୍ୟ ସେ
ଠିକ ଫୁଟାଥାଳି ଭଳି
ଯାହା ପଡିରହିଛି ଘରକୋଣରେ, ଗେଟ ବାହାରେ
ଅବା ଅଳିଆ ଗଦାରେ
ଏଇତ ନିୟମ ଏ ସଂସାରରେ .....
ମୁଁ ସଜା ହୋଇ ରହୁଥିଲି
ରୋଷେଇ ଘରର ଥାକରେ
ମୋ ସ୍ଥାନ ଥିଲା ଟେବୁଲ ଉପରେ
ସେମିତି ରୋଜଗାର ବେଳେ
ସବୁଠାରେ ଲୋଡା ହେଉଥିଲା ସେ
ଘରେ,ବାହାରେ,ବଜାରରେ,ସାଇ ପଡିଶାରେ
ଏବେ ବାର୍ଦ୍ଧକ୍ୟ ଗ୍ରାସିଲାଣି
ବଳତେଜ କମିଗଲାଣି, ଠିକ୍ ଫୁଟାଥାଳି ଭଳି ସେ ପଡିରହିଛି
ଘରର ଏକ କୋଣରେ
ହାଏରେ, ଚମତ୍କାର ଭାଗ୍ୟ
ଫୁଟାଥାଳି ଆଉ ତା ଭିତରେ
ଅପୂର୍ବ ସମନ୍ୱୟ
ଯାହା ଘଟିଚାଲିଛି ଏ ସମାଜରେ
ନିରବଧି ସମୟାନ୍ତରରେ...

****

୧୪୮/୫,ହମିରପୁର,
ରାଉରକେଲା
ମୋ: ୯୦୯୦୦୯୦୨୨୫



## ସ୍ୱାଭିମାନୀ ମଧୁ ବାବୁ

ରାଖାଲ ଚନ୍ଦ୍ର ସ୍ୱାଇଁ

ଦେବାଳିଆ ହେଇ ଚାଲିଗଲ, ହେଲେ,
ଦେଇନାହଁ ସ୍ୱାଭିମାନକୁ ବିକି।
ମଧୁବାବୁ ତୁମ ଦୃଢ଼ ଇଚ୍ଛାଶକ୍ତି,
ଅଭାବ କଷଣ ପାରିନି ରୋକି।୧।

ଓଡ଼ିଆ ଜାତିର ଅସ୍ମିତା ପାଇଁକି,
ଲଢ଼ି ଲଢ଼ି କେତେ ଦେଇଛ ଦଣ୍ଡ।
ଉତ୍କଳ ଟ୍ୟାନେରୀ ବୁଡିଗଲା,ହେଲେ,
ଗୁଣବତ୍ତା ପାଶେ ନଇଁନ ମୁଣ୍ଡ।୨।


ଓକିଲାତି କଲ,ପାଉଣା ନେଲନି,
ଓଡ଼ିଆ ଜାତିର ଦେବତା ପାଇଁ।
ଏବେ ଆସି ଦେଖ, କେମିତି ଅସ୍ମିତା,
ଅର୍ଥ ପାଶେ ଦିଏ ମୁଣ୍ଡ ନୁଆଇଁ।୩।

ମନ୍ତ୍ରୀ ହେଲ,ହେଲେ,ନେଲ ନି ଦରମା,
ଲାଜ ଲାଗେ ଏବେ ମନ୍ତ୍ରୀଙ୍କୁ ଦେଖି।
ଜାତି ନନ୍ଦିଘୋଷ ବାଟ ହୁଡି ଯାଏ,
ନିଜ ସ୍ୱାର୍ଥ ତହିଁ ସାଜେ ସାରଥି।୪।

ଶୂନ୍ୟ ହସ୍ତେ ତୁମେ ଆସିଥିଲ,ପୁଣି,
ଗଲ ସିନା କରି ହାତକୁ ଶୂନ।
ଓଡ଼ିଆ ସ୍ମୃତିରେ ଅମର ରହିବ,
ଉତ୍କଳ ଗୌରବ ମଧୁସୂଦନ।୫।

×××

ଏଡଭୋକେଟ୍, ଭଦ୍ରକ
9337623685.



## ସବୁଦିନ ଛୁଟି ହେଉ

ଡଃ.କୁଳାଙ୍ଗାର

ବହୁ ଜିନିଷ ତ ମିଳିଲାଣି ମାଗଣାରେ,
କାହିଁକି ପଢ଼ିବା ଓ ଖଟିବା ବେକାରରେ!

ସୋମବାର ଅଟେ ବଡ ପବିତ୍ର ବାର,
ଏହିଦିନ ବ୍ରତ ରଖିଲେ ହର ଦିଅନ୍ତି ବର!

ମଙ୍ଗଳବାର ମାଆ ମଙ୍ଗଳାଙ୍କର ଦିନ,
ପୂଜିଲେ କୃପା କରି ଦିଅନ୍ତି ଧନ ଜନ!

ଲାଭ ମିଳେ ବୁଧବାରେ ବୁଧେଇ ଓଷା କଲେ,
ମାଆ ତାହା କରି ମୋତେ ପରା ଜନ୍ମଦେଲେ!

ଗୁରବାର ଅଟେ ମାଆ ଲକ୍ଷ୍ମୀଙ୍କର ବାର,
ଦିଅନ୍ତି ବଢାଇ ରୋଜଗାର କାରବାର!

ଶୁକ୍ରବାର ଦିନ ଯେତେ ମୁସଲିମ୍ ଭାଇ,
ନମାଜ ପଢିଥାଆନ୍ତି ମସଜିଦ ଯାଇ!

ଶନିବାର ଶନିଦେବ ପ୍ରକଟ ହୁଅନ୍ତି,
ଯେତେ ରିଷ୍ଟ ଅସୁବିଧା ଦୂରେଇ ଦିଅନ୍ତି!

ରବିବାର ଖ୍ରୀଷ୍ଟ ଧର୍ମର ଭଉଣୀ ଭାଇନା,
ଗୀର୍ଜା ଘରକୁ ଯାଇ କରନ୍ତି ପ୍ରାର୍ଥନା!

ଆମର ତ ୟେ ଧର୍ମ ନିରପେକ୍ଷ ଦେଶ,
କାହା ମନରେ କଷ୍ଟ ଦେବା ଅଟେ ଦୋଷ!

ତେଣୁ ପ୍ରତିଦିନକୁ ଛୁଟି ଘୋଷଣା କରାଯାଉ,
ସ୍ୱାଧିନତା ଉପଭୋଗର ସୁଯୋଗ ସୃଷ୍ଟି ହେଉ!

****

ମୋବାଇଲ: 9338581309
ଇମେଲ: dr.kulangar@gmail.com



# ବାପୁ

**ଦେବାଶିଷ ଚକ୍ରବର୍ତ୍ତୀ**

ସତରେ, ତୁମର କାଉଁରିଆ କାଠିପରି
ଶୀର୍ଣ୍ଣ ଦେହରେ କେଉଁଠୁ ଏତେ ତାକତ୍ ପାଇଲ କେଜାଣି
ଉପେକ୍ଷା ର ଝାମ୍ପୁରୁ
ଝକଝକ ସକାଳ ସାଉଣ୍ଟୁ ଥିବା
ତୁମ  ପାହୁଣ୍ଡକୁ ଆଗୁଳି ପାରିଥିଲା କି
ବର୍ବର ଶ୍ୱେତ ପିଶାଚଙ୍କ ଫିସାଦି ?
ବରଂ ଯାଦୁକର ପରି
ଗାୟେବ କରି ଦେଇ ନଥିଲ କି
ଫାଳ ଫାଳ କପାଳ ର ନ୍ୟୂନତା ?

ରକ୍ତପାତ କୁ ତୁମେ ପସନ୍ଦ ନକଲେ ବି
କିଏ କୁହେ ତୁମେ ନିରସ୍ତ୍ର  ?
ସତ୍ୟ ର ନାରାଚ ରେ ତୁମେ
ଯୋଖୁ ନଥିଲ କି ଅହିଂସାର ତୀର ?
ସଦା ପରିପୂର୍ଣ୍ଣ ନଥିଲାକି ତୁମର
ସଦାଚାର ର ତୁଣୀର ?
ଯାହାକୁ ପ୍ରତିରୋଧ କରିବାର ସାମର୍ଥ୍ୟ
ଥିଲା କି ପାଶବିକତାର ଦାସ ସାଜିଥିବା ଶ୍ୱେତପିଶାଚଙ୍କର ?

ଆକୁମାରୀ ହିମାଚଳ କିଏ
ଅଭିମନ୍ତ୍ରିତ ହୋଇ ନଥିଲା
ତୁମ ପାବନ ଉଚ୍ଚାରଣରେ ?
ନତଜାନୁହେଲେ ହୁଏତ ଭିକ ମିଳିପାରେ
ମାତ୍ର ହକ୍ ନୁହେଁ
ତେଣୁ, ତୁମେ ଝାଉଁଳା ଇଚ୍ଛାର କର୍ଣ୍ଣକୁହର ରେ
ଶୁଣାଇଥିଲ "କର ବା ମର"ର
ଆଗ୍ନେୟ ଉଚ୍ଚାରଣ
ଯାହାକି ପ୍ରାଣରେ ଭରି ଦେଇଥିଲ
ସୈତାନ ର ଆଁ ଭିତରୁ ହକ୍
ଓଟାରି ଆଣିବାର ଦମ୍ଭିଲାପଣ ।

ଦୀର୍ଘଶ୍ୱାସଙ୍କୁବି ତୁମେ ଶିଖାଇ ନଥିଲ କି
ଗୋଲାମୀ ର ଶିକୁଳି ଛିଡାଇ
ଚେତନାର ଅଗଣାରେ ଡେଣା ଝାଡ଼ିବାର  ଆସ୍ପର୍ଦ୍ଧା ?
ଅହଂକାର ର ଯୁପରେ
ଯଜ୍ଞପଶୁ ସାଜିଥିବା
ଉଜୁଡା ସ୍ୱପ୍ନଙ୍କ କାନରେ ଶୁଣାଇ ନଥିଲ କି
ଜୀବନ ର ଜୟଗୀତି ?
ତୁମେ ପ୍ରବର୍ତ୍ତାଇ ନଥିଲକି
ମନ ସିଲଟରୁ ପୋଛି ଦେବାକୁ
ଅକାଳ ମରଣ ର ଭୀତି ?

ବାପୁ ! କୋଟି ମନରେ ତୁମେ
ଅହରହ ଆଲୋକ ଢ଼ାଳୁଥିବା
ଏକ ନିସ୍ୱାର୍ଥ ଦୀପାଳି
ସ୍ୱାର୍ଥପାଗଳ ର ଗୁଳି ଚୋଟରେ
ମରଦେହ ତୁମର ପଡିଲେବି ଟଳି
ଚାହିଁଦେଖ, ତୁମ ଦୃପ୍ତ ଚରଣତଳେ
ଶରଣ ଲୋଡିବାକୁ ନିଉଛାଳି ହେଉଅଛି
ମରଣ କିପରି ?

*****


ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ 9437752395

# ବାଣୀ



ଅକ୍ଷୟ ମହାନ୍ତି

ବାଣୀଟାକୁ ଯଦି
ବୀଣା କରାଯାଏ
ସଂଗୀତ ଶୁଣାଉ ଥିବ
ବାଣ କରିଦେଲେ
ଯୁଦ୍ଧ ଘରେ ସିଏ
ଗୁଆଟେ ପକାଇ ଦେବ।

ଅପ୍ରିୟ ସତ୍ୟତ୍‌କୁ
ଏଡାଇବା ପାଇଁ
ପ୍ରୟାସ ବି ଜାରି ରହୁ
ଯିଏ ଯା'କହୁଛି
ନିର୍ବିଘ୍ନରେ ତାକୁ
କହିବାକୁ ଦିଆଯାଉ।

ପ୍ରତିବାଦ କଲେ
ଝଡ ସୃଷ୍ଟି ହେବ
ସହିଷ୍ଣୁତା ରହିବନି
ହସି ଦେଲେ ଟିକେ
କଥା ସରିଯିବ
ଆଗକୁ ବଢିବ ନାହିଁ।

ଶତ୍ରୁ ସିନା ତହିଁ
ବନ୍ଧୁ ହୋଇଯିବ
ସଂପର୍କଟା ବଢିଯିବ
ନୋହିଲେ ମନକୁ
ଅଶାନ୍ତିର ନିଆଁ
ଘୁଣ ପରି ଖାଉଥିବ।

ସବୁଠାରୁ ଭଲ
ମଉନ ରହିବା
କିଛି ନ କହିବା ଭଲ
ସ୍ୱର ବର୍ଣ୍ଣ ଯଦି
ବ୍ୟଞ୍ଜନ ହୋଇବ
ଅର୍ଥ ହୋଇଯିବ ଭେଲ।

ଗୋଟିଏ ଶବ୍ଦର
ଉଚ୍ଚାରଣ ଯଦି
ଏପଟ ସେପଟ ହୁଏ
ଅର୍ଥଟା ସହଜେ
ଭିନ୍ନ ରୂପ ନେଇ
ଅଲଗା ବି ହୋଇଯାଏ।

ସେହିଠାରେ ବାଣୀ
ବୀଣା ବଦଳରେ
ବାଣ ହିଁ ପାଲଟି ଯାଏ
ମହାଭାରତର
ରଣ କଉଶଳ
ସେହିଠାରୁ ସୁରୁହୁଏ।
****

ନିର୍ମାଲ୍ୟ
ମୋ ନଂ 9937462507



# ଅଲେଖା ସ୍ମୃତି

କୁମାର ପ୍ରସନ୍ନ ମହାନ୍ତି

ଦିନ ପୁରୁଣା,
ଲେଖା ବି ପୁରୁଣା
ଅଜଣା ଆଜି ସେ
ପୁରୁଣା ଠିକଣା..,
ହାତ ଲେଖା ତୁମ
ସେ ଗୋଲାପି ଚିଠି
ପୁରୁଣା କଥାରୁ ଆଜି
ମୁଁ ଖୋଜୁଛି କିଛି..
କଥା ଠୁ ଥିଲା
କବିତା ବେଶୀ..
ଯେବେ ଲଫାପା ରୁ
ପଡୁଥିଲା ଖସି
ଚିଠି ରେ ଥିଲା
ଗୋଲାପ କଢ଼ି
କଥା କମ୍ ହେଲେ
ବାହାନା ବେଶୀ..;
ନୀଳ କାଗଜ ର ଛାତି
ଛାତିରେ ତା' ଜହ୍ନ ରାତି
ସମୟ ଯାଇଛି ବିତି
ତଥାପି ଅଲେଖା ରହିଗଲା
ପୁଣି ହଜାରେ ସ୍ମୃତି ।।

****

ବି -21,
କୋଏଲ ନଗର, ରାଉରକେଲା



# କବିତାର ଜନ୍ମ

ତେଜସ୍ୱିନୀ ପଣ୍ଡା

କବିତାର ଜନ୍ମ ମୋ
ସୃଜନ ଗର୍ଭରୁ,
ମାସ ମାସ ମୋ
ଗର୍ଭରେ ନୁହେଁ
ଅକସ୍ମାତ୍ ମୁହୂର୍ତ୍ତରେ
ନିଜ ଇଚ୍ଛାରେ ସେ ଜନ୍ମ..

କବିତାର ଜନ୍ମ ମୋ
ରକ୍ତରେ ନୁହେଁ,
ବହୁ ସଂଗ୍ରାମୀ ମାନଙ୍କ
କାରାଦଣ୍ଡରେ ,
ନିର୍ଦ୍ଦୋଷୀ ର ଫାଶୀ
କ୍ଷଣରେ, ସ୍ତ୍ରୀ ଓ ମାଆ
ର କାକୁତି ମିନତିରେ ..

କବିତାର ଜନ୍ମ ମୋ
ପବିତ୍ର ପ୍ରେମରୁ ,
ମୋ ଆଖିର କ୍ଷମାମଗ୍ନ
ପ୍ରେମିକର ହାତ ସ୍ପର୍ଶରେ,
ସେ କବିତା ।
ବଞ୍ଚେ ନିଜ ଇଚ୍ଛାରେ,
ମରେ ନିଜ କ୍ଷମାରେ,
କାନ୍ଦେ ନିଜ ମୃତ୍ୟୁର ଶୋକରେ ।

କବିତା ଜନ୍ମ ନିଏ
ରାଜଧାନୀ ର ସନ୍ଧ୍ୟାରେ,
ସୁସଜ୍ଜିତ ଆଲୋକର

ଚିତ୍ରିତ ନୟନରେ ,
କବିତା ଏକ ଗଭୀର ରାତି,
କବିତା ଏକ ଅକଥନୀୟ ପ୍ରୀତି,
କବିତା ଏକ କୁଆଁ କୁଆଁ
ଶିଶୁର ଡାକ।

କବିତା ଜନ୍ମ ନିଏ ଇତିହାସର
ଦରଦୀ ପୃଷ୍ଠାରୁ,
ଲକ୍ଷେ ଲକ୍ଷେ ରାଜାଙ୍କ
ରାଜୁତିରୁ,
କବିତା ସିଏ ରାଜା,
କବିତା ସିଏ ପ୍ରଜା,
କବିତା ଏକ ମହାସଂଗ୍ରାମର
ଶେଷ ଅମୋଘ ଅସ୍ତ୍ର।

****


ସାଦେଇପୁର,ଜଗତସିଂହପୁର
tejaswanipanda6@gmail.com


# ବିପ୍ଳବୀ ବୀର ସୁରେନ୍ଦ୍ର ସାଏ




ରାମ ଚନ୍ଦ୍ର ପ୍ରଧାନ


ସମ୍ବଲପୁରର ଅମଳିନ ଜ୍ୟୋତି
ହେ ବୀର ସୁରେନ୍ଦ୍ର ସାଏ
ତୁମ ମହନୀୟ ଗୌରବର ଗାଥା
ଆଜି ବି ଜନତା ଗାଏ ।
ମୁକ୍ତି ସଂଗ୍ରାମର ମହାରଥି ତୁମେ
ଅମଳିନ ଦୀପ ଶିଖା
ତୁମ ବୀରତ୍ୱର ସଂଘର୍ଷ କାହାଣୀ
ଇତିହାସେ ଆଜି ଲେଖା ।
ପିତା ଧରମ ସିଂ ମାତା ରେବତୀଙ୍କ
କୋଳକୁ ମଣ୍ଡନ କରି
ସମ୍ବଲପୁରର ଖିଣ୍ଡା ଗ୍ରାମେ ତୁମେ
ଜନ୍ମିଥିଲ ଖୁସି ଭରି ।
ହୀରକ ପୁରର ହୀରାଖଣୀ ତୁମେ
କେହି ନୁହେଁ ତୁମ ପରି
ଘୋଡ଼ାଚଢ଼ା ଅବା ଅଣୀ ଚାଳନାରେ
ହେବେ ନାହିଁ କେହି ସରି ।
ତୁମ ବଳିଦାନେ ବିଦେଶୀ ଶାସନ
ହୋଇଥିଲା ପରାଜିତ
ଏବେ ବି ଏ ମାଟି ଖୋଜେ ତୁମ ବାସ୍ନା
ହୋଇ ପୁରା ମଥାନତ ।

****


ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

# ସମ୍ବଲପୁରରୁ ଶେଷ ଶ୍ୱାସ ଯାଏ



**କାର୍ତ୍ତିକ ଦାସ**

ଅଭିଧାନ କେବେ କହି ପାରିବନି ତୁମ ଦମ୍ଭ ପରିଭାଷା ।
ଇତିହାସ ସବୁ ଲେଖି ପାରିନାହିଁ ଯାହା ଥିଲା ତୁମ ନିଶା ।
ହେ ବୀର ସୁରେନ୍ଦ୍ର ସାଏ ।
ଆଦ୍ୟ କୈଶୋରରୁ ଅବିକଳ୍ପ ଥିଲ ତୁମେ ଶେଷ ଶ୍ୱାସ ଯାଏ ।।
ବିଦେଶୀ ଶାସନ, ଶୋଷଣ, ଲୁଣ୍ଠନ ଏ ଦେଶେ ଚଳିବ ନାହିଁ ।
ଫେରିଯାଅ ତୁମେ ହେ ଇଂରେଜ ଜାତି ଏଠି ତୁମ
ସ୍ଥାନ ନାହିଁ ।
ଥିଲା ତୁମ ଦମ୍ଭ ବାଣୀ ।
ତୁମ ନେତୃତ୍ୱର କାଉଁରୀ-ଜଳରେ ସ୍ରୋତ ବହିଲା ଉଜାଣି ।
ପଶ୍ଚିମ ଓଡିଶା ଆଦିବାସୀ ମେଳି ରୂପ ନେଲା ଭୟଙ୍କର ।
ବହ୍ନି ଶିଖା ପ୍ରାୟ ଜାଳି ଦେଲା ଅବା ବହୁ ସ୍ୱପ୍ନ ଫିରିଙ୍ଗିର ।
କଳେ ବଳେ ବନ୍ଦୀ କରି ।
ଜେଲ, ନିର୍ବାସନ ଭୋଗିଲେ ତଥାପି ତୁମେ ତ ନଥିଲ ହାରି ।
ତ୍ୟାଗ, ନିଷ୍ଠା, ସ୍ୱାଭିମାନ ଉପାଦାନେ ଗଢା ଥିଲା ତୁମ ପ୍ରାଣ ।
ଏ ଜାତି ସ୍ମରୁଛି ତୁମ ଜୟନ୍ତୀରେ ଅରପି ଶ୍ରଦ୍ଧା ସୁମନ ।
ସ୍ୱତନ୍ତ୍ର ପ୍ରତିଭୂ ବୀର ।
ସମ୍ମାନ ଜଣାଇ ତୁମ ଉତ୍ସର୍ଗକୁ ବାଢେ କୋଟି ନମସ୍କାର ।।

****


ସମ୍ପାଦକ, ଶ୍ରୀ ଅଚ୍ୟୁତ ସାରସ୍ୱତ ପରିଷଦ,
ନେମାଳ


# ପ୍ରେୟସୀ ଗୋ ତୁମେ



**ଅଜୟ କୁମାର ବେହେରା**

ପ୍ରେୟସୀ ଗୋ ତୁମେ ଦେହ-ତଟିନୀରେ
ଭରନା ଏମିତି ଶୋଷ
ଯାହା ଲାଗି ଆଜି ଦୁନିଆ-ପୀୟୁଷ
ତୁମ ବିନା ଲାଗେ ବିଷ ।।

ମନ ତଳେ ଆଜି ଜାଗି ଯାଇଅଛି
ଅସରନ୍ତି କେତେ କାମନା
ଅଜାଣତେ ମୋତେ ଯାଇଅଛି ଛୁଇଁ
ମୋହ, ମାୟା, ପ୍ରୀତି-ବାସନା
ମୁଁ ଖାଲି ଚାହିଁଛି ଥରୁଟିଏ ଲାଗି
ପୀରତିର ଅଧିବାସ
ପ୍ରେୟସୀ ଗୋ ତୁମେ ଦେହ-ତଟିନୀରେ
ଭରନା ଏମିତି ଶୋଷ ।।

ଅଦିନେ ବହଇ ମଳୟ ପବନ
ଫଗୁଣକୁ ଧରି ସାଥିରେ
ବୋଳି ଦେଇ ରଙ୍ଗ ଉଦାସ ମନରେ
ଭିଜିବାକୁ କେତେ ଆଶାରେ
ତୁମେ ଆସି ଥରେ ମଉନ ଓଠରେ
ଚହଟାଇ ଦିଅ ହସ
ପ୍ରେୟସୀ ଗୋ ତୁମେ ଦେହ-ତଟିନୀରେ
ଭରନା ଏମିତି ଶୋଷ ।।

****


**ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ**
**ଜଗତସିଂହପୁର**



# ବଡ ଘରର କୁକୁର

ସୌଭାଗ୍ୟ କୁମାର ସାହୁ

କୁକୁର ଜନମ ଦିଅ ମତେ ପ୍ରଭୁ
ଐଶ୍ୱର୍ଯ୍ୟା କୋଳରେ ଶୋଉଥିବି
ଟମି ଟମି ମୋତେ ଡାକୁଥିବ ସିଏ
ଗାଲକୁ ତାହାର ଚାଟୁଥିବି ।।୦।।

ବିପାଶା ଆଣିବା ଫରେନ ରୁ ଡ୍ରେସ
ନିତି ନୂଆ ଜାମା ପିନ୍ଧୁଥିବି
ଦୀପିକା ସହିତ ଏସି ହୋଟେଲରେ
ନାଇଟୀ ଡ଼ିନର କରୁଥିବି ।।୧।।

କ୍ୟାଟ୍ରିନା କହୁଥିବା ସ୍ୱିଟି  ହାର୍ଟ ବୋଲି
କରିନା ଠୁ ହାଲୋ ହାୟ ଶୁଣୁଥିବି
ମଣିଷ ଜନମ ପାଇ କେତେ ଆଉ
ଛିଣ୍ଡାକାନା ପିନ୍ଧି ବୁଲୁଥିବି
ଅଇଁଠା ପତର ଚାଟୁଥିବି
କୁକୁରଠୁ ହୀନ ହେଉଥିବି ..।।୨।।

****

ସୋଗର, ଢେଙ୍କାନାଳ
ମୋ.: 8249801008



# ଯନ୍ତ୍ରଣା ମୋ ନିହାତି ନିଜର

ଶ୍ରୀମନ୍ତ ବିଶ୍ୱାଳ



ଅଭିମାନି ଅଳସୀ ଜହ୍ନ ପରି
ତମେ ଅନାୟାସରେ ତୋଳି ଦିଅ
ଜୀବନ ମୂର୍ଚ୍ଛନାରେ ରାଗିଣୀ
ମନେ ପଡେ
ଫିକା ସେ ଜୋଛନା ଭିଜା
ସେଦିନର ପୁନେଇଁ ରାତି
ପୁବେଇ ପବନ
ଆଉ କିଛି ଚୁପୁର ଚାପୁର
ତମ ସହ ଗପିଥିବା
ବିସ୍ମୃତ ଅଧା ଗଢ଼ା କାହାଣୀର
ଜୀବନ୍ତ ସମାଧି ତଳେ
ଆଜି ବି ମୁଁ ପ୍ରତୀକ୍ଷାରତ
ସେଦିନର ଭିଜା କାକର ଟୋପା ଭଳି
ବେଶ୍ ସତେଜ ତୁମ ସ୍ମୃତି ସମର୍ପଣ
ଆଉ ଆଲିଙ୍ଗନ
ଆଜି ଅନାହୁତ ଯନ୍ତ୍ରଣା
ଆଉ ତୃଷ୍ଣାରେ ବିଧସ୍ତ
ଜୀବନର ମରୁଭୂମିରେ ଛଟପଟ
ପ୍ରତିଟି ମୁହୂର୍ତ୍ତ ରେ ଜର୍ଜରିତ ମୁଁ
ଅହେତୁକ ସେ କମ୍ପନ
ଆଜି ପ୍ରତାରଣା ସବୁ ଫୁଲ ଭଳି ଲାଗେ
ଆଖି ର ଲୁହ ସବୁ ବେଶ୍ ଆପଣାର ଲାଗେ
ଖୁବ୍ ମନେପଡ ତମେ
ସମ୍ପର୍କରେ ସ୍ୱାର୍ଥ ନ ଥାଏ
ଥାଏ କେବଳ ତ୍ୟାଗ ଆଉ ଭଲପାଇବା
ସେଇ ପୁରୁଣା ତୁମ ହାତ ଲେଖା
ଅସମ୍ପୂର୍ଣ୍ଣ ଚିଠିର ପ୍ରତିଟି ଶବ୍ଦ
ଆଜି ଅବଶ କରିଦିଏ ମୋତେ
ଆଉ କାଲି ଭଳି ଆଜି ବି
ସବୁଦିନ ଅପେକ୍ଷା କରେ ତୁମ ଚିଠିକୁ
ଆଉ ତୁମ ଫେରିବା ବାଟକୁ  ।।

****

ସମାଜସେବୀ, ଲେଖକ, କଣ୍ଠଶିଳ୍ପୀ
ଗୁରୁଗ୍ରାମ - ୯୯୯୧୨୩୩୫୬

# Ramsar site Satkosia Gorge




# Hirakud, Sambalpur










Published by : Oriya Cultural & Welfare Association (OCWA), New Delhi, Printed by : Kunwar Designer & Printer, Mob.: 98101 62583